


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

*The Dhwani Pratidhwani*

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୧୫ ସେପ୍ଟେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 15 SEPTEMBER 2021
Vol.No. 32 ■ No. 237 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଚାନ୍ଦିପୁର ପ୍ରତିରକ୍ଷା ବିଭାଗ ତଥ୍ୟ ବାହାର ରାଷ୍ଟ୍ରକୁ ଚାଲାଣ

### କେନ୍ଦ୍ରୀୟ ଗୋଇନ୍ଦା ବିଭାଗ ନିର୍ଦ୍ଦେଶରେ ଗିରଫ ହେଲେ ୪ ଠିକା କର୍ମଚାରୀ

ବାଲେଶ୍ୱର,୧୪/୦୯ (ନି.ପ୍ର): ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଗବେଷଣା ଉନ୍ନୟନ ସଂସ୍ଥାନ (ଡିଆରଡିଓ) ତଥା ଏକୀକୃତ ପରୀକ୍ଷଣ କେନ୍ଦ୍ର (ଆଇଟିଆର)ରେ କାର୍ଯ୍ୟରତ ଥାଇ ବିଦେଶୀ ରାଷ୍ଟ୍ରକୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ ନେଇ ୪ ଠିକା କର୍ମଚାରୀଙ୍କୁ ଗିରଫ କରିଛି ଜିଲା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ବସନ୍ତ ବେହେରା, ପ୍ରକାଶ ବେରା, ଶେଖ୍ ମୁସାକ। ଅନ୍ୟଜଣଙ୍କର ପରିଚୟ ଅଦ୍ୟାବଧି ମିଳିପାରି ନାହିଁ। ସମସ୍ତଙ୍କ ଘର ଚାନ୍ଦିପୁର ରୋଡ୍, ଝାମ୍ପୁରାହାଟ ଓ ନୂଆନଇ ଘାଟ ଅଞ୍ଚଳର ବୋଲି ଜଣାପଡ଼ିଛି। ମିଳିଥିବା ସୂଚନା ଅନୁସାରେ ମଧ୍ୟରୁ ବସନ୍ତ



ବେହେରା କମ୍ପ୍ଲେକ୍ସ-୩ରେ ଏସି ଅପରେଟର ଭାବେ କାର୍ଯ୍ୟ କରୁଥିବା ବେଳେ ଅନ୍ୟ ୩ ଜଣ ସେଠାରେ ଅନ୍ୟାନ୍ୟ ବିଭାଗରେ ଠିକା କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ। ତେବେ ବସନ୍ତଙ୍କ ମୋବାଇଲ ଫୋନକୁ ବାରମ୍ବାର ଇଣ୍ଟରନ୍ୟାସନାଲ କଲ ଆସିବା ଏବଂ ତାଙ୍କ ଫୋନରୁ ମଧ୍ୟ ବାହାର ରାଷ୍ଟ୍ରକୁ କଲ ଯାଉଥିବା ନେଇ କେନ୍ଦ୍ରୀୟ ଗୋଇନ୍ଦା ବିଭାଗ ଟ୍ରାକିଂରୁ ଜଣାପଡ଼ିଥିଲା। ପରେ କ୍ରାଇମ ବ୍ରାଞ୍ଚ ନିର୍ଦ୍ଦେଶ କ୍ରମେ ଜିଲା ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଉଦ୍ୟମ ଆରମ୍ଭ କରିଥିଲା। ପୂର୍ବାଞ୍ଚଳ ଆଇଜି ହିମାଂଶୁ ଲାଲଙ୍କ ନିର୍ଦ୍ଦେଶ କ୍ରମେ ଏକାଧିକ ଡିଏସପି ଓ ୬ ଗୋଟି ଥାନାର ଅଧିକାରୀ ତଥା ଅନ୍ୟାନ୍ୟ ପୁଲିସଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଟିମ ସୋମବାର ରାତିରେ ସମସ୍ତଙ୍କ ଘର ଠାବ ସହ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା । ପଡ଼ୋଶୀ ରାଷ୍ଟ୍ର ପାକିସ୍ତାନ ଏଜେଂଟଙ୍କୁ ଦେଶର ପ୍ରତିରକ୍ଷା ସମ୍ପର୍କିତ ତଥ୍ୟ ପ୍ରଦାନ କରୁଥିବା ଗୁଇନ୍ଦା ବିଭାଗ ସନ୍ଦେହ କରିଥିଲା। ରାଜସ୍ଥାନ ସୀମା ଆରପଟରୁ ଏହି ଇଣ୍ଟରନ୍ୟାସନାଲ କଲ ଆସୁଥିବା ଜଣାପଡ଼ିଛି। ପୂର୍ବରୁ ପାକିସ୍ତାନ ଆଇଏସଆଇ ପାଇଁ ଗୁଇନ୍ଦାଗିରି କରି ଆଜୀବନ ଜେଲ ସଜା କାଟୁଛନ୍ତି ଈଶ୍ୱର ବେହେରା । ସେ ମଧ୍ୟ ଚାନ୍ଦିପୁର ପ୍ରତିରକ୍ଷା ବିଭାଗରେ ଠିକା ଫଟୋ ଗ୍ରାଫର ଭାବେ କାମ କରୁଥିଲେ। ପଡ଼ୋଶୀ ପାକିସ୍ତାନର ଆଇଏସଆଇ ଏଜେଣ୍ଟଙ୍କୁ ଗୋପନୀୟ ତଥ୍ୟ ଦେଇଥିବା ଅଭିଯୋଗରେ ସେ ମଧ୍ୟ ଗିରଫ ହୋଇଥିଲା ।

## ମୂର୍ତ୍ତି ଉଚ୍ଚତା ବିବାଦକୁ ନେଇ କୋର୍ଟ ଗଲେ ପୂଜାକମିଟି ସଦସ୍ୟ

ଭୁବନେଶ୍ୱର,୧୪/୦୯(ନି.ପ୍ର): ମୂର୍ତି ଉଚ୍ଚତାକୁ ନେଇ ବିବାଦ କମିବା ବଦଳରେ ବଢ଼ିଚାଲିଛି । ରାଜରାସ୍ତାର ଆନ୍ଦୋଳନ ହାଇକୋର୍ଟରେ ପହଞ୍ଚିବା ସହ ପ୍ରସଙ୍ଗରେ ରାଜନୀତିର ରଙ୍ଗ ଲାଗିଛି । ୪ ଫୁଟର ଉଚ୍ଚତା ପଛର କାରଣ ଓ ସରକାରଙ୍କ ତମାମ ଆଲୋଚନାରୁ ସୁଫଳ ମିଳୁନଥିବା ବେଳେ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଟ୍ୱିଟ୍ ମାମଲାକୁ ଗୋଳମାଳିଆ କରିଛି । ଏହାରି ଭିତରେ ସ୍ୱାସ୍ଥ୍ୟ ବିଭାଗର ୩ ବରିଷ୍ଠ ଅଧିକାରୀ ସରକାରଙ୍କ ଗାଇଡଲାଇନ ପଛର କାରଣ କହି ଲୋକଙ୍କୁ ବୁଝାଇବାକୁ ଚେଷ୍ଟା କରିଛନ୍ତି । ହାଇକୋର୍ଟ ଗଲା ମୂର୍ତ୍ତି ଉଚ୍ଚତା ବିବାଦ । ସରକାରଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ପିଟିସନ୍ । ରାଜପଥର ଆନ୍ଦୋଳନ, ପାୱାର କରିଡର୍ ରାସ୍ତା ଦେଇ ଏବେ ହାଇକୋର୍ଟରେ । ମୂର୍ତ୍ତି ଉଚ୍ଚତା ୪ ଫୁଟ ଭିତରେ ହିଁ ରଖିବାକୁ ସରକାର ଚୁଡାନ୍ତ ନିଷ୍ପତ୍ତି ନେବା ପରେ ଏହାକୁ ବିରୋଧ କରି ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛି



ବାଲୁବଜାର ପୂଜା କମିଟି । ପୂର୍ବଭଳି ଉଚ୍ଚ ମୂର୍ତ୍ତି କରିବାକୁ ଅନୁମତି ଦିଆଯାଉ ବୋଲି ଏଥିରେ ଯୁକ୍ତି ଦର୍ଶାଯାଇଥିବା ବେଳେ କୋର୍ଟ ଏହାକୁ ଗ୍ରହଣ କରି ସରକାରଙ୍କୁ ନୋଟିସ୍ କରିଛନ୍ତି । ଏପଟେ ମୂର୍ତ୍ତି ବିବାଦରେ ମୁଣ୍ଡ ପୁରାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଟ୍ୱିଟ୍ କରି କହିଛନ୍ତି, କଟକର ସାହି କମିଟି, ପୂଜା କମିଟି, ଶାନ୍ତି କମିଟି ଓ ସଂଗଠନର ଭିନ୍ନ ମତ ଆସୁଛି, ରାଜ୍ୟ ସରକାର ଏହାକୁ ଗୁରୁତ୍ୱର ସହ ସହ ନେଇ ପୁନର୍ବାର ଆଲୋଚନା କରନ୍ତୁ, ଭାବାବେଗକୁ ଦୃଷ୍ଟିରେ ରଖି ଶୃଙ୍ଖଳିତ ପୂଜାର୍ଚ୍ଚନା ପାଇଁ ବ୍ୟବସ୍ଥା ନେଇ ଆଶାବାଦୀ, ମହାମାରୀର ପ୍ରକୋପ କମିଛି, ନିୟମ ପାଳନ କରି ପୂଜାର୍ଚ୍ଚନା ଶୃଙ୍ଖଳିତ ହୋଇପାରିବ। ବଡ କଥା ହେଉଛି, ନିଜର ୪ଟି ଟ୍ୱିଟରେ କେନ୍ଦ୍ରମନ୍ତ୍ରୀ ନିଜ ଆଭିମୁଖ୍ୟ ସ୍ପଷ୍ଟ କଲା ଭଳି ଲାଗୁନାହିଁ । କାରଣ, ମୂର୍ତ୍ତିର ଉଚ୍ଚତା ବଢ଼ିବା ଉଚିତ କି ନୁହେଁ, ସେନେଇ ସେ କିଛି ବି ଇଙ୍ଗିତ କରିନାହାନ୍ତି ।

▶▶ପୃଷ୍ଠା ୭

## ଦୁର୍ଦ୍ଦାନ୍ତ ମାଓ ନେତା ଦୁବାସି ଶଙ୍କର ଗିରଫ

ଭୁବନେଶ୍ୱର,୧୪/୦୯ (ନି.ପ୍ର): ଦୁର୍ଦ୍ଦାନ୍ତ ମାଓ ନେତା ଦୁବାସି ଶଙ୍କରକୁ ଗିରଫ ହୋଇଛି। ତାକୁ କୋରାପୁଟ ଜିଲ୍ଲା ବୈପାରିଗୁଡ଼ା ଅଂଚଳରୁ ଗିରଫ କରାଯାଇଥିବା ରାଜ୍ୟ ପୋଲିସ ଡିଜି ଅଭୟ ମଙ୍ଗଳବାର ଅପରାହ୍ନରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ତା ନିକଟରୁ ଇନସାସ ରାଇଫଲ, ୧୦ ରାଉଣ୍ଡ ଗୁଳି, ନଗଦ ୩୫ ହଜାର ଟଙ୍କା, ମୋବାଇଲ ଫୋନ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି । ଶଙ୍କରକୁ କୋର୍ଟ ଚାଲାଣ କରାଯାଇଛି । ତାକୁ ରିମାଣ୍ଡରେ ଅଣାଯିବ ବୋଲି ଡିଜିପି କହିଛନ୍ତି । ଆନ୍ଧ୍ର-ଓଡ଼ିଶା ସ୍ପେଶାଲ ଜୋନାଲ କମିଟିର ସଦସ୍ୟ ଥିବା ଶଙ୍କର ମୁଣ୍ଡରେ ୨୦ ଲକ୍ଷ ଟଙ୍କାର ପୁରସ୍କାର ରହିଥିଲା । ୧୯୮୭ରେ ମାଓ ସଂଗଠନରେ ଯୋଗ ଦେଇଥିବା ଶଙ୍କର ନାଁରେ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶରେ ଅନେକ ମାମଲା ରହିଛି । ବିଶାଖାପାଟଣା, କୋରାପୁଟ, ମାଲକାନଗିରିରେ ହୋଇଥିବା ମାଓ ଆକ୍ରମଣରେ ଏହାର ହାତ ରହିଥିବା କୁହାଯାଉଛି । ବିଶେଷକରି ୨୦୦୯ରେ ଦାମନଯୋଡ଼ିରେ ହୋଇଥିବା ମାଓ ଆକ୍ରମଣ ଯେଉଁଥିରେ ୧୦ ସିଆଇଏସଏଫ ଯବାନ ସହିଦ ହୋଇଥିଲେ, ସେଥିରେ ସେ ସଂପୃକ୍ତ ଥିଲା । ଏହାଛଡ଼ା ୨୦୧୦ରେ ହୋଇଥିବା ଗୋବିନ୍ଦପାଲି ବିସ୍ଫୋରଣରେ ମଧ୍ୟ ସେ ସଂପୃକ୍ତ ଥିଲା ।

## ଅଙ୍ଗନବାଡ଼ି ଦିଦିଙ୍କ ୪ କୋଟି ସମ୍ପତ୍ତି ଠାବ

ଭୁବନେଶ୍ୱର,୧୪/୦୯ (ନି.ପ୍ର): ଭୁବନେଶ୍ୱରରେ କୋଟିପତି ଅଙ୍ଗନବାଡ଼ି ଦିଦି। ଭିଜିଲାନ୍ସ ଚଢ଼ାଉ ବେଳେ ଅଙ୍ଗନବାଡ଼ି ଦିଦି କବିତା ମାଥନଙ୍କର ୪ କୋଟିର ସଂପତି ଠାବ ହୋଇଛି। ତାଙ୍କର ଭୁବନେଶ୍ୱରରେ ୪ଟି କୋଠା ରହିଛି। ତା' ଭିତରେ ଗୋଟିଏ ୪ ମହଲା, ଗୋଟିଏ ୩ ମହଲା ଓ ୨ଟି ୨ ମହଲା କୋଠା ରହିଛି। ଭୁବନେଶ୍ୱରରେ ୧୦ଟି ପ୍ଲଟ ସହ ମୋଟ ୧୪ ପ୍ଲଟ ଠାବ ହୋଇଛି। ଜଗତସିଂହପୁର ତଳକୁସୁମାରେ ୩ଟି ଓ ବାଲିଅନ୍ତାରେ ଗୋଟିଏ ପ୍ଲଟ ମଧ୍ୟ ରହିଛି। ଗୋଟିଏ କାର, ୩ଟି ଦୁଇ ଚକିଆ ଗାଡ଼ି, ୨.୨ ଲକ୍ଷର ବୀମା



ଠାବ ହୋଇଛି। ଏହା ବ୍ୟତୀତ ଦିଦିଙ୍କ ଘରୁ ୬ ଲକ୍ଷ ୩୬ ହଜାର ମୂଲ୍ୟର ୨୧୨ ଗ୍ରାମ ସୁନା ମିଳିଛି। ଭିଜିଲାନ୍ସ ଟିମ୍ ରେ ୧୦ ଡିଏସ୍‌ପି ଓ ୫ ଇନ୍ସପେକ୍ଟର ସାମିଲ ଥିଲେ। ଅଙ୍ଗନବାଡ଼ି ଦିଦି କବିତା ମାଥନଙ୍କ ନାଁରେ ଆୟ ବହିର୍ଭୂତ ସମ୍ପତି ଠୁଳ ଅଭିଯୋଗ ଆସିଥିଲା। ଏହା ପରେ ଭିଜିଲାନ୍ସର ୬ଟି ଟିମ୍ ୬ଟି ସ୍ଥାନରେ ଏକ କାଳିନ ଚଢ଼ଉ କରିଥିଲା।

## ଅକ୍ଟୋବର ୧ରୁ ଯୁକ୍ତ ଦୁଇ ଅଫଲାଇନ୍ ପରୀକ୍ଷା

ଭୁବନେଶ୍ୱର,୧୪/୦୯ (ନି.ପ୍ର): ଆସନ୍ତା ଅକ୍ଟୋବର ୧ରୁ ଆରମ୍ଭ ହେବ ଯୁକ୍ତ ଦୁଇ ଅଫଲାଇନ୍ ପରୀକ୍ଷା। ଏହି ପରୀକ୍ଷା ଅକ୍ଟୋବର ୧ରୁ ୧୧ ତାରିଖ ଯାଏଁ ଚାଲିବ। ରବିବାର ଦିନ ମଧ୍ୟ ପରୀକ୍ଷା ହେବା ନେଇ ସିଏଚଏସଇ ପକ୍ଷରୁ ସୂଚନା ଦିଆଯାଇଛି। ବିକଳ୍ପ ମୂଲ୍ୟାୟନକୁ ନେଇ ଅସନ୍ତୁଷ୍ଟ ଥିବା ଛାତ୍ରଛାତ୍ରୀ ଅଫଲାଇନ୍ ରେ ପରୀକ୍ଷା ଦେବେ। ଅଫଲାଇନ୍ ରେ ପରୀକ୍ଷା ଦେବା ପାଇଁ ୧୩,୦୪୩ ଛାତ୍ରଛାତ୍ରୀ ଆବେଦନ କରିଛନ୍ତି।

## ହୀରାକୁଦର ୬ ଟି ଗେଟ୍ ଖୋଲିଲା

ଭୁବନେଶ୍ୱର,୧୪/୦୯ (ନି.ପ୍ର): ହୀରାକୁଦ ଜଳଭଣ୍ଡାରର ୬ଟି ଗେଟ୍ ଖୋଲିଛି। ପ୍ରଥମ ପର୍ଯ୍ୟାୟରେ ହୀରାକୁଦର ୩ ନମ୍ବର ଓ ୭ ନମ୍ବର ଗେଟ୍ ଖୋଲା ଯାଇଥିଲା। ପର୍ଯ୍ୟାୟ କ୍ରମେ ହୀରାକୁଦର ମୋଟ ୬ଟି ଗେଟ୍ ଖୋଲିଛି। ସଂଧ୍ୟା ୬ଟା ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୬୨୭.୦୪ ଫୁଟ୍ ରହିଛି। ଜଳଭଣ୍ଡାର ମଧ୍ୟକୁ ୧,୭୬,୫୬୦ କ୍ୟୁସେକ୍ ଜଳ ପ୍ରବେଶ କରୁଥିବା ବେଳେ ୧,୨୭,୦୮୭ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଖଇରାମାଳ ଠାରେ ୪,୪୩,୦୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ବେଳେ ବରମୂଳ ଠାରେ୫,୪୩,୦୦୦



ଏବଂ ମୁଣ୍ଡଳୀ ଠାରେ୪,୭୪,୬୨୪ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ଏହା ପୂର୍ବରୁ ହୀରାକୁଦ ଡ୍ୟାମ୍‌ର ମୁଖ୍ୟଯନ୍ତ୍ରୀ ଆନନ୍ଦ ଚନ୍ଦ୍ର ସାହୁ କହିଥିଲେ ଯେ ହୀରାକୁଦ ବନ୍ଧର ଉପରମୁଣ୍ଡରେ ୪୬.୪୬ ମିଲିମିଟର ବର୍ଷା ହୋଇଥିବା ବେଳେ ତଳମୁଣ୍ଡରେ ୧୨୨.୯୪ ମିଲିମିଟର ବର୍ଷା ହୋଇଛି। ଏବେ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୧.୯୨ ଲକ୍ଷ କ୍ୟୁସେକ୍ ଜଳ ପ୍ରବେଶ କରୁଛି। ତଳ ମୁଣ୍ଡ ଓ ଉପରମୁଣ୍ଡରେ ସ୍ଥିତିକୁ ବିଚାରକୁ ନେଇ ଅପରାହ୍ଣ ୫ଟାରୁ ପର୍ଯ୍ୟାୟ କ୍ରମେ ଡ୍ୟାମ୍ ର ୬ଟି ଗେଟ୍ ଖୋଲିବାକୁ ନିଷ୍ପତି ହୋଇଛି। ସେହିଭଳି ଆସନ୍ତାକାଲି ସ୍ଥିତିକୁ ଦେଖି ଗେଟ୍ ଖୋଲା ଯିବ।

## କଟକବାସୀଙ୍କ ଭାବାବେଗକୁ ସମ୍ମାନ ଦିଅନ୍ତୁ ରାଜ୍ୟ ସରକାର : ଧର୍ମେନ୍ଦ୍ର

ଭୁବନେଶ୍ୱର,୧୪/୦୯ (ନି.ପ୍ର): କଟକବାସୀଙ୍କ ଭାବାବେଗକୁ ଦୃଷ୍ଟିରେ ରଖି ଶୃଙ୍ଖଳିତ ଭାବରେ ମାଆଙ୍କ ପୂଜାର୍ଚ୍ଚନା ପାଇଁ ବ୍ୟବସ୍ଥା କରିବା ପାଇଁ ରାଜ୍ୟ ସରକାର ଉଚିତ୍ ପଦକ୍ଷେପ ନେବେ ବୋଲି ଟ୍ୱିଟ୍ ଜରିଆରେ ଆଶାପ୍ରକଟ କରିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେହିପରି କଟକ ଚଣ୍ଡି ମନ୍ଦିରର ରକ୍ଷଣାବେକ୍ଷଣ ଉପରେ ଶ୍ରୀ ପ୍ରଧାନ ଗୁରୁତ୍ୱାରୋପ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ଯେ ଓଡ଼ିଶାର ଐତିହାସିକ ସହର କଟକରେ ପୂଜା ପାର୍ବଣର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। କିଛି ଦିନ ପୂର୍ବରୁ ଦୁର୍ଗା ପୂଜା ପାଳନକୁ ନେଇ ଏଠାରେ ଏକ ବିବାଦ ମୁଣ୍ଡ ଟେକିଛି। ମୂର୍ତି ଉଚ୍ଚତା



ଏବଂ ପୂଜାର ରୀତିନୀତି ନେଇ ଚର୍ଚ୍ଚା, ଆଲୋଚନା ଏବଂ ଆନ୍ଦୋଳନ ଜାରି ରହିଛି। କଟକର ସାହୀ କମିଟି, ପୂଜା କମିଟି, ଶାନ୍ତି କମିଟି, ବୁଦ୍ଧିଜୀବୀ, ବିଭିନ୍ନ ସାଂସ୍କୃତିକ ଓ ସାମାଜିକ ସଂଗଠନ ପକ୍ଷରୁ ଭିନ୍ନ ଭିନ୍ନ ମତ ଆସୁଛି। ରାଜ୍ୟ ସରକାର ଏହି ପ୍ରସଙ୍ଗକୁ ଗୁରୁତ୍ୱର ସହ ନେଇ ପୁନର୍ବାର ସମସ୍ତଙ୍କ ସହ ଆଲୋଚନା କରି କଟକବାସୀଙ୍କ ଭାବାବେଗକୁ ଦୃଷ୍ଟିରେ ରଖି ଶୃଙ୍ଖଳିତ ଭାବରେ ମାଆଙ୍କ ପୂଜାର୍ଚ୍ଚନା ପାଇଁ ବ୍ୟବସ୍ଥା କରିବେ ବୋଲି ମୁଁ ଆଶା ରଖୁଛି। କୋଭିଡ୍ ମହାମାରୀର ପ୍ରକୋପ କିଛି ମାତ୍ରାରେ କମିଲା ଭଳି ଲାଗୁଛି। କୋଭିଡ୍ ନିୟମକୁ ପାଳନ କରି କିଭଳି କଟକରେ ମାଆଙ୍କ ପୂଜାର୍ଚ୍ଚନା ଶୃଙ୍ଖଳିତ ଭାବେ ହୋଇପାରିବ, ତାହାକୁ ଆପୋଷ ଆଲୋଚନା ମାଧ୍ୟମରେ ସମାଧାନ କରାଯିବାର ଆବଶ୍ୟକତା ରହିଛି। ଗତକାଲି ଲଗାଣ ବର୍ଷାରେ କଟକର ଅଧିଷ୍ଠାତ୍ରୀ ଦେବୀ ମା' କଟକ ଚଣ୍ଡି ମନ୍ଦିରର ଦର୍ଶନ ମଣ୍ଡପର ସିଲିଂରୁ କିଛି ଅତଡ଼ା ଖସିଥିବା ଜାଣିବାକୁ ପାଇଲି। ଏହି ମନ୍ଦିରର ସୁରକ୍ଷା ଏବଂ ରକ୍ଷଣାବେକ୍ଷଣ କରିବା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେବେ ବୋଲି ଆଶା କରୁଛି ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ।

## ସୁନ୍ଦରଗଡରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଂଟନର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୪/୦୯ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଦିନ ରାଉରକେଲା ଠାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସୁନ୍ଦରଗଡ ଜିଲ୍ଲାବାସୀଙ୍କ ପାଇଁ ସ୍ମାର୍ଟ ହେଲ୍‌ଥ କାର୍ଡ୍ ବଂଟନର ଶୁଭାରମ୍ଭ କରିଛନ୍ତି। ବିଜୁସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସ୍ମାର୍ଟ ହେଲଥ୍ କାର୍ଡ ଦ୍ୱାରା ରାଜ୍ୟର ୯୬ ଲକ୍ଷ ପରିବାରର ସାଢେ ତିନି କୋଟି ଲୋକ ଉପକୃତ ହେବେ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହାଦ୍ୱାରା ଆମର ଗରିବ ଲୋକମାନେ ସ୍ୱାସ୍ଥ୍ୟ ସେବା ପାଇଁ ଅନେକ ସମସ୍ୟାରୁ, ବିଶେଷକରି ଚିକିତ୍ସା ଖର୍ଚ୍ଚ ଜନିତ ଆର୍ଥିକ ସମସ୍ୟାରୁ ମୁକ୍ତ ହୋଇପାରିବେ । ଲୋକମାନେ ସ୍ୱାସ୍ଥ୍ୟ ସମସ୍ୟାରେ ପଡିଲେ ଚିକିତ୍ସା ପାଇଁ କିପରି ଜମିବାଡି ବିକିବାକୁ ବାଧ ହୁଅନ୍ତି, ପିଲାଙ୍କ ପାଠପଢା ବନ୍ଦ କରନ୍ତି, ସେ ସବୁ ବିଷୟରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ଏହା ତାଙ୍କୁ ବହୁତ ଦୁଃଖ ଦେଇଥାଏ। ବର୍ତମାନ ଲୋକମାନେ ବିନା କୌଣସି ଅସୁବିଧାରେ କାର୍ଡ ଖଣ୍ଡିଏ ଧରି ଦେଶର ୨୦୦ ବଡ ବଡ ହସ୍‌ପିଟାଲରେ ଭଲ ଚିକିତ୍ସା ପାଇପାରିବେ ।

▶▶ପୃଷ୍ଠା ୭

## ସ୍ୱିଗି ବୟ ନିଜେ ରଚିଥିଲା ନିଜ ଅପହରଣ ନାଟକ

ଭୁବନେଶ୍ୱର,୧୪/୦୯(ନି.ପ୍ର): ଅପହରଣ ନୁହେଁ ବରଂ ପ୍ରେମିକାଙ୍କ ସହ ଫୁର ମାରିଥିଲେ ସ୍ୱିଗି ଡେଲିଭରୀ ବୟ । ମଧ୍ୟପ୍ରଦେଶରୁ ଧରାପଡିବା ପରେ ଏହି ପୂରା ମାମଲାର ପର୍ଦ୍ଦାଫାଶ ହୋଇଛି । ସୂଚନା ଅନୁସାରେ ଧନ ବୋଲି ଡାକି ନିଜ ସ୍ତ୍ରୀଙ୍କୁ ପଠାଇଥିବା ଅଡିଓ ହିଁ ପତିତପାବନଙ୍କୁ ଧରା ପକାଇ ଦେଇଥିଲା । ୨ଟି ଭିନ୍ନ ଭିନ୍ନ ଲୋକେସନରେ ଏବଂ ଅଡିଓରେ ଥିବା ସ୍ୱର ହିଁ ପୋଲିସକୁ ଖୋରାକ ଯୋଗାଇଥିଲା ଡେଲିଭରୀ ବୟଙ୍କ ଉପରେ ତଦନ୍ତକୁ କେନ୍ଦ୍ରୀଭୂତ କରିବା ପାଇଁ । ଦୁଇ ଦିନ ତଳେ କେହି ଦୁର୍ବୃତ୍ତ ତାଙ୍କୁ ଅପହରଣ କରି ନେଇଛନ୍ତି ବୋଲି ସ୍ତ୍ରୀଙ୍କୁ ଫୋନ କରି ଏମିତି କହୁଥିଲେ ସ୍ୱିଗି ବୟ



ପତିତପାବନ ପୃଷ୍ଟି । କିଏ ଜାଣିଥିଲା, ଏହା ନାଟକ ଥିଲା, ନିଜ ସ୍ତ୍ରୀକୁ ଠକିବା ପାଇଁ ଏକ ବାହାନା ଥିଲା । ଆଉ ଏହି ବାହାନାରେ ସ୍ତ୍ରୀକୁ ଛାଡି ପ୍ରେମିକା ସହ ଫେରାର ହେବା ପାଇଁ ପ୍ଲାନ ହୋଇଥିଲା । ନାଟକ ଥିଲା ଅପହରଣ । ମଧ୍ୟପ୍ରଦେଶରୁ ଯୁବତୀଙ୍କ ସହ ଧରାପଡିଲେ ସ୍ୱିଗି ବୟ । ପତିତପାବନ କୁଆଡେ ଗଲେ, କେଉଁଠି ଅଛନ୍ତି, ଓଡିଶା ପୋଲିସ ଖୋଜୁଥିବାବେଳେ ମଧ୍ୟପ୍ରଦେଶର ଏକ ରେଳ ଷ୍ଟେସନରୁ ତାଙ୍କୁ ଠାବ କରାଯାଇଛି । ତାଙ୍କ ସହ ଜଣେ ଯୁବତୀ ମଧ୍ୟ ଥିବା ଦେଖିବାକୁ ମିଳିଛି । ତାଙ୍କୁ ଓଡିଶା ଆଣିବା ପାଇଁ ଜଣେ ଆଇଆଇସିଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ମଧ୍ୟପ୍ରଦେଶ ଯାଇଛି । ଅପହରଣ କରାଯାଇଥିବା ନେଇ ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରିଥିଲା । କିନ୍ତୁ ସେ ପଠାଇଥିବା

▶▶ପୃଷ୍ଠା ୭

## ଅନୁଗୁଳ ଏବଂ ତାଳଚେର ମଧ୍ୟରେ ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ ୧୨ ଟ୍ରେନ୍ ବାତିଲ, ୮ଟି ଟ୍ରେନର ଗତିପଥ ବଦଳିଲା

ଭୁବନେଶ୍ୱର,୧୪/୦୯ (ନି.ପ୍ର): ଅନୁଗୁଳ ଏବଂ ତାଳଚେର ରୋଡ ସିଙ୍ଗଲ ଲାଇନ ରେଳ ବିଭାଗ ମଧ୍ୟରେ ଏକ ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ ହୋଇଛି । ଏହା ଫଳରେ ଢେଙ୍କାନାଳ-ସମ୍ବଲପୁର ରେଳ ବିଭାଗରେ ଟ୍ରେନ ସେବା ପ୍ରଭାବିତ ହୋଇଥିବା ନେଇ ପୂର୍ବ ତଟ ରେଳପଥ ପକ୍ଷରୁ ସୂଚନା ଦିଆ ଯାଇଛି। ପୂର୍ବ ତଟ ରେଳପଥ ପକ୍ଷରୁ ଦିଆ ଯାଇଥିହା ସୂଚନା ଅନୁସାରେ ୧୨ଟି ଟ୍ରେନ ବାତିଲ ହୋଇଥିବା ବେଳେ ୮ଟି ଟ୍ରେନର ଗତିପଥ ବଦଳିଛି । ଏହା ବ୍ୟତୀତ କେତେକ ଟ୍ରେନର ଚଳାଚଳ ସମୟ ପୁନଃ ନିର୍ଦ୍ଧାରିତ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ୧୪ ତାରିଖରେ ୦୮୧୦୫ ନମ୍ବର ରାଉରକେଲା ରୁ ରାଉରକେଲା-ପୁରୀ ସ୍ପେଶାଲ୍, ୦୮୧୦୬ ନମ୍ବର ପୁରୀରୁ ପୁରୀ-ରାଉରକେଲା ସ୍ପେଶାଲ୍, ୦୨୮୬୨ ଭୁବନେଶ୍ୱରରୁ ଭୁବନେଶ୍ୱର-ରାଉରକେଲା ଇଂଟର ସିଟି ସ୍ପେଶାଲ୍, ୦୨୮୬୬ ପୁରୀରୁ ଲୋକମାନ୍ୟ ତିଳକ ସ୍ପେଶାଲ୍, ୦୮୪୯୩ ନମ୍ବର ଭୁବନେଶ୍ୱରରୁ ଭୁବନେଶ୍ୱର-ବଲାଙ୍ଗୀର ଇଂଟର ସିଟି ସ୍ପେଶାଲ୍, ୦୮୪୯୪ ନମ୍ବର ବଲାଙ୍ଗୀରରୁ ବଲାଙ୍ଗୀର-ଭୁବନେଶ୍ୱର ଇଂଟର ସିଟି ସ୍ପେଶାଲ୍, ୦୮୪୫୧ ନମ୍ବର ହାଟିଆରୁ ହାଟିଆ-ପୁରୀ ସ୍ପେଶାଲ୍, ୦୮୪୫୨ ନମ୍ବର ପୁରୀରୁ ପୁରୀ-ହାଟିଆ ସ୍ପେଶାଲ୍ , ୦୮୪୨୫ ନମ୍ବର ପୁରୀରୁ ପୁରୀ-ଦୁର୍ଗ ସ୍ପେଶାଲ୍, ୦୮୧୨୮ ନମ୍ବର ଗୁଣୁପୁରରୁ ଗୁଣୁପୁର-ରାଉରକେଲା ସ୍ପେଶାଲ୍ ଟ୍ରେନକୁ ଆସନ୍ତା କାଲି ପାଇଁ ବାତିଲ

▶▶ପୃଷ୍ଠା ୭

## ବର୍ଷା ପ୍ରଭାବିତ ଅଂଚଳରେ ରନ୍ଧା, ଶୁଖିଲା ଖାଦ୍ୟ ଯୋଗାଇବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୪/୦୯ (ନି.ପ୍ର): ବର୍ଷା ପ୍ରଭାବିତ ଅଂଚଳରେ ରନ୍ଧା, ଶୁଖିଲା ଖାଦ୍ୟ ଏବଂ ଅନ୍ୟାନ୍ୟ ମୌଳିକ ଜିନିଷ ଯୋଗାଇ ଦେବାକୁ ସ୍ୱତନ୍ତ୍ର ରିଲିଫ୍ କମିସନର ନିର୍ଦ୍ଦେଶ ଦେଇଛନ୍ତି । ବର୍ଷାବିପ୍ରାତକୁ ଆଖି ଆଗରେ ରଖି ଜିଲ୍ଲାପାଳମାନଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେବା ସହ ଖାଦ୍ୟ ଯୋଗାଣ ଓ ସ୍ଥାନାନ୍ତରଣ ଉପରେ ଗରୁତ୍ୱ ଦେଇଛନ୍ତି। ପ୍ରବଳରୁ ଅତି ପ୍ରବଳ ବର୍ଷାକୁ ବିଚାରକୁ ନେଇ, ଧରାଯାଏ ଯେ ଅଧିକ ନିମ୍ନମାନର ଅଂଚଳରେ ଅଧିକ ଜଳ ରହି ବନ୍ୟା ପରିସ୍ଥିତି ହୋଇପାରେ ।ଏଣୁ ଯଦି ଗ୍ରାମ ଏବଂ ବାସସ୍ଥାନରେ ଜଳ ପ୍ରବେଶ କରେ ଏବଂ ଥଇଥାନର ଆବଶ୍ୟକତା ଥାଏ, ତେବେ ସେହି ସ୍ଥାନରୁ ଲୋକଙ୍କୁ ସ୍ଥାନାନ୍ତର କରିବା ପାଇଁ ତୁରନ୍ତ ବ୍ୟବସ୍ଥା କରାଯିବ ଏବଂ ରିଲିଫ୍ କୋଡ୍ ଅନୁଯାୟୀ ରନ୍ଧା ଓ ଶୁଖିଲା ଖାଦ୍ୟ ଏବଂ ଅନ୍ୟାନ୍ୟ ମୌଳିକ ଜିନିଷ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି ।

# ବେଳାଭୂମିରେ ମଦ କୁଡ଼ିଆ ଖୋଲିବା ବିରୋଧରେ ଦାବିପତ୍ର



ବାଲେଶ୍ୱର,୧୪/୯ (ନି.ପ୍ର): ପର୍ଯ୍ୟଟନ ଶିଳ୍ପ ବିକାଶ ଆଳରେ ସମୁଦ୍ର ବେଳାଭୂମିରେ 'ମଦକୁଡ଼ିଆ' ଖୋଲିବା ନେଇ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରିଛନ୍ତି ଚାନ୍ଦିପୁର ପଞ୍ଚାୟତର ୫୭ଟି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ। ସୁହାଗୀ ମାଝୀଙ୍କ ନେତୃତ୍ୱରେ ଶତାଧିକ ମହିଳା ସୋମବାର ଜିଲାପାଳଙ୍କୁ ସାକ୍ଷାତ ସହ ବେଳାଭୂମିରେ ମଦ ବିକ୍ରି ବନ୍ଦ କରିବାକୁ ଦାବିପତ୍ର ପ୍ରଦାନ କରିଛନ୍ତି। ସେହିପରି ଉତ୍କଳ ମହିଳା ସମିତିର ସଭାନେତ୍ରୀ ବନ୍ଦନା ବିଶ୍ୱାସ ଓ ସଂପାଦିକା ଅରୁଣା ବାରିକ ସେମାନଙ୍କ ସଂଗଠନ ତରଫରୁ ଅନ୍ୟ ଏକ ଦାବିପତ୍ରରେ ବାଲେଶ୍ୱର ଜିଲ୍ଲାର ଚାନ୍ଦିପୁର, ଉଦୟପୁର ଓ ତାଳସାରୀ ବେଳାଭୂମିରେ ମଦକୁଡ଼ିଆ ପ୍ରତିଷ୍ଠାକୁ ଦୃଢ଼ ବିରୋଧ କରିଛନ୍ତି। ସରକାରଙ୍କ ନିଷ୍ପତ୍ତିକୁ ବାଲେଶ୍ୱର ଜିଲାରେ କାର୍ଯ୍ୟକାରୀ କରାଇ ନ ଦେବା ପାଇଁ ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ଜିଲାପାଳଙ୍କୁ ମହିଳା ସଂଗଠନମାନଙ୍କ ଦାବିପତ୍ର ପ୍ରଦାନ ବେଳେ 'ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ' (ମୋନା)ର ସଭାପତି ପ୍ରଭାକର ସାହୁ, ସମ୍ପାଦିକା ମମତା ମହାପାତ୍ରଙ୍କ ସମେତ ଅର୍ଚ୍ଚନା ନନ୍ଦୀ, ସୀତାରାମ ପ୍ରଧାନ, ତ୍ରିଦୀପ ନାୟକ, ଗୌରାଙ୍ଗ ପାଣିଗ୍ରାହୀ, ତପନ ସିଟ, ଯତୀନ ପାତ୍ର, ଶ୍ରୀକାନ୍ତ ମହାପାତ୍ର, ଆରତୀ ସୋରେନ, ବେଣୁଧର ବାରିକ ଓ ନିରଞ୍ଜନ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ବଲପୁର ଦୂରଦର୍ଶନ କେନ୍ଦ୍ର ଉଚ୍ଛେଦ ପ୍ରତିବାଦରେ ରାଷ୍ଟ୍ରପତିଙ୍କୁ ଦାବିପତ୍ର

ସମ୍ବଲପୁର,୧୪/୯ (ନି.ପ୍ର): ଦୀର୍ଘ ୩୩ ବର୍ଷ ଧରି ଓଡ଼ିଶାର ପ୍ରମୁଖ ତଥା ପଶ୍ଚିମ ଓଡ଼ିଶାର କଳା, ସଂସ୍କୃତି ଓ ଆର୍ଥିକ ବିକାଶ କ୍ଷେତ୍ରରେ ପ୍ରମୁଖ ଦାୟୀତ୍ୱ ତୁଲାଇ ଆସୁଥିବା ସମ୍ବଲପୁର ଦୂରଦର୍ଶନ କେନ୍ଦ୍ରକୁ ଉଚ୍ଛେଦ ପାଇଁ ନିକଟରେ କେନ୍ଦ୍ର ସରକାର ନେଇଥିବା ନିଷ୍ପତିକୁ ବିଭିନ୍ନ ମହଲରେ ନାପସନ୍ଦ କରାଯାଇଥିଲା । ତେବେ ଉଚ୍ଛେଦର ସମୟ ଯେତିକି ପାଖେଇ ଆସୁଛି ବୁଦ୍ଧିଜିବୀ ଠାରୁ ଆରମ୍ଭ କରି ସଚେତନ ନାଗରିକ ମହଲରୁ ପ୍ରତିବାଦର ସ୍ୱର ତୀବ୍ର ହେବାରେ ଲାଗିଛି ।
ସମ୍ବଲପୁର ଦୂରଦର୍ଶନ କେନ୍ଦ୍ରକୁ ଉଚ୍ଛେଦ ପାଇଁ କେନ୍ଦ୍ର ସରକାରଙ୍କ ଏହି ନିଷ୍ପତି ବିରୋଧରେ ଆଜି ବିଜେଡ଼ି ମହିଳା ମୋର୍ଚ୍ଚାର ଶତାଧିକ କର୍ମୀ ସ୍ଥାନୀୟ ଆରଡ଼ିସିଙ୍କୁ ସାକ୍ଷାତ କରି ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଉଦ୍ଦେଶ୍ୟରେ ଏକ ୪ ଦଫା ସମ୍ବଳିତ ଦାବତିପତ୍ର ପ୍ରଦାନ କରିଛନ୍ତି ।
ଏହି ଅବସରରେ ବିଜେଡ଼ି ମହିଳା ମୋର୍ଚ୍ଚାର ମମତା ପଣ୍ଡା, ଲିଲିମା ମଲ୍ଲିକ, ଫରହାତ୍ ଜାହାଁ, ସସ୍ମିତା ବେଜ, ସସ୍ମିତା ମୁଦୁଲି ଓ ପଙ୍କଜିନୀ ପ୍ରଭାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ପଶ୍ଚିମ ଓଡ଼ିଶାର ବିକାଶ ପାଇଁ ସମ୍ବଲପୁର ଦୂରଦର୍ଶନ କେନ୍ଦ୍ରର ଆବଶ୍ୟକତା ସମ୍ପର୍କରେ ବିସ୍ତୃତ ଆଲୋଚନା କରି ଉକ୍ତ ଦାବି ପତ୍ର ଆରଡିସିଙ୍କୁ ପ୍ରଦାନ କରିଥିଲେ ।

# ଧର୍ମଶାଳା ଅଂଚଳରେ ୨୪ ଘଂଟା ହେବ ବିଦ୍ୟୁତ ସେବା ଠପ୍

ଧର୍ମଶାଳା,୧୪/୯ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକରେ ୨୪ ଘଂଟା ହେବ ବିଦ୍ୟୁତ୍ ସେବା ଠପ୍ ହୋଇଯାଇଛି । ଫଳରେ ଜନସାଧାରଣ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହୋଇଛନ୍ତି । କେବଳ ବର୍ଷା ଆଳ ଦେଖାଇ ମନ ଇଚ୍ଛା ବିଦ୍ୟୁତ କାଟ କରାଯାଉଥିବା ନେଇ ଉପଭୋକ୍ତା କମିଟି ଅଭିଯୋଗ କରିଛି । ଅଭିଯୋଗ ମୁତାବକ ଜିଲାରେ ୨ ଦିନ ହେବ ଲଗାଣ ବର୍ଷା ଜାରି ରହିଛି । ଏହି ବର୍ଷାକୁ ଦୃଷ୍ଟିରେ ରଖି ବିଦ୍ୟୁତ୍ ବିଭାଗ ଲାଇନ କାଟି ଦେଇଛି । ହେଲେ ସ୍ଥାନୀୟ ଅଂଚଳରେ ପବନର ପ୍ରଭାବ ନ ଥିବା ବେଳେ ବିଦ୍ୟୁତ୍ ବିଭାଗ ତାର ମନୋମୁଖୀ କାର୍ଯ୍ୟ ପାଇଁ ବିଦ୍ୟୁତ ସରବରାହ ବନ୍ଦ କରି ଦେଇଛି । ଅଭିଯୋଗ କଲେ କିଛି ସନ୍ତୋଷ ଜନକ ଉତର ମିଳୁ ନଥିବା ଅଭିଯୋଗ ହୋଇଛି । ବିଦ୍ୟୁତ ସରବରାହ ବନ୍ଦ ଫଳରେ ଲୋକେ ରାତିରେ ନାହିଁ ଅସୁବିଧାରେ ସମ୍ମୁଖୀନ ହେଉଥିବା ବେଳେ ମୋବାଇଲ ସେବା ପାଇବାରୁ ବଂଚିତ ହେଉଛନ୍ତି । ତୁରନ୍ତ ବିଦ୍ୟୁତ ସରବରାହ ଦେବାକୁ ଉପଭୋକ୍ତା କମିଟି ଦାବି କରିଛି ।

# ଇପ୍ସିତା ପଟ୍ଟନାୟକ ସମାଜ ବିଜ୍ଞାନରେ ଶ୍ରେଷ୍ଠଛାତ୍ରୀ

ରାଇରଙ୍ଗପୁର,୧୪/୯ (ନି.ପ୍ର): ବାରିପଦା ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ମେଧାବୀ ଛାତ୍ରୀ ଇପ୍ସିତା ପଟ୍ଟନାୟକ ୨୦୨୧, ୩ ଶେଷ ପରୀକ୍ଷାରେ 'ସମାଜ ବିଜ୍ଞାନ ସମ୍ମାନ' ରେ ଶ୍ରେଷ୍ଠ ହେବାର ଗୌରବ ଲାଭ କରିଛନ୍ତି । ରାଇରଙ୍ଗପୁରର ବିଶିଷ୍ଟ ବ୍ୟକ୍ତି ସ୍ୱର୍ଗତ ଶ୍ରୀପତି ପଟ୍ଟନାୟକ ଓ ହେମଲତାଙ୍କ ନାତୁଣୀ ତଥା ରାଇରଙ୍ଗପୁର ବନଖଣ୍ଡ ବିଭାଗର ବରିଷ୍ଠ ବନପାଳ ସତ୍ୟବ୍ରତ ପଟ୍ଟନାୟକ ଓ ଗୃହିଣୀ ସାଧନାଙ୍କ ସାନ ଝିଅ ଅଟନ୍ତି ଇପ୍ସିତା । ଭଲ ପାଠପଢା ସହ ବିତର୍କ, ପ୍ରବନ୍ଧ, ସାଧାରଣଜ୍ଞାନ, ଚିତ୍ରାଙ୍କନ ଓ ଖେଳ କୁଦରେ ମଧ ସେ ବହୁଥର ପୁରସ୍କୃତ ହୋଇଛନ୍ତି । ସମାଜବିଜ୍ଞାନରେ ସ୍ନାତକୋତ୍ତର ପରେ ସେ ଗବେଷଣାରେ ମନୋନିବେଶ କରି ଜଣେ ଅଧାପିକା ହେବେ ବୋଲି କହିଛନ୍ତି । ଇପ୍ସିତା ତାଙ୍କ ସଫଳତାର ଶ୍ରେୟ ପିତାମାତା, ଅଧାପକ/ଅଧାପିକା, ସମସ୍ତ ଶୁଭେଚ୍ଛୁ ଓ ଭଗବାନଙ୍କୁ ଦେଇଛନ୍ତି ।

# ରୋଟାରୀ କ୍ଲବ ମିଡ୍ ଟାଉନ ଭଦ୍ରକର ଅଧିଷ୍ଠାନ ଉତ୍ସବ ମହାସମାରୋହରେ ପାଳିତ




ଭଦ୍ରକ,୧୪/୯ (ନି.ପ୍ର): ରୋଟାରୀ କ୍ଲବ ମିଡ୍ ଟାଉନ ଭଦ୍ରକର ୧୭ତମ ଅଧିଷ୍ଠାନ ଦିବସ ହୋଟେଲ ହାଲୋଠାରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ କ୍ଲବର ପୂର୍ବତନ ସଭାପତି ଅମିତ୍ ମଲ୍ଲିକ ଅଧକ୍ଷତା କରିଥିଲେ। ଉକ୍ତ ସଭାକୁ ବରିଷ୍ଠ ରୋଟାରିଆନ ବେଦପ୍ରକାଶ ଗୁପ୍ତା ସଂଚାଳନ କରିଥିଲେ। ଅନୁଷ୍ଠିତ ସଭାକୁ ୨୦୨୩-୨୪ର ରୋଟାରୀ ଗଭର୍ଣ୍ଣର ଜୟଶ୍ରୀ ମହାନ୍ତି ନିମନ୍ତ୍ରିତ ଅତିଥି ଭାବେ ରୋଟାରୀ କ୍ଲବର ଆଭିମୁଖ୍ୟ ସମ୍ବନ୍ଧରେ ସୂଚନା ଦେଇଥିଲେ। ଏହି ଉତ୍ସବରେ ମୁପୂର୍ବ ସଭାପତି ଶ୍ରୀଯୁକ୍ତ ମଲ୍ଲିକ ଓ ପୂର୍ବ ସମ୍ପାଦକ ସନାତନ ଜେନା ଚଳିତ ବର୍ଷର ସଭାପତି ପାଇଁ ପବିତ୍ର ମୋହନ ଖୁଲାରଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ନବ ନିଯୁକ୍ତ ସଭାପତି ଶ୍ରୀଯୁକ୍ତ ଖୁଲାର ସଭାପତି ଭାବେ ଆଗାମୀ ଦିନରେ ରୋଟାରୀ କ୍ଲବର ଦାୟିତ୍ୱ ସୂଚାରୁ ରୂପେ ତୁଲାଇବେ ବୋଲି ପ୍ରତିଶୃତିବଦ୍ଧ ହୋଇଥିଲେ। ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ଭଦ୍ରକ ବିଧାୟକ ରୋଟାରିଆନ ସଂଜିବ କୁମାର ମଲ୍ଲିକ କ୍ଲବର ଏକ ସ୍ଥାୟୀ ଗୃହ ନିର୍ମାଣ ନିମନ୍ତେ ପ୍ରତିଶୃତି ଦେଇଥିଲେ। ରୋଟାରୀ ମିଡ୍ ଟାଉନର ପୂର୍ବ ସଭାପତି ଶିଶିର ମିଶ୍ର ବିଗତ ବର୍ଷ ଏବଂ ଚଳିତ ବର୍ଷ କ୍ଲବର କାର୍ଯ୍ୟକୁ ପ୍ରଶଂସା କରି କରିବା ସହ ସମ୍ବର୍ଦ୍ଧନା ସଭା ପରିଚାଳନା କରିଥିଲେ। ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ଯଥା ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଜିଲ୍ଲା ସ୍କୁଲର ବିଜ୍ଞାନ ଶିକ୍ଷକ ଅଶୋକ ଶତପଥୀ, ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଜିଲ୍ଲାରେ ସର୍ବୋଚ୍ଚ ନମ୍ବର ରଖିଥିବା ସୀମା ନାୟକ, ସିବିଏସ୍‌ଇରେ ସର୍ବୋଚ୍ଚ ନମ୍ବର ରଖିଥିବା କିର୍ତ୍ତିକା ସମାନୀ, ବିଦ୍ୟୁତ ବଣ୍ଟନର ଉପଯୁକ୍ତ ପରିଚାଳନା ପାଇଁ ଇଂ ଦିଲିପ ଜେନା ଓ ଲାଇନ୍‌ମ୍ୟାନ ପ୍ରଦିପ ମହାପାତ୍ର, ଶ୍ରେଷ୍ଠ କୁନି ଗୀଟାର ବାଦକ ଭାବେ ପଲିନ ଜେନା, ଭୁବନେଶ୍ୱର ରୋଟ୍ରାକ୍ଟ କ୍ଲବର ସମ୍ପାଦକ ତଥା ଫିଜିଓଥେରାପିଷ୍ଟ ଡାକ୍ତର ଅଭିଷେକ ଅଭିନନ୍ଦନ, ବରିଷ୍ଠ ନ୍ୟୁରୋଜିଷ୍ଟ ଡାକ୍ତର ଆକାଶ ଗୁପ୍ତାଙ୍କୁ କ୍ଲବ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରୋଟାରୀ ଅତିରିକ୍ତ ଗଭର୍ଣ୍ଣର ଅତିସ୍ ବେହେରା ସଂଚାଳନ କରିଥିଲେ। ଏହି ଅବସରରେ ନିରଞ୍ଜନ ମଲ୍ଲିକ, ମିହିର କୁମାର ଶତପଥୀ, ସଂଜିବ କୁମାର ପରିଡ଼ାଙ୍କୁ ନୂତନ ସଭ୍ୟ ଭାବେ ଭଦ୍ରକ ବିଧାୟକ ସଂଜିବ ମଲ୍ଲିକ ଓ ଆସିଷ୍ଟାଣ୍ଟ ଗଭର୍ଣ୍ଣର ରୋଟାରୀ ପଦକ ଓ ଉତ୍ତରୀୟ ସହ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ। ଏହି ଉତ୍ସବକୁ ରୋଟାରିଆନ ଇନ୍ଦ୍ରଜିତ ସିଂ, ଅଶୋକ ଲାଖାନୀ, ପ୍ରମୋଦ ଲାଖାନୀ, ରତନ ଲାଲ ଗୁପ୍ତା, ରାଜେଶ ବଳଦେୱା, ଗୌରବ ଅଗ୍ରୱାଲ, ପ୍ରୀତି ଅଗ୍ରୱାଲ, ସିଲୁ ଲାଖାନୀ, ଶଶୀ ଲାଖାନୀ, ଅଞ୍ଜୁ ଗୁପ୍ତା, ସ୍ୱର୍ଣ୍ଣପ୍ରଭା ଜେନା, ଚୈତାଳୀ ଖୁଲାର, ପୁଷ୍ପିତା ଜେନା ପ୍ରମୁଖ ଯୋଗ ଦେଇ ଉତ୍ସବର ମହତ୍ୱ ପ୍ରତିପାଦନ କରିଥିଲେ। ରୋଟାରିଆନ ପ୍ରୀତିରଂଜନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ମାଛ ଆଶାରେ ଯାଇଥିଲେ, କିନ୍ତୁ ଘରକୁ ଫେରିଲା ତାଙ୍କ ମୃତଦେହ

ତେଲକୋଇ ,୧୪/୯ (ନି.ପ୍ର): ମାଛ ଆଶାରେ ଜମିକୁ ଯାଇଥିଲେ। କିନ୍ତୁ ଘରକୁ ଫେରିଲା ତାଙ୍କ ମୃତଦେହ। ଏମିତି ଏକ ଦୁଃଖଦ ଘଟଣା ଆଜି ଘଟିଛି କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ବିଞ୍ଚବାହାଳ ପଞ୍ଚାୟତ ଅନ୍ତର୍ଗତ କଣ୍ଟାବାହାଳ ଗାଁରେ। ମୃତ ଯୁବକଙ୍କ ନାଁ ପ୍ରମୋଦ ମହାକୁଡ଼। ସେ ଜଣେ ଚାଷୀ ଥିଲେ।
ଗତକାଲି ରାତି ଲଗାଣ ବର୍ଷା ହୋଇଥିଲା। ତେଣୁ ଚାଷ ଜମିରେ ବିଛା ଯାଇଥିବା ଜାଲରେ ଭଲ ମାଛ ପଡ଼ିଥିବା ଆଶାରେ ପ୍ରମୋଦ ଆଜି ଭୋରରେ ସେଠାକୁ ଯାଇଥିଲେ। ହେଲେ ସକାଳେ ଜାଲ ପାଖରେ ପାଣି ଭିତରେ ତାଙ୍କ ମୃତଦେହ ପଡ଼ିଥିବା ଗାଁର କିଛି ଲୋକ ଦେଖିଥିଲେ। ଗାଁ ଲୋକେ ଏନେଇ ପ୍ରମୋଦଙ୍କ ପରିବାର ଲୋକଙ୍କୁ ଖବର ଦେବା ସହିତ ପୁଲିସ୍‌କୁ ଜଣାଇଥିଲେ। ପ୍ରମୋଦଙ୍କ ମୃତ୍ୟୁ କେମିତି ହେଲା ତାହା ଜଣାପଡ଼ିନାହିଁ। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ତାଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି କୁହାଯାଉଛି।

# ପ୍ରଶାସନ ଶୁଣିଲାନି : ଗାଁ ରାସ୍ତା ମରାମତି କଲେ ଗ୍ରାମବାସୀ

ମାଲକାନଗିରି,୧୪/୯ (ନି.ପ୍ର): ସୁବିଧାରେ ଯାତାୟାତ କରିବା ପାଇଁ ତିଆରି ହେଇଥାଏ ରାସ୍ତା । ମାତ୍ର ଏମିତି ମଧ ଅନେକ ଗ୍ରାମ ଅଛି ଯେଉଁଠି ଯିବାପାଇଁ ଭଲ ରାସ୍ତା ନାହିଁ । ବର୍ଷାରେ କାଦୁଅ ପଚପଚ ରାସ୍ତା, ବଡ଼ ବଡ଼ ଖାଲ ଢିପ, ହେଲେ ଏହି ରାସ୍ତା ହିଁ ଗମନାଗମନ ପାଇଁ ସାହାରା । ଏହିପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଏମପିଭି -୪୪ ଗ୍ରାମରେ । ଭୁବନପାଲ୍ଲୀ ପଞ୍ଚାୟତ ଠାରୁ ପ୍ରାୟ ୫୦୦ ମିଟର ଦୂରରେ ରହିଛି ଏହି ଗ୍ରାମ । ଏହି ରାସ୍ତା ଦେଇ ପ୍ରାୟ ୫ ଖଣ୍ଡ ଗ୍ରାମର ଲୋକମାନେ ଚାଉଳ, କିରୋସିନ ଓ ଭତ୍ତା ଟଙ୍କା ନେବାକୁ ପଞ୍ଚାୟତକୁ ଯାଇଥାନ୍ତି । ହେଲେ ଏତେ ଦୟନୀୟ ଅବସ୍ଥାରେ ରାସ୍ତା ଥିବାରୁ ଯିବା ଆସିବା କ୍ଷେତ୍ରରେ ବହୁ ଅସୁବିଧା ଦେଖାଦିଏ । ବିଦ୍ୟାଳୟ, ଅଙ୍ଗନୱାଡି ହେଉ କି ଅବା କଲେଜ୍ ଯିବାକୁ ହେଲେ ଛାତ୍ରଛାତ୍ରୀଙ୍କୁ ଜଙ୍ଗଲ ବାଟ ଦେଇ ଯିବାକୁ ପଡେ । ଆଉ ବର୍ଷା ହେଲେ ପାଠ ପଢାରେ ହୁଏ ଅସୁବିଧା । ଗାଁରେ ଭଲ ରାସ୍ତାଟିଏ ପାଇଁ ଅନେକ ଥର ପ୍ରଶାସନ ଆଗରେ ଗୁହାରି କରିଥିଲେ ବି କିଛି ସୁଫଳ ମିଳି ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ପ୍ରଶାସନ ଗ୍ରାମବାସୀଙ୍କ ଗୁହାରି ନଶୁଣିବାରୁ ଶେଷରେ ହାତରେ କୋଡି, କୋଦାଳ ଧରି ଗ୍ରାମବାସୀ ଏକତ୍ରିତ ହୋଇ ମାଟି ହାଣି ନେଇ ରାସ୍ତାରେ ପକାଇ ରାସ୍ତାକୁ ସମତୁଲ କରିଥିଲେ । ଏଠି ଗ୍ରାମବାସୀ ମିଳିତ ଭାବେ ନିର୍ମାଣ କରିଛନ୍ତି ଗାଁ ରାସ୍ତା । ପ୍ରଶାସନ ପାଖରେ ବାରମ୍ବାର ଗୁହାରି କରି କିଛି ଫଳ ନମିଳିବାରୁ ଏପରି ଉଦ୍ୟମ ଆରମ୍ଭ କରିଥିବା କହିଛନ୍ତି ଗ୍ରାମବାସୀ । ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ପ୍ରତ୍ୟେକ ଗାଁକୁ ପକ୍କା ରାସ୍ତା ଯୋଗାଇ ଦେବାକୁ କୁହାଯାଇଥିବା ବେଳେ, ଏମପିଭି-୪୪ ଗାଁରେ ଏଥିରେ ବ୍ୟତିକ୍ରମ ଦେଖାଦେଇଛି । ବାରମ୍ବାର ଗୁହାରି କରିବା ପରେ ପ୍ରଶାସନ ନ ଶୁଣିବାରୁ ଏବେ ନିଜ ଗାଁ ରାସ୍ତା ନିଜେ ମରାମତି କରିଛନ୍ତି ଗ୍ରାମବାସୀ । ଏ ବାବଦରେ କାଳିମେଳା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉମାଶଙ୍କର ଦଳେଇଙ୍କୁ ପଚାରିବାରୁ ଯଥାଶୀଘ୍ର ଏହାର ତଦାରଖ କରି ରାସ୍ତା ନିର୍ମାଣ କରାଯିବ ବୋଲି କହିଥିଲେ ।

# ଗ୍ୟାସ ଟାଙ୍କି ଫାଟି ପରିବାରର ୨ ଗୁରୁତର

କେନ୍ଦ୍ରାପଡ଼ା,୧୪/୯ (ନି.ପ୍ର): ମାର୍ଶାଘାଇ ବ୍ଲକ ଅଧିନ ଟିକରପଙ୍ଗା ପଂଚାୟତରେ ଗ୍ୟାସ ଟାଙ୍କି ଫାଟି ଗୋଟିଏ ପରିବାର ର ୨ଜଣ ଗୁରୁତର ହୋଇ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି ହୋଇଥିବା ଜଣାପଡିଛି । ଟିକରପଙ୍ଗା ପଂଚାୟତର ଗତାନଇ ନୂଆସାହି ଗ୍ରାମର ମାନସ କୁମାର ନାୟକଙ୍କ ପରିବାର ରେ ରୋଷେଇ ଚାଲିଥିବା ବେଳେ ଅଚାନକ ଗ୍ୟାସ ଟାଙ୍କି ଫାଟିଥିଲା । ଏଥିରେ ମା ରେବତୀ ନାୟକ ଓ ପୁଅ ମାନସ ନାୟକ ଗୁରୁତର ଭାବେ ପୋଡିଯାଇ ଆହତ ହୋଇଥିଲେ । ସେମାନେ ମେଡାକାଲରେ ଚିକିତ୍ସା ହେଉଥିବା ଜଣାପଡିଛି । ଏହା ସହ ଗୋଟିଏ ମଟର ସାଇକେଲ ସହ ଘରର ଆସବାବ ପତ୍ର ପୋଡି ପାଉଁଶ ହୋଇଥିବା ଜଣାପଡିଛି ।

# ଗୋଟିଏ ବର୍ଷାରେ ଭୁଷୁଡିଲା ପାର୍କ ନିର୍ମାଣ ପାଇଁ ପୋଖରୀର ଗାର୍ଡୱାଲ

କନ୍ଧମାଳ,୧୪/୯ (ନି.ପ୍ର): ଫୁଲବାଣୀ ସହର ମଧ୍ୟଭାଗରେ ଥିବା ସର୍ବପୁରାତନ ପୋଖରୀକୁ ପୁନରୁଦ୍ଧାର କରାଯିବା ସହିତ ସେଠାରେ ଲୋକଙ୍କ ଆମୋଦ ପ୍ରମୋଦ ପାଇଁ ତଥା ସେହି ଅଂଚଳର ପରିବେଷ ସୁରକ୍ଷା ପାଇଁ କୋଟିକୋଟି ଟଙ୍କା ବ୍ୟୟରେ ପୋଖରୀର ଉନ୍ନତିକରଣ କରାଯିବା ସହିତ ପୋଖରୀ ଚାରିପଟରେ ଗାର୍ଡୱାଲ ନିର୍ମାନ କରାଯାଇଛି । ପୋଖରୀର ଚାରିପଟରେ ରାସ୍ତା ମଧ୍ୟ ନିର୍ମାଣ କରାଯାଇଛି । ହେଲେ ଫୁଲବାଣୀରେ ବର୍ଷା ଦିନରେ ମଧ୍ୟ ବଡ ଧରଣର ବର୍ଷା ହୋଇନଥିବା ବେଳେ ଆଜିର ଲଘୁଚାପ ବର୍ଷାରେ ପୋଖରୀରେ ନବ ନିର୍ମିତ ଗାର୍ଡୱାଲଟି ଭୁଷୁଡି ପଡିଛି । ବନ୍ଧର ପାଣିକୁ ଖାଲି କରାଯାଇ ସେହି ଯାଗାରେ କାମ କରାଯାଉଛି । ହେଲେ ପୋଖରୀରେ ରହିଥିବା ପଙ୍କ ଉଦ୍ଧାର କରାଯାଇ ନାହିଁ । ଏହାସହିତ ନିର୍ମାଣ କରାଯାଇ ଥିବା ଗାର୍ଡୱାଲଟିର ମୂଳରୁ ଦୃଢ ସହାୟତା ପାଇଁ ସୁଦୃଢ ମୁଳଦୁଆ ମଧ୍ୟ ନିର୍ମାଣ କରାଯାଇ ନାହିଁ । ଫଳରେ ଗୋଟିଏ ବର୍ଷାରେ ହିଁ ପୋଖରୀରେ ରହିଥିବା ପଙ୍କ ଭିତରେ ଗାର୍ଡୱାଲ ଧସି ଯିବା ଫଳରେ ତାହା ଭାଙ୍ଗି ଯାଇଛି । ଏହି କର୍ଯ୍ୟଟିକୁ ଫୁଲବାଣୀ ପୂର୍ତ୍ତ ବିଭାଗ କାମ କରୁଛି ଏହାକୁ କେହି ଜଣେ ଅନଭିଜ୍ଞ ଠିକାଦାର କରୁଥିବା ନେଇ ଅଭିଯୋଗ ହୋଇଛି । ତେବେ ସେଠାରେ ସଠିକ ଭାବରେ ବୈଷୟିକ ଦେଖରେଖ ହେଉନଥିବା ଯୋଗୁଁ ଏହି ଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ନେଇ ଫୁଲବାଣୀର ବରିଷ୍ଠ ନେତା କମଳାକାନ୍ତ ପାଣ୍ଡେ,ଭଗବାନ ମହାନ୍ତି ବରିଷ୍ଠ ନାଗରିକ ପୁର୍ଣ୍ଣେନ୍ଦୁ ତ୍ରିପାଠୀ ପ୍ରମୁଖ ଅଭିଯୋଗ କରିଛନ୍ତି । ଅନ୍ୟ ପକ୍ଷରେ ଏହି କାର୍ଯ୍ୟକୁ କରୁଥିବା ଠିକାଦାର ପୋଖରୀ ପାଶ୍ୱରେ ରହିଥିବା ଲୋକଙ୍କ ଘର ଭିତରୁ ଆସୁଥିବା ପାଣି ସବୁ ଜମା ହୋଇ ଯିବା ଫଳରେ ନିର୍ମାଣ କରାଯାଇଥିବା ପଥର ପେଚିଙ୍ଗ୍ ସବୁ ଭୁଷୁଡି ପଡିଛି ବୋଲି କହିଛନ୍ତି । ଏଥିପାଇଁ ପୁର୍ତ୍ତ ବିଭାଗର ଅଭିଜ୍ଞ ଇଂଜିନିୟରଙ୍କ ବିଷୟୀକ ଜ୍ଞାନକୌଶଳ ପ୍ରୟୋଗର ଆବଶ୍ୟକତା ଥିବା ନେଇ ବୁଦ୍ଧିଜୀବି ମାନେ ଚର୍ଚ୍ଚା କରିଛନ୍ତି ।

# ପଟ୍ଟାମୁଣ୍ଡାଇ ଧୋୟାଟଂଳ-ବରୀ ସଂଯୋଗିକରଣ ରାସ୍ତା ଅବସ୍ଥା ଶୋଚନୀୟ



ପଟ୍ଟାମୁଣ୍ଡାଇ,୧୪/୯ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଧୋୟାଟଂଳର ଅଳପୁଆ ପଚାଂୟତ ଦାମୋଦରପାଟଣା ଠାରୁ ବିଦୁପା ସଂଯୋଗକାରୀ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି । ପୂର୍ତ୍ତ ବିଭାଗ ଅଧିନରେ ଥିବା ମାତ୍ର ୪୦୦ ମିଟର ରାସ୍ତାଟି ଦୀର୍ଘ ଦିନ ହେବ ଶୋଚନୀୟ ହୋଇପଡିଛି । ଅଚଂଳବାସୀଙ୍କ ପକ୍ଷରୁ ବାରମ୍ବାର ଦାବି ସତ୍ୱେ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲ ନୀତି ଯୋଗୁଁ ରାସ୍ତାଟି ଦୀର୍ଘ ଦିନ ହେବ ମରାମତି ଅଭାବରୁ ଖାଲଖମା ଓ କାଦୁଅରେ ପରିପୂର୍ଣ୍ଣ ହୋଇ ସମ୍ପୂର୍ଣ୍ଣ ଯାତାୟାତ ଅନୁପଯୋଗୀ ହୋଇପଡିଛି । ଏହି ରାସ୍ତାଟି କେନ୍ଦ୍ରାପଡା ଜିଲ୍ଲା ସହିତ ଯାଜପୁର ଜିଲ୍ଲାକୁ ମୁଖ୍ୟ ସଂଯୋଗକାରୀ ରାସ୍ତା ହୋଇଥିଲେ ହେଁ, ଦୀର୍ଘ ୧୦ ବର୍ଷ ହେବ ରାସ୍ତାର ମରାମତି କି ନିର୍ମାଣ ହୋଇନାହିଁ ।
ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାଟିର ତୁରନ୍ତ ନିର୍ମାଣ ପାଇଁ ଦାବି ହୋଇଛି ।
ଧୋୟାଟଂଳ ବାସୀଙ୍କ ପକ୍ଷରୁ ଅଳପୁଆ ସରପଂଚ ରମେଶ ଦାସ, ତରଡ଼ିପାଳ ସରପଂଚ ପ୍ରିୟଦର୍ଶନୀ ତରାଇ, ଅଣ୍ଡରା ସରପଂଚ ଅନ୍ନପୂର୍ଣ୍ଣା ମଲ୍ଲିକ, ଅମୃତମଣୋହି ସରପଂଚ କୂଳମଣି ମଳିକ, ବଲୁରିଆ ସରପଂଚ ରତିକାନ୍ତ ସାହାଣୀ, ସମିତିସଭ୍ୟା ନମିତା ଦାସ, ମନୋରମା ଭୂଁୟା, ଜିଲ୍ଲାପରିଷଦ ସଭ୍ୟ ନାରଦ ଚନ୍ଦ୍ର ବିଶ୍ୱାଳ, ସୂଚନାଅଧିକାର କର୍ମୀ ନରେନ୍ଦ୍ର ଧଳ, ସାମାଜିକକର୍ମୀ ଗଗନ ମହାଳିକ, ବରିଷ୍ଠ ବିଜେଡି ନେତା ରବୀନ୍ଦ୍ର ପରିଡା, ସମବାୟବିତ୍ ଚିତରଞ୍ଜନ ମଲ୍ଲିକ, ଶିକ୍ଷାବିତ୍ ପ୍ରଫେସର ଦେବପ୍ରସାଦ ସାମଲ, ପେଣୁପାଳ ପୂର୍ବତନ ସରପଂଚ କୈଳାସ ସେଠୀ, ଧନେଶ୍ୱର ପ୍ରଧାନ, ଅଧାପକ ଅଶୋକ ନାୟକ ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ଦାବି ଜଣାଇବା ସହିତ ଉକ୍ତ ରାସ୍ତାକୁ ଅବିଳମ୍ବେ ସ୍ଥାୟୀ ରାସ୍ତାରେ ପରିଣତ କରିବାକୁ ନିବେଦନ କରିଛନ୍ତି ।

# ଅଜିତା ଟିମ୍‌ର ସାଂଗଠନିକ ବୈଠକ

ମାଲକାନଗିରି,୧୪/୯ (ନି.ପ୍ର): ମାଲକାନଗିରି ସଦର ମହକୁମା ଠାରେ ଭୁବନେଶ୍ୱର ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ତାଙ୍କ ଦ୍ୱାରା ଗଠିତ ମହିଳା ସଂଗଠନ "ଅଜିତା"ର ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକକୁ ଜିଲ୍ଲା ସାମାଜିକ କର୍ମୀ ତପତି ବିଶ୍ୱାସଙ୍କ ଦ୍ୱାରା ଜିଲ୍ଲାର ୪ଟି ବ୍ଲକ କାଳିମେଳା, କୋରୁକୋଣ୍ଡା, ମାଲକାନଗିରି, ଖଇରପୁଟ ଏବଂ ମାଲକାନଗିରି ନଗରରୁ ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ମହିଳାଙ୍କୁ ନେଇ "ଅଜିତା" ଟିମ୍ ର ଭିତିପ୍ରସ୍ତର ସ୍ଥାପନ ହୋଇଥିଲା । ଏହି ବୈଠକରେ ରାଜ୍ୟ ସାଧାରଣ ସମ୍ପାଦିକା ସଙ୍ଗୀତା ମାଝୀ ଫୋନ ମାଧ୍ୟମରେ ଏହି ଟିମର ଉଦ୍ଦେଶ୍ୟ ବିଷୟରେ ବୁଝେଇଥିଲେ । ଅଜିତା ଟିମ୍ ଙ୍କୁ ନେଇ ତୃଣମୂଳ ସ୍ତରରେ ପହଂଚାଇବା ସହିତ ସେବା ମନୋଭାବ ନେଇ ଲୋକଙ୍କ ସମସ୍ୟାର ସମାଧାନ ଏବଂ ସରକାରୀ ସ୍ତରରେ ଥିବା ସମସ୍ତ ସୁବିଧା ଯୋଗାଇବା ନିମନ୍ତେ ପ୍ରୟାସ କରିବା ପାଇଁ ନିଷ୍ପତି ନିଆଯାଇଥିଲା ।

# କୂଳ ଲଂଘି ଗାଁକୁ ମାଡିଗଲା ପାଣି

ଖୋର୍ଦ୍ଧା,୧୪/୯ (ନି.ପ୍ର): ଲଗାଣ ବର୍ଷା ଯୋଗୁଁ ଅଶାନ୍ତ ହୋଇଛି ଚିଲିକା । କୂଳ ଲଂଘି ଗାଁକୁ ମାଡ଼ି ଆସିଛି ପାଣି । ଫଳରେ ଅନେକ ମତ୍ସ୍ୟଜୀବୀଙ୍କ ଡଙ୍ଗା ପାଣିରେ ବୁଡ଼ି ଯାଇଛି । ଚିଲିକା ଉପକୂଳବର୍ତୀ ଅଂଚଳରେ ଘର ଭିତରେ ମଧ ପାଣି ପଶିଛି । ବର୍ଷା କମୁ ନଥିବାରୁ ବହୁ ଲୋକ ଜଳବନ୍ଦୀ ହୋଇ ରହିଛନ୍ତି । ବର୍ଷା ଥମିବାର ନାଁ ଧରୁନଥିବା ବେଳେ ବେଶୀ ଆତଙ୍କିତ ଅବସ୍ଥାରେ ଅଛନ୍ତି ଚିଲିକା ଉପକୂଳବାସୀ । ଗାଁ ଦାଣ୍ଡରେ ଚିଲିକା ଏବଂ ନଈ ପାଣି ଲହଡି ମାରୁଛି । ପରିସ୍ଥିତି ଭୟଙ୍କର ହେବାର ଲାଗିଛି ।

# ବାଲିଘାଟ ଓ ବ୍ରାହ୍ମଣ ପୋଖରୀ ଅଂଚଳରେ ଚୋରି ବୃଦ୍ଧି : ରାତ୍ରିକାଳୀନ ପାଟ୍ରୋଲିଂ ପାଇଁ ଦାବି

ପୁରୀ,୧୪/୯ (ନି.ପ୍ର): ଗତ କିଛିମାସ ଧରି ବାଲିଘାଟ ଓ ବ୍ରାହ୍ମଣ ପୋଖରୀ ଅଂଚଳରେ ଚୋରି ବୃଦ୍ଧି ପାଉଥିବା ପରିଲକ୍ଷିତ ହୋଇଛି । ବାଲିଘାଟ, ଜାଗେଶ୍ୱରୀ ଲେନ, ନୂଆସାହି, କଣ୍ଢେଇ ଫ୍ୟାକ୍ଟ୍ରୀ ,ରାଧାକୃଷ୍ଣ ନଗର, ପୋଥାଳବଗିଚା, କୈବଲ୍ୟନଗର ଆଦି ଅଂଚଳରେ ବିଭିନ୍ନ ଆବାସିକ ଗୃହରୁ ଚୋରୀ ହେଉଥିବା ଅଂଚଳବାସୀ କହୁଛନ୍ତି । ଅନ୍ଧାରର ସୁଯୋଗ ନେଇ ଚୋରୀ ବଢୁଛି । ଏହି ଅଂଚଳଟି ୩ଟି ଥାନା ପରିଧି ହୋଇଥିବାରୁ କେଉଁ ଥାନାର କେଉଁ ଅଂଚଳ ଖୋଜିବା ପାଇଁ ପୋଲିସ ସମୟ ଗଡ଼ାଉଛି । ତାଳବଣିଆ ଥାନା, ପେଣୁକଟା ମେରାଇନ ଥାନା ଓ ସଦରଥାନା ଅଂଚଳ ହୋଇଥିବାରୁ ପିସିଆର ରାତିରେ ପାଟ୍ରୋଲିଂ କରୁନଥିବା ଅଭିଯୋଗ ହେଉଛି । ବିଶେଷ କରି ନିର୍ମାଣାଧିନ କୋଠା ଗୁଡ଼ିକୁ ଚୋରମାନେ ଟାର୍ଗେଟ କରୁଥିବା ଦେଖାଯାଉଛି । ଘରର ସ୍କାଇଲେଟ, କବାଟ, ଝରକା ଭାଙ୍ଗି ଚୋରମାନେ ଘରେ ପ୍ରବେଶ କରି ଚୋରିକରି ନେଉଥିବା ଅଭିଯୋଗ ହେଉଛି ।

# ଲଗାଣ ବର୍ଷାରେ ଭୁଷୁଡିଲା ଉତ୍କଳ ବିଶ୍ୱ ବିଦ୍ୟାଳୟର ପାଚେରୀ

ଧର୍ମଶାଳା,୧୪/୯ (ନି.ପ୍ର): ଯାଜପୁର ଜିଲାରେ ୨ ଦିନଧରି ଲଗାଣ ବର୍ଷା ଜାରି ରହିଛି । ଏହି ବର୍ଷା ଫଳରେ ଜିଲାର ବଡଚଣା ବ୍ଲକ ଅନ୍ତର୍ଗତ ସିହା ଗ୍ରାମରେ ଥିବା ଉତ୍କଳ ବିଶ୍ୱ ବିଦ୍ରାଳୟର ଦ୍ୱତୀୟ କ୍ୟାମ୍ପସର ପାଚେରୀ ଆଜି ଭୁଷୁଡି ପଡିଛି । ଯାହାକୁ ନେଇ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ଉପରକୁ ଅଙ୍ଗୁଳି ନିର୍ଦ୍ଦେଶ ହୋଇଛି । ଏହି ପାଚୋରୀ ବର୍ଷକ ପୂର୍ବରୁ ଭୁଷୁଡି ଯିବା ନେଇ ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ମିଳିଥିବା ସୂଚନା ମୁତାବକ ସିହାଠାରେ ଥିବା ଉତ୍କଳ ବିଶ୍ୱ ବିଦ୍ୟାଳୟର ନ୍ୱିତୀୟ କ୍ୟାମ୍ପସ ୨୦୧୭ ମସିହାରେ ୭୦ ଏକର ପରିମିତ ଜମି ଉପରେ ପ୍ରତିଷ୍ଠା ପାଇଁ କାର୍ଯ୍ୟ ଆରମ୍ଭ ହୋଇଥିଲା । ତେବେ ୧୫୦ଫୁଟରୁ ଉର୍ଦ୍ଧ ଲମ୍ବର ପାଚେରୀ ଆଜି ଭୁଷୁଡି ପଡିଛି । ଏହି ପାଚେରୀ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଚାରିବାଟିଆ ପୂର୍ତ୍ତ ବିଭାଗ ଡିଭିଜନକୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ବିଭାଗର ବଡଚଣା ଉପଖଣ୍ଡର ସରକାରୀ ନିର୍ବାହୀ ଯନ୍ତ୍ରୀଙ୍କ ତତ୍ୱବଧାନରେ ଜନୈକ ଠିକାଦାରଙ୍କ ଦ୍ୱାରା ଏହା ନିର୍ମାଣ କରାଯାିଥିଲା । ବର୍ଷକ ତଳେ ସମ୍ପୂର୍ଣ୍ଣ ହୋଇଥିଲା ଏହାର କାର୍ଯ୍ୟ । କାମ ଆରମ୍ଭ ପୂର୍ବରୁ ନିମ୍ନମାନର କାର୍ଯ୍ୟ ହେଉଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ । ହେଲେ କେହି ଏହି କଥାକୁ ଗୁରୁତ୍ୱ ଦେଇ ନ ଥିଲେ । ଏହି କାର୍ଯ୍ୟର ଏକ ଉଚ୍ଚ ସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ କାରଣ ପଦାକୁ ଆସିବ ବୋଲି ଗ୍ରାମବାସୀ ଦାବି କରିଛନ୍ତି ।


## ଜଣ୍ଡିସ ପାଇଁ ଫଟୋଥେରାପି



ଅନେକଥର ଦେଖିବାକୁ ମିଳେ ଶିଶୁଙ୍କୁ ଜନ୍ମରୁ ହିଁ ଜଣ୍ଡିସ ହୋଇଯାଇଥାଏ । ଏହି ରୋଗରେ ଶରୀରରେ ଥିବା ବିଲିରୁବିନ୍ ଲେବଲ କମ୍ କରିବା ପାଇଁ ଫଟୋଥେରାପିର ସାହାରା ନିଆଯାଇଥାଏ । ବିଲିରୁବିନର ଲେବଲକୁ କମ କରିବା ପାଇଁ ଫଟୋଥେରାପିର ସାହାରା ନିଆଯାଇଥାଏ । ଏଥିପାଇଁ ପିଲାମାନଙ୍କୁ କନକ୍ୟୁବେଟରରେ ରଖାଯାଇଥାଏ । ଏହି ଆଲୋକକୁ ବିଶେଷ ପ୍ରକାରର ଧଳା ଆଲୋକ ପକାଟାଇଥାଏ । ଏହି ଆଲୋକକୁ ପିଲାମାନଙ୍କର ଶରୀର ଅବଶୋଷିତ କରିଥାଏ । ଏହି ପ୍ରକ୍ରିୟା ମାଧ୍ୟମରେ ପିଲାଙ୍କ ଶରୀରରୁ ବିଲିରୁବିନର ମାତ୍ରାରେ ପରିବର୍ତ୍ତନ ଆସେ ଓ ଏହି ବିଲିରୁବିନ୍ ପରିବର୍ତ୍ତି ହୋଇ ମଳ ଓ ପରିସ୍ରା ବାଟେ ବାହାରିଆସେ । ଏହି ପ୍ରକ୍ରିୟାକୁ ଏବେ ଅଧିକାଂଶ ହସ୍ପିଟାଲରେ ବ୍ୟବହାର କରାଯାଉଛି । ଏଭଳି କରିବା ଫଳରେ ପିଲାଙ୍କୁ କୌଣସି କ୍ଷତି ହୁଏନାହିଁ ଓ ଶିଶୁ ସୁସ୍ଥ ରହେ ।

## ପୋର୍ଟେବ ସୌର-ନିୟନ୍ତ୍ରିତ ରେଫ୍ରିଜେରେଟର

ଆମେରିକୀୟ ବ୍ୟକ୍ତି ସ୍ୱେନର ଟ୍ରୋଟର ସୌର ଶକ୍ତି ଦ୍ୱାରା ସଞ୍ଚାଳିତ 'ଏନି ହେୟାର ଫ୍ରିଜ୍' ପ୍ରସ୍ତୁତ କରିଛନ୍ତି, ଯାହାକୁ ବ୍ୟବହାର କରି ବାହାରେ ବୁଲିବା ସମୟରେ ଥଣ୍ଡା ବସ୍ତୁମାନଙ୍କୁ ଥଣ୍ଡା ରାଖାଯାଇପାରିବ । ଏବଂ ଔଷଧଗୁଡ଼ିକୁ ମଧ ବେଶୀ ଦିନ ପର୍ଯ୍ୟନ୍ତ ଷ୍ଟୋର କରି ରଖିହେବ । ବାଦଲର ସ୍ଥିତି ଅନୁଯାୟୀ ଏହି ବ୍ୟାଟେରୀ ଚାଳିତ ପୋର୍ଟେବୁଲ ଫ୍ରିଜରେ ମୋବାଇଲ ଫୋନ ବି ଚାର୍ଜ କରାଯାଇପାରିବ ।



## କେତେବେଳେ କେଶ କାଟିବା ଅନୁଚିତ୍



ଆମ ଦେଶରେ ଦୈନନ୍ଦିନ କାର୍ଯ୍ୟ ସହିତ ଜଡ଼ିତ ଅନେକ ପରମ୍ପରା ରହିଛି । ଯେପରି ସ୍ନାନ ପରେ ପୂଜା କରିବା, ଖାଇବା ପୂର୍ବରୁ ଗାଧୋଇବା, ମଙ୍ଗଳାର, ଶନିବାର ଓ ଗୁରୁବାର କେଶ ନ କାଟିବା ଇତ୍ୟାଦି । ଏସବୁ ମଧ୍ୟରେ ସବୁଠାରୁ ଗୁରୁତର ପ୍ରସଙ୍ଗ ହେଉଛି କେଶ କାଟିବା । ପ୍ରତ୍ୟେକ ଘରେ ପୁରୁଖା ଲୋକମାନେ ମଙ୍ଗଳବାର, ଗୁରୁବାର ଓ ଶନିବାର ଦିନ କେଶ କାଟିବା ପାଇଁ ବାରଣ କରୁଥିବା କଥା ଆମେ ଜାଣିଛୁ । କାହିଁକି ଏପରି ନିୟମ ରହିଛି ଅନେକ ସମୟରେ ଆମ ମନରେ ପ୍ରଶ୍ନ ଆସିଥାଏ । ମହାକାଶ ବିଜ୍ଞାନ ଓ ଜ୍ୟୋତିଷ ଶାସ୍ତ୍ରଗୁଡ଼ିକର ପୁରୁଣା ବହିଗୁଡ଼ିକ ଅଧ୍ୟୟନ କଲେ ଜଣାପଡ଼େ ଯେ, ଏହା ପଛରେ ସ୍ପଷ୍ଟ ବୈଜ୍ଞାନିକ କାରଣ ରହିଛି ।

♦ ବିଜ୍ଞାନ ଅନୁସାରେ ସପ୍ତାହରେ ଏଭଳି କେତୋଟି ଦିନ ଅଛି ଯେଉଁ ଦିନଗୁଡ଼ିକରେ ଗ୍ରହମାନଙ୍କଠାରୁ ଯେଉଁ କିରଣ ବାହାରିଥାଏ, ତାହା ଆମ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇଥାଏ । ଶନିବାର, ମଙ୍ଗଳବାର ଓ ଗୁରୁବାର ଦିନ ଗ୍ରହଗୁଡ଼ିକରୁ ବାହାରୁଥିବା କିରଣ ସିଧା ଆମ ମସ୍ତିଷ୍କ ଉପରେ ପଡ଼ିଥାଏ । ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଭାଗଟି ହେଉଛି ମସ୍ତିଷ୍କ । ମସ୍ତିଷ୍କର ମଝିଅଂଶ କୋମଳ ଓ ସମ୍ବେଦନଶୀଳ ହୋଇଥାଏ । ଯାହାର ସୁରକ୍ଷା କେଶ କରିଥାଏ । ତେଣୁ ଏହି ଦିନ ଗୁଡ଼ିକରେ କେଶ କାଟିବା ପାଇଁ ବାରଣ କରାଯାଇଛି ।

♦ ଶାସ୍ତ୍ର ଅନୁଯାୟୀ, ମଙ୍ଗଳବାର ଦିନ କେଶ କାଟିବା ଦ୍ୱାରା ଆମର ଆୟୁ ଆଠମାସ କମିଯାଇଥାଏ । ଗୁରୁବାର ଦିନକୁ ଦେବୀ ଲକ୍ଷ୍ମୀଙ୍କ ବାର କୁହାଯାଏ । ଏହିଦିନ କେଶ କାଟିବା ଦ୍ୱାରା ଜଣେ ସବୁବେଳେ ଦରିଦ୍ରତା ମଧ୍ୟରେ ଜୀବନ କାଟିଥାଏ ।


♦ ଶନିବାର ଦିନ ମଙ୍ଗଳଗ୍ରହର ଦିନ ହୋଇଥାଏ । ମଙ୍ଗଳଙ୍କ ନିବାସ ଆମ ରକ୍ତରେ ରହିଥାଏ । ରକ୍ତରୁ କେଶର ଉତ୍ପତ୍ତି ହୋଇଥାଏ । ସେହିଭଳି ଶନିବାର ଶନିଗ୍ରହଙ୍କ ଦିନ । ଶନିଗ୍ରହର ସିଧା ସମ୍ପର୍କ ଆମ ତ୍ୱଚା ସହିତ ଥାଏ । ତେଣୁ ମଙ୍ଗଳବାର ଓ ଶନିବାର ଦିନ କେଶ କାଟିବା ଦ୍ୱାରା ମଙ୍ଗଳ ଓ ଶନିଗ୍ରହର ଅଶୁଭ ପ୍ରଭାବ ପଡ଼ିପାରେ । ତେଣୁ ଏସବୁରୁ ରକ୍ଷା ପାଇବା ପାଇଁ ଏହି ଦିନଗୁଡ଼ିକରେ କେଶ କାଟିବା ପାଇଁ ବାରଣ କରାଯାଇଛି ।

## ରାଜଯୋଟକ କଣ


ଭାରତରେ ବିବାହ ବନ୍ଧନ ଅତି ଦୃଢ଼ ଓ ଦାମ୍ପତ୍ୟ ଜୀବନ ଅଟେ ପବିତ୍ର । ବିବାହ ବନ୍ଧନ ଦ୍ୱାରା ଦୁଇଟି ଆତ୍ମା ଯୋଡ଼ି ହୋଇଥାଏ । ତେଣୁ ବିବାହ ପୂର୍ବରୁ ବର ଓ କନ୍ୟାଙ୍କର ଜାତକ (ଜନ୍ମକୋଷ୍ଠୀ) ମେଳ କରାଯାଇଥାଏ । ବେଦର ଚକ୍ଷୁ ଜ୍ୟୋତିଷ ଶାସ୍ତ୍ର ଅଟେ । ଏହି ଶାସ୍ତ୍ରାନୁମୋଦିତ ପଦ୍ଧତିରେ ଦେଖି କେଉଁ ଯୋଡ଼ି ଠିକ୍ ଏବଂ କେଉଁ ଯୋଡ଼ି ଠିକ୍ ନୁହେଁ ଜଣାଯାଏ । ପ୍ରସ୍ତାବିତ ବର ଓ କନ୍ୟାର ଦୁଇ ଜାତକ ମଧ୍ୟରେ ରାଜଯୋଟକ ମେଳକ ସର୍ବୋତ୍ତମ ଓ ସର୍ବୋତ୍କୃଷ୍ଟ ଭାବରେ ଗଣନା କରାଯାଏ । ବର କନ୍ୟା ଉଭୟଙ୍କର ଏକ ରାଶି ହେଲେ କିମ୍ବା ବରରାଶିଠାରୁ କନ୍ୟାରାଶି ପର୍ଯ୍ୟନ୍ତ ସାତ ହେଲେ କିମ୍ବା ବର ରାଶିଠାରୁ କନ୍ୟାରାଶି ପର୍ଯ୍ୟନ୍ତ ସାତ ହେଲେ କିମ୍ବା ବର ରାଶିଠାରୁ କନ୍ୟାରାଶି ପର୍ଯ୍ୟନ୍ତ ଚାରି ବା ଦଶ ହେଲେ ନଚେତ୍ ତୃତୀୟ ବା ଏକାଦଶ ହେଲେ ରାଜଯୋଟକ ବୋଲି କୁହାଯାଏ । ରାଜଯୋଟକ ହେଲେ ଗ୍ରହ ବୈରତା, ତାର ଅଶୁଦ୍ଧ ଗଣ ଅଶୁଦ୍ଧ, ବର୍ଣ୍ଣଦୋଷ ଓ ନାଡ଼ି ଦୋଷ ପ୍ରଭୃତିରେ ଅଶୁଭ ଫଳ ଖଣ୍ଡନ ହୁଏ ବୋଲି ଜ୍ୟୋର୍ତିବିଦଙ୍କ ମତ ।




## ନିୟମିତ ଦାନ୍ତ ବିନ୍ଧୁଥିଲେ ଚିନ୍ତା ନାହିଁ



କିଛି ଥଣ୍ଡା କିମ୍ବା ଗରମ ପିଇବା ଦ୍ୱାରା ଦାନ୍ତ ଝିମ୍ ଝିମ୍ ହେବା ଏକ ସାଧାରଣ ସମସ୍ୟା । ସଠିକ୍ ଯତ୍ନ ନନେଲେ ମଧ ଦାନ୍ତରୁ ଦୁର୍ଗନ୍ଧ ହେବା ସହ ରକ୍ତ ବାହାରିଥାଏ । ତେବେ ଏସବୁ କ୍ଷେତ୍ରରେ ଆମକୁ ଡାକ୍ତର ପାଖକୁ ଯିବାକୁ ପଡ଼ିଥାଏ । କିନ୍ତୁ ଆପଣ ଜାଣନ୍ତି କି କିଛି ଘରୋଇ ଉପଚାର ଦ୍ୱାରା ଏସବୁ ସମସ୍ୟାରୁ ଆରାମ ମିଳିପାରିବ । ତେବେ ଆସନ୍ତୁ ଜାଣିବା ଦାନ୍ତ ବିନ୍ଧାକୁ କିପରି କରିବା ବାଏ ବାଏ । ଲେମ୍ବୁରେ ଭିଟାମିନ୍-ସି ଥାଏ, ଯାହା ଦାନ୍ତ ବିନ୍ଧାରୁ ମୁକ୍ତି ଦେଇଥାଏ । ବିନ୍ଧା ହେଉଥିବା ଅଂଶରେ ଲେମ୍ବୁର ଛୋଟ ଖଣ୍ଡଟିଏ ଲଗାଇଲେ ତୁରନ୍ତ ଆରାମ ମିଳିଥାଏ । ଯଦି ଦାନ୍ତ ବିନ୍ଧା ହେବା ସହ ଫୁଲିଯାଏ ତେବେ ଆଳୁର ଛୋଟ ଗୋଟିଏ ଅଂଶ କାଟି ସେହି ସ୍ଥାନରେ ୧୫ମିନିଟ୍ ପାଇଁ ରଖନ୍ତୁ । ଏହାଦ୍ୱାରା ଆରାମ ମିଳେ । ଯଦି ଆପଣ ଦାନ୍ତ ସମସ୍ୟା ପାଇଁ ବ୍ୟସ୍ତ ତେବେ ରସୁଣ ଏଥିରୁ ମୁକ୍ତି ଦେବ । ରସୁଣରେ ଲୁଣଲଗାଇ ଖାଆନ୍ତୁ । ନିୟମିତ ସକାଳେ ଏପରି କଲେ ଅନେକ ଲାଭ ମିଳିଥାଏ । ଦାନ୍ତ କଷ୍ଟରୁ ମୁକ୍ତି ପାଇଁ ପିଆଜ ଏକ ଭଲ ଉପାୟ । ଡାକ୍ତର ବି ମାନନ୍ତି ପ୍ରତି ୩ମିନିଟରେ ଥରେ ଛୋଟ ପିଆଜ ଖଣ୍ଡେ ଖାଇବା ଉଚିତ୍ । କାରଣ ଏହା ଦ୍ୱାରା ମୁହଁରେ ଥିବା ଜୀବାଣୁ ମରିଯିବା ସହ ଦାନ୍ତ ବିନ୍ଧାରୁ ଆରାମ ମିଳିଥାଏ ।









## ମହଲ ଓ ବଗିଚାର ସହର

କପୁରଥଲା ହେଉଛି ପଂଜାବର କପୁରଥଲା ଜିଲ୍ଲା ଅର୍ନ୍ତଗତ ଏକ ପ୍ରମୁଖ ସହର । ଏଠାକାର ପରିବେଶ ଯେତିକି ଶାନ୍ତ ସେତିକି ପରିଷ୍କାର ବି । ତା' ଛଡ଼ା ଏଠାରେ ରହିଛି ଅନେକ ଐତିହାସିକ ମହଲ ତଥା ବଗିଚା । ଖାସ୍ ସେଥିପାଇଁ ଅନେକେ କପୁରଥଲାକୁ ମହଲ ଓ ବଗିଚାର ସହର ବୋଲି ମଧ୍ୟ ସମ୍ବୋଧନ କରିଥାନ୍ତି । ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ, ଏହି ସହରର ନାମକରଣ ରାଣା କପୁରଙ୍କ ନାମାନୁସାରେ କରାଯାଇଛି, ଯିଏ କି ଜୟସଲମେର୍‌ରେ ରହୁଥିବା ରାଜପରିବାରର ଜଣେ ବଂଶଜ ଥିଲେ । ଆଉ ତାଙ୍କରି ଦ୍ୱାରା ହିଁ ଏହି ସହର ଲୋକଲୋଚନକୁ ଆସିଥିଲା ।



**ସୈନିକ ସ୍କୁଲ:** ଏହା ପ୍ରଥମେ ଜଗତଜିତ୍ ମହଲ ନାଁରେ ଜଣାଯାଉଥିଲା । ଏଠାରେ କପୁରଥଲାରେ ଶାସନ କରୁଥିବା ପୂର୍ବ ମହାରାଜା ଜଗତଜିତ୍ ସିଂ ରହୁଥିଲେ । ପ୍ରାୟ ୨୦୦ ଏକର ପରିସୀମାବ୍ୟାପ୍ତ ଅଂଚଳ ଉପରେ ଗଢ଼ି ଉଠିଥିବା ଏହି ମହଲର ବାସ୍ତୁକଳା ଖୁବ୍ ଆକର୍ଷଣୀୟ । ଖାସକରି ଏହାର ଦରବାର ହଲ୍ ଦର୍ଶକଙ୍କର ମନ ମୋହିନିଏ । ବ ର୍ତମାନ ଏହା ସୈନିକ ସ୍କୁଲ ନାମରେ ପରିଚିତ ହେଉଥିଲେ ହେଁ, ଏହାର ଆକର୍ଷଣୀୟ ଏବେ ବି ସେମିତି ଅକ୍ଷୁର୍ଣ୍ଣ ହୋଇ ରହିଛି ।

### କେବେ ଓ କେମିତି ଯିବେ

କପୁଥଲାକୁ ବର୍ଷର ଯେ କୌଣସି ସମୟରେ ବୁଲିଯିବାର ସୁବିଧା ଥିଲେ ହେଁ ସ୍ଥାନୀୟ ପାଣିପାଗ ସୂଚନା କେନ୍ଦ୍ରର ମତାନୁଯାୟୀ, ମାର୍ଚ୍ଚରୁ ଅକ୍ଟୋବର ହେଉଛି ଏଠାକୁ ଭ୍ରମଣରେ ଯିବାର ସବୁଠୁ ଭଲ ସମୟ । କାରଣ ଏହି ସମୟରେ ଏଠାକାର ଜଳବାୟୁ ବେଶ୍ ଆରାମଦାୟକ ଥାଏ । ସେହିପରି ଗମନାଗମନର ମଧ୍ୟ ଭଲ ସୁବିଧା ରହିଛି ଏଠାରେ । ଅମୃତସରସ୍ଥିତ ବିମାନବନ୍ଦର ହେଉଛି ଏଠାକାର ନିକଟତମ ବିମାନବନ୍ଦର, ଯାହା କପୁରଥଲା ସହରଠାରୁ ପ୍ରାୟ ୬୨ କି.ମି ଦୂରରେ ଅବସ୍ଥିତ । ଅନ୍ୟପକ୍ଷେ ଟ୍ରେନ୍ ଓ ବସ୍ ଯୋଗେ ବି ଏଠାକୁ ଯିବାର ସୁବ୍ୟବସ୍ଥା ରହିଛି ।

### କଣ ଦେଖିବେ

ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ କପୁରଥଲାରେ ରହିଛି ଅନେକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ । ଯେମିତିକି ସୈନିକ ସ୍କୁଲ, ମୁରିଶ ମସ୍‌ଜିଦ୍, ଜଗତଜିଦ୍ କ୍ଲବ, ପଂଚ ମନ୍ଦିର, ଗୁରୁଦ୍ୱାର ବେର ସାହିବ ଇତ୍ୟାଦି...

### ମୁରିଶ ମସଜିଦ୍:

ଏହି ମସଜିଦକୁ ବି ମହାରାଜା ଜଗତଜିତ୍ ସିଂ ନିର୍ମାଣ କରାଇଥିଲେ । ଏହାକୁ ତିଆରି କରିବାପାଇଁ ପ୍ରାୟ ୧୩ ବର୍ଷ ସମୟ ଲାଗିଯାଇଥିଲା । ଆକର୍ଷଣୀୟ କାରୁକାର୍ଯ୍ୟଭରା ଏହି ମସଜିଦକୁ ନିର୍ମାଣ କରିବାର ଦାୟିତ୍ୱ ଜଣେ ଫ୍ରେଂଚ ବାସ୍ତୁକାର ନେଇଥିଲେ ।

### ଜଗତ୍‌ଜିତ୍ କ୍ଲବ:

ଏହା କପୁରଥଲା ସହରର ମଧ୍ୟବର୍ତ୍ତୀ ଅଂଚଳରେ ଗଢ଼ି ଉଠିଥିବା ଏକ ଆକର୍ଷଣୀୟ ଭବନ । ଗ୍ରୀକ୍ କାରୁକାର୍ଯ୍ୟ ଶୈଳୀରେ ନିର୍ମିତ ହୋଇଥିବା ଏହି ଭବନଟିକୁ ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ କାର୍ଯ୍ୟରେ ସାମିଲ କରାଯାଇଛି । ଯେମିତିକି ପ୍ରଥମେ ଏହାକୁ ଏକ ଚର୍ଚ୍ଚର ରୂପ ଦିଆଯାଇଥିଲା, ପରେ ଏହା ସିନେମା ହଲ୍ ଭାବେ କାର୍ଯ୍ୟକଲା । ଆଉ ଏବେ ଏହା ସ୍ଥାନୀୟ ଏକ ଲୋକପ୍ରିୟ କ୍ଲବ ଭାବେ ଜଣାଯାଉଛି ।

### ପଂଚ ମନ୍ଦିର:

ଐତିହାସିକ ମହତ୍ତ୍ୱ ରଖୁଥିବା ଏହି ମନ୍ଦିର ପରିସରରେ ଛୋଟ ଛୋଟ ପାଂଚଟି ମନ୍ଦିର ଦେଖିବାକୁ ମିଳେ । ଖାସ୍ କଥା ହେଲା ଏହି ପାଂଚଟି ମନ୍ଦିରର ନିର୍ମାଣ ଏପରି ହୋଇଛି, ଯଦ୍ୱାରା ଭକ୍ତ ଚାହିଁଲେ ମନ୍ଦିରର ପ୍ରବେଶ ଦ୍ୱାର ପାଖେ ଠିଆ ହୋଇ ସେହିଠାରୁ ହିଁ ଉକ୍ତ ପାଚଂଟି ମନ୍ଦିରର ଦେବଦେବୀଙ୍କୁ ଦର୍ଶନ କରିପାରିବେ ।



### ଗୁରୁଦ୍ୱାର ବେର୍ ସାହିବ:

କପୁରଥଲା ଜିଲ୍ଲା ଅର୍ନ୍ତଗତ ସୁଲତାନ୍‌ପୁର ଲୋଧିଠାରେ ରହିଛି ଏହି ପ୍ରସିଦ୍ଧ ଗୁରୁଦ୍ୱାର ବେର୍ ସାହିବ । ଶିଖ୍ ଧର୍ମାବଲମ୍ବୀ ବ୍ୟକ୍ତିଗଣଙ୍କ ପାଇଁ ଏହା ଏକ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ । କୁହାଯାଏ ଏଠାରେ କୁଆଡ଼େ ଶିଖ୍ ଧର୍ମର ପ୍ରଥମ ଗୁରୁ 'ଗୁରୁ ନାନକ' ୧୪ ବର୍ଷ ଜୀବନ ଅତିବାହିତ କରିଥିଲେ । ସେହିପରି ବେର୍ ହେଉଛି ଏଠାକାର ଏକ ଗଛ ଯାହାକୁ ଗୁରୁ ନାନକ ନିଜେ ଲଗାଇଥିଲେ ଆଉ ସେହି ଗଛ ମୂଳେ ବସି ସେ ଶିଖ୍ ଧର୍ମର ମୂଳମନ୍ତ୍ର ପ୍ରକାଶ କରିଥିଲେ ବୋଲି ଲୋକବିଶ୍ୱାସ ରହିଛି ।

ତେବେ ଏସବୁ ଦର୍ଶନୀୟସ୍ଥାନ ବାଦ୍ କପୁରଥଲାରେ ଦେଖିବାପାଇଁ ଆହୁରି ଅନେକ ପର୍ଯ୍ୟଟନସ୍ଥଳୀ ରହିଛି । ଖାସ୍ କରି ଏଠାରେ ଦେଖିବାକୁ ମିଳୁଥିବା ଛୋଟମୋଟ ବଗିଚା ପର୍ଯ୍ୟଟକଙ୍କୁ ଅଧିକ ଆକର୍ଷିତ କରିଥାଏ ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୧୫ ସେପ୍ଟେମ୍ବର ୨୦୨୧, ବୁଧବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ନେତୃତ୍ୱର ପରିବର୍ତ୍ତନ...

ଅଳ୍ପ କେଇମାସ ବ୍ୟବଧାନରେ ଦେଶର କେତେକ ରାଜ୍ୟରେ ନେତୃତ୍ୱ ପରିବର୍ତ୍ତନ ସମସ୍ତଙ୍କର ଦୃଷ୍ଟିକୁ ଆସିଛି । ଉତ୍ତରାଖଣ୍ଡରେ ତିନିମାସ ଭିତରେ ଦୁଇଜଣ ମୁଖ୍ୟମନ୍ତ୍ରୀଙ୍କୁ ବଦଳାଯିବା ଜାଣିବା ଶୁଣିବା ମହଲରେ ଚର୍ଚ୍ଚାରେ ଖୋରାକ ଯୋଗାଇଥିଲା । ଏବେ ନରେନ୍ଦ୍ର ମୋଦିଙ୍କ ନିଜ ରାଜ୍ୟ ଗୁଜରାଟରେ କୌଣସି ପୂର୍ବ ସୂଚନା ନଥାଇ ବିଦା ହୋଇଛନ୍ତି ବିଜୟ ରୂପାନି । ତାଙ୍କ ସ୍ଥାନରେ ପଟିଦାର ସମ୍ପ୍ରଦାୟର ଭୂପେନ୍ଦ୍ର ପଟେଲଙ୍କ ହାତରେ ରାଜ୍ୟରେ ଶାସନ ଡୋର ଅର୍ପଣ କରାଯାଇଛି । ଭୂପେନ୍ଦ୍ର ପଟେଲଙ୍କ ରାଜ୍ୟର ଏଭଳି ଜଣେ ପ୍ରଭାବଶାଳୀ ପଟିଦାର ନେତା, ଯିଏକି ପ୍ରଥମ ଥର ବିଧାନସଭାକୁ ନିର୍ବାଚିତ ହୋଇ ମୁଖ୍ୟମନ୍ତ୍ରୀ ହୋଇଛନ୍ତି । ପୂର୍ବମୁଖ୍ୟମନ୍ତ୍ରୀ ଆନନ୍ଦୀବେନ୍ ପଟେଲଙ୍କ ଆସନରୁ ଥରେ ମାତ୍ର ନିର୍ବାଚିତ ହୋଇ କେନ୍ଦ୍ରୀୟ ନେତୃତ୍ୱର ଦୃଷ୍ଟିକୁ ଆସିଥିବା ଭୂପେନ୍ଦ୍ର ପଟେଲଙ୍କୁ ଆଗାମୀ ବିଧାନସଭା ନିର୍ବାଚନରେ ଦଳର ମୁଖା ରୂପେ ବ୍ୟବହାର କରିବାକୁ ହୁଏତ ବିଜେପି ଚାହିଁଛି । ବିଜୟ ରୂପାନି ପୂର୍ବଥର ପୂରା ସମୟ ଶାସନ କରିବା ପରେ ଦ୍ୱିତୀୟ ଥର ତାଙ୍କ ପାଇଁ କଣ୍ଟକଶୂନ୍ୟ ନଥିଲା । ଆଶା ଆଶଙ୍କା ଭିତରେ ପୁନର୍ବାର ମୁଖ୍ୟମନ୍ତ୍ରୀ ହୋଇଥିବା ରୂପାନିଙ୍କ ଉପରେ ନାଗପୁର ସୁଖୀ ନଥିବାରୁ ପରିଶେଷରେ ତାଙ୍କୁ ବିଦାୟ ନେବାକୁ ପଡ଼ିଥିଲା । ଦେଶ ଶାସନର ଡୋର ଭାରତୀୟ ଜନତା ପାର୍ଟି ହାତରେ ରହିଛି ସତ, ହେଲେ ବହୁ ପ୍ରସଙ୍ଗ ନେଇ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ମହକୁମା(ନାଗପୁର)ର ଭୂମିକା ରହୁଛି । ଗଣମାଧ୍ୟମରେ ଯାହା ଚର୍ଚ୍ଚା ହେଉଛି, ଆର୍‌ଏସ୍‌ଏସ୍‌ର ମୁଖ୍ୟ ମୋହନ ଭଗତ୍ୱତ ରୂପାନିଙ୍କ କାର୍ଯ୍ୟରେ ସନ୍ତୁଷ୍ଟ ନଥିଲେ । କେନ୍ଦ୍ର ତଥା ରାଜ୍ୟରେ ରାଜନୈତିକ ନେତୃତ୍ୱର ଗତି ଓ ବେଗକୁ ନାଗପୁର ମହକୁମାର ନିୟନ୍ତ୍ରଣ ରହୁଥିବାର ଏହା ଆଉ ଗୋଟିଏ ଦୃଷ୍ଟାନ୍ତ ବୋଲି କୁହାଯାଉଛି । ତାହା ବାଦ୍ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହଙ୍କର ମଧ ନିଜ ରାଜ୍ୟ ଗୁଜରାଟ । ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀଙ୍କର ଆସ୍ଥାଭାଜନ ଥିବା ଭୂପେନ୍ଦ୍ର ପଟେଲ ସମ୍ଭାବ୍ୟ ସ୍ଥିତି ସମ୍ଭାଳିବାରେ ସକ୍ଷମ ବୋଲି ବିଶ୍ୱାସ କରାଯାଉଛି । ପୂର୍ବତନ ମୁଖ୍ୟମନ୍ତ୍ରୀ ଆନନ୍ଦୀବେନ୍ ତାଙ୍କ ଆସନରୁ ଭୋଟ୍ ଲଢ଼ିବା ସକାଶେ ଭୂପେନ୍ଦ୍ର ପଟେଲଙ୍କୁ ବାଛିଥିବା ଏବଂ ପ୍ରଭାବଶାଳୀ ପଟିଦାର ସମ୍ପ୍ରଦାୟର ନେତା ହୋଇଥିବାର ପରିବର୍ତ୍ତିତ ସ୍ଥିତିରେ ତାଙ୍କ ଚୟନ ସହଜ ମନେ କରାଯାଇଛି । ଗୁଜରାଟର ଲୋକସଂଖ୍ୟାର ୧୫% ହେଉଛନ୍ତି ପଟିଦାର ସମ୍ପ୍ରଦାୟର । କିଛି ବର୍ଷ ତଳେ ହାର୍ଦ୍ଦିକ ପଟେଲଙ୍କ ନେତୃତ୍ୱରେ ଯେଉଁ ପଟିଦାର ଆନ୍ଦୋଳନ ହୋଇଥିଲା, ତାହା ରାଜ୍ୟ ଶାସନ ପାଇଁ ମସ୍ତବଡ଼ ଆହ୍ୱାନ ହୋଇ ମୁଣ୍ଡ ଟେକିଥିଲା । ଏବେ ସେହି ହାର୍ଦ୍ଦିକ ହୋଇଛନ୍ତି ଗୁଜରାଟ ପିସିସିର ମୁଖ୍ୟ । ଆଗାମୀ ନିର୍ବାଚନ ସକାଶେ ପାଗ ଭିଡୁଥିବା ଦଳଗୁଡ଼ିକ ଭିତରେ ଆମ୍ ଆଦ୍‌ମି ପାର୍ଟି ଓ କଂଗ୍ରେସଠାରୁ ବିଜେପି ଯେଉଁ ଆହ୍ୱାନର ସମ୍ମୁଖୀନ ହେବ, ତାକୁ ସମ୍ଭାଳିବା ପାଇଁ ଭୂପେନ୍ଦ୍ରଙ୍କ ଉପରେ ଭରସା ରଖିଛି ବିଜେପି । ଗୁଜରାଟର କ୍ଷମତା-ରାଜନୀତି ଇତିହାସ କହୁଛି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକମାତ୍ର ନେତା, ଯିଏକି ପୂରା କାର୍ଯ୍ୟକାଳ ମୁଖ୍ୟମନ୍ତ୍ରୀ ହୋଇପାରିଛନ୍ତି । ଅନ୍ୟ ନେତାମାନେ ଏକାଧିକ କାରଣରୁ ବିବାଦୀୟ ହୋଇ ପଦତ୍ୟାଗ କରିବାକୁ ବାଧ ହୋଇଛନ୍ତି । ଯେହେତୁ ଯେଉଁ କେତେକ ରାଜ୍ୟରେ ବିଧାନସଭା ଭୋଟ ଆଖର ହୋଇଆସିଲାଣି, ନେତୃତ୍ୱ ପରିବର୍ତ୍ତନ କରି ବିଜେପି ସମ୍ଭାବ୍ୟ ସ୍ଥିତିକୁ ଅଧିକ ଦକ୍ଷତା ସହକାରେ ସମ୍ମୁଖୀନ ହୋଇପାରିବ ବୋଲି ବିଚାର କରାଯାଉଛି । ମୁଖ୍ୟମନ୍ତ୍ରୀ ପଦ ପାଇଁ ଦୌଡ଼ରେ ନୀତୀନ ପାଟିଲ, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମାଣ୍ଡଭୀୟଙ୍କ ବହୁଜଣ ରହିଥିଲେ । ମାତ୍ର ହାତୀ ହାଇକମାଣ୍ଡଙ୍କ ଇସାରାରେ ଭୂପେନ୍ଦ୍ର ପଟେଲଙ୍କ ମୁଣ୍ଡରେ ସୁନା କଳସ ଢାଳିଲା । ରାଷ୍ଟ୍ରୀୟ ନେତା ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପରମ୍ପରାର ଦାୟାଦ ଭୂପେନ୍ଦ୍ରଙ୍କଠାରୁ ଦଳ ଯେତିକି ପ୍ରତ୍ୟାଶା ରଖିଛି, ତାହା ସେ ଅବଶ୍ୟ ନିର୍ବାହ କରିବେ ଏବଂ ଦେଖାଇ ଦେବାରେ ସାମର୍ଥ୍ୟ ପ୍ରତିପାଦନ କରିବେ । ବିଭିନ୍ନ ରାଜ୍ୟରେ ଜାତି- ରାଜନୀତି ପ୍ରବଳ ଭାବରେ ମୁଣ୍ଡ ଟେକିବାରେ ଲାଗିଛି । ଉତ୍ତରପ୍ରଦେଶ, ବିହାର କିମ୍ବା ଗୁଜରାଟ- ସବୁ ରାଜ୍ୟରେ ଭୋଟ୍‌କୁ ନଜରରେ ରଖି ନେତା ବଦଳା ଯାଉଛି । କେଉଁ ଜାତିର ପ୍ରତିଶତ ଭାଗ କେତେ, ଆରକ୍ଷଣ ଓ ନେତା ବଦଳାଇ ମତଦାତାମାନଙ୍କୁ ଲୋଭ ଓ ଆକର୍ଷଣ ଦେଖାଯାଉଛି । ଗୁଜରାଟରେ ସେହି ପ୍ରକାର କସରତ୍‌ର ପୁନରାବୃତ୍ତି ହେଇଥାଇପାରେ ବୋଲି ମତ ଦେଉଛନ୍ତି ସମୀକ୍ଷକ ମହଲ ।

## ବିପର୍ଯ୍ୟସ୍ତ ଗ୍ରାମ୍ୟ ଜୀବନ



ଡକ୍ଟର ମନୋରଞ୍ଜନ ବିଷୋୟୀ

ଭୂଗର୍ଭରୁ ମାତୃଗର୍ଭକୁ ଏବଂ ମାତୃଗର୍ଭରୁ ଭୂଗର୍ଭକୁ ଯାତ୍ରା କରିବା ଭିତରେ ଜୀବନଟିଏ ଗଢ଼ିଉଠେ । ଭାରତୀୟ ଦର୍ଶନରେ ମଣିଷ ବଦଳେ କିନ୍ତୁ ମାଟି ବଦଳେ ନାହିଁ । ଏପରିକି ମାଟିରୁ ଜନ୍ମଲାଭ କରୁଥିବା ସାଂସ୍କୃତିକ ବାର୍ତ୍ତା ପରିବର୍ତ୍ତିତ ହୁଏ ନାହିଁ। ଚିହ୍ନାମାଟିର ସନ୍ତାନ ବାହ୍ୟ ଔଜ୍ଜ୍ୱଲ୍ୟରେ ଅନ୍ଧ ହୋଇ କ୍ରମେ ଅଚିହ୍ନା ମନେ ହୁଅନ୍ତି । ଏହାହିଁ ହୋଇଛି ସାଂପ୍ରତିକ କାଳର ଏକ ନିଖୁଣ ସତ୍ୟ। ଏକଦା ସାମୂହିକ ସୂତ୍ରରେ ଆବଦ୍ଧ ମଣିଷ ପାଇଁ ସୁଖ ଦୁଃଖ ଉଭୟ ଥିଲା ସାମୂହିକ। ଆଜି କିନ୍ତୁ ପ୍ରତିଷ୍ଠା ଓ ପ୍ରାଚୁର୍ଯ୍ୟ ପଛରେ ପାଗଳ ମଣିଷ ଆପଣାର ସ୍ୱାର୍ଥର ପରିଧି ଭିତରେ ସଂପୂର୍ଣ୍ଣ ରୂପେ ବନ୍ଦୀ। ଉତ୍ସବ ମୁଖର ପରିବେଶ ନାହିଁ; ନାହିଁ ମଧ ସରଳ ମାନବର ନିରଳସ ଇସ୍ତାହାର । କେଉଁଠି ନିଜ ପିଲାଙ୍କୁ ଗାଁ ସ୍କୁଲରେ ପାଠ ନ ପଢ଼ାଇ ସହରରେ ପାଠ ପଢ଼ାଇବାର ମୋହ ପାରିବାରିକ ସଂପର୍କରେ ଠିଆ କରାଇଛି ପାଚେରୀ ତ ଆଉ କେଉଁଠି ଭାଇ ଭାଇ ଭିତରେ ଭାଗ ବଣ୍ଟାକୁ ନେଇ ଚୂଡ଼ାନ୍ତ ଫଇସଲା ପାଇଁ ଭଦ୍ରଲୋକଙ୍କୁ ଡକା ଯାଇଛି । ଲାଗୁଛି ସ୍ୱାର୍ଥ ସର୍ବସ୍ୱ ଏ ଦୁନିଆରେ ଆଜି ସଭିଏଁ ଆପଣାର ସ୍ୱପ୍ନରେ ବିଭୋର। ଗାଁ ମନ୍ଦିର ପରିସର ଆଜି ତରୁଣ ଗୋଷ୍ଠୀର ଗଞ୍ଜେଇ ଆଖଡ଼ାରେ ପରିଣତ ହେବା ଠାରୁ ଆରମ୍ଭ କରି; ରାଜନୀତି ଆଜି ଉଦ୍‌ଭ୍ରାନ୍ତ ଯୁବଗୋଷ୍ଠୀର ସ୍ୱପ୍ନର ସମ୍ଭାର ପାଲଟିଛି। ଫଳରେ ଗାଁ ମଧ ଦି' ଭାଗ ହେବାରେ ଲାଗିଛି। ଏକ ମନ ହୋଇ ଚଳୁଥିବା ଗାଁ ଲୋକ ଆଜି ରକ୍ତମୁଖା ଦିଶୁଛନ୍ତି। ଆଜି ଗାଁରେ ବାପା-ମାଆ, କକା-ଖୁଡ଼ି, ମଉସା-ମାଉସୀ, ପିଉସା-ପିଉସି, ଭାଇନା-ଭାଉଜ, ମାମୁ-ମାଇଁ, ସଙ୍ଗାତ, ମଇତ୍ର ଭଳି ଆତ୍ମୀୟତାର ଉଚ୍ଚାରଣ ଭିତରେ ପରସ୍ପର ଡକାଡକି ହେଉଥିବା ସଂପର୍କ ସବୁ ଶିଥିଳ ହୋଇ ପଡ଼ିଛି । ଏପରିକି ଅନେକ ଘଟଣାରେ ଗାଁ ମାମଲତକାରମାନଙ୍କର ଅଦ୍ଭୁତ ନ୍ୟାୟନିଶାପ ଗ୍ରାମ୍ୟ ଜୀବନକୁ ବିପର୍ଯ୍ୟସ୍ତ କରି ଦେଇଛି । ଏହାସହ ଗାଁରେ ସରକାରଙ୍କ ଦ୍ୱାରା ପ୍ରଚଳିତ ସବୁ ବ୍ୟବସ୍ଥା କିପରି ଉପହସିତ ତାହା କଣ୍ଟ୍ରୋଲ ଦୋକାନର ଚିତ୍ର ଭିତରୁ ସ୍ପଷ୍ଟ ହୋଇପଡୁଛି । ଗାଁର ଶିକ୍ଷିତ ଗୋଷ୍ଠୀ କୌଳିକ ବୃତ୍ତି ବିମୁଖ ହୋଇ ସହର ଅଭିମୁଖେ ଅନ୍ଧଭାବରେ ଯାତ୍ରା; ଗାଁ ପ୍ରତି ଥିବା ସୂକ୍ଷ୍ମ ସଂପର୍କର ଡୋରୀକୁ ଶିଥିଳ କରିଦେଇଛି । ଏପରିକି ସହରର ଚାକଚକ୍ୟ ଅନେକ ପରିବାରରେ ଆଣିଛି ଦାରୁଣ ବିଡ଼ମ୍ବନା। କାରଣ ବାପାମାଆ ଯେଉଁ ପୁଅର ପାଠପଢ଼ାରେ ସମଗ୍ର ଜୀବନକୁ ସମର୍ପି ଦେଇଛନ୍ତି; ସେହି ପୁଅ ଏକ ଧନୀ ଦୁଲାଳୀକୁ ବାହା ହେବା ପରେ ଭୁଲିଯାଉଛି ଆପଣାର ଅତୀତ ଓ ବାପାମାଆଙ୍କୁ। ବସ୍ତୁତଃ ଏହାହିଁ ହେଉଛି ଆଜି ପ୍ରତି ଗାଁର ନିଛକ ପ୍ରତିରୂପ। ଆଜି ପାରସ୍ପରିକ ସଂପ୍ରୀତି ଓ ସୌହାର୍ଦ୍ଦ୍ୟ ସୁଦୂର ପରାହତ ।

ପରିଶେଷରେ କେବଳ ଏତିକି କହିବି- ଆଜି ପ୍ରତିଷ୍ଠା ଓ ସ୍ୱୀକୃତି କାଙ୍ଗାଳ ମଣିଷ ବସ୍ତୁବାଦୀ ଦୃଷ୍ଟିକୋଣର ମୋହରେ ଯେତେ ଆତ୍ମମଗ୍ନ ହେଉନା କାହିଁକି; ଯେଉଁ ମୁହୂର୍ତ୍ତକ ପାଇଁ ସେ ସଂପର୍କର ପୃଥିବୀ କଥା ଚିନ୍ତା କରେ; ସେତିକିବେଳେ ସେ ବିଷଣ୍ଣ ହେବା ସ୍ୱାଭାବିକ । ପ୍ରଗତିର ଶେଷ ବିନ୍ଦୁରେ ଜଗତୀକରଣର ଗୀତ ଗାଉଥିବା ଏ ମଣିଷ ପରମ୍ପରାଠାରୁ ବିଚ୍ଛିନ୍ନ ହେବା ସମ୍ଭବ ନୁହେଁ । ଆପଣା ମାଟି, ପାଣି, ପବନ ଓ ଆକାଶ ଯେଉଁ ନିବିଡ଼ ଆଲିଙ୍ଗନରେ ମଣିଷକୁ ବଞ୍ଚିବାର ମନ୍ତ୍ର ଶିଖାଇଥାଏ; ସେଥିରୁ ମୁକ୍ତ ହେବା ଅସମ୍ଭବ କହିଲେ ଅତ୍ୟୁକ୍ତି ହେବନାହିଁ । କାରଣ ସବୁ ମଣିଷ ପାଇଁ ମାଟି ହିଁ ହେଉଛି ମା'ର ରୂପାନ୍ତର । ଖୁବ୍ ନିବିଡ଼ ଓ ଆତ୍ମୀୟ । କିନ୍ତୁ ଏ ମାଟିରେ ଚଳପ୍ରଚଳ କରୁଥିବା ମଣିଷ ଗୁଡ଼ିକ ଭାବରେ ଓ ରକ୍ତରେ ଆତ୍ମୀୟ ହେବା ସତ୍ତ୍ୱେ; ଭୋଗ ସର୍ବସ୍ୱ ମନୋବୃତ୍ତି ନେଇ ଅଚିହ୍ନା ପାଲଟି ଯାଇଛନ୍ତି । ଏହାହିଁ ହେଉଛି ଚଳନ୍ତି ସମୟର ଦୁଃଖ ।


+ ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
(ମୋ)୮୮୯୫୧୪୧୭୨୭


## ଫାଇଲେରିଆ ରୋଗର କାରଣ ଓ ନିରାକରଣ



ଭାଗିରଥୀ ସ୍ୱାଇଁ

ଫାଇଲେରିଆ ଗୋଟିଏ ପରଜୀବୀ ଜନିତ ରୋଗ। ଏହି ରୋଗର ପରଜୀବୀ (ପାରାସାଇଟ୍) ରୋଗୀ ଦେହରୁ ମଶା ଦ୍ୱାରା ସୁସ୍ଥ ଲୋକ ଶରୀରରେ ପ୍ରବେଶ କରି ପ୍ରଦାହ କରେ ଓ ରୋଗର ନିଦାନ ସୃଷ୍ଟି କରେ। ଏହି ତଥ୍ୟ ମହାନ୍ ବୈଜ୍ଞାନିକ ତଥା ଡାକ୍ତର 'ମାନ୍‌ସନ୍'ଙ୍କ ଦ୍ୱାରା ୧୮୮୦ ମସିହାରେ ପ୍ରମାଣିତ ହୋଇଥିଲା। ଏହା ପୂର୍ବରୁ ଏହି ରୋଗ ଜଳ ମାଧ୍ୟମରେ ପୋଖରୀରେ ଗାଧୋଇବା ସମୟରେ ସଂକ୍ରମିତ ହୁଏ ବୋଲି କୁହାଯାଉଥିଲା। ଏହାର ଜୀବାଣୁ ସଂକ୍ରମିତ ହେବା ପାଇଁ ମଶାର ଆବଶ୍ୟକତା ରହିଛି। ମଶା ଦେହରେ ପ୍ରବେଶ କରିବାର ୧୨ ଦିନ ପରେ ପରିପକ୍ୱ ହୋଇ ମଶା କାମୁଡ଼ିବା ଦ୍ୱାରା ସୁସ୍ଥ ଲୋକ ଦେହରେ ପ୍ରବେଶ କରେ। ତେଣୁ ମଶାର ପ୍ରାଦୁର୍ଭାବ ଓ ରୋଗ ସଂକ୍ରମଣ ପରସ୍ପର ପରିପୂରକ। ଯେଉଁ ସ୍ଥାନମାନଙ୍କରେ ପରିବେଶ ଅପରିଷ୍କାର, ପାଣି ଜମି ରହେ, ଜଳ ନିଷ୍କାସନର ବ୍ୟବସ୍ଥା ନଥାଏ, ସେହି ଅଞ୍ଚଳରେ ଏହି ରୋଗ ବେଶି ପରମାଣରେ ଦେଖିବାକୁ ମିଳେ। ମଶାମାନେ ୨୫ ଡ଼ିଗ୍ରୀ ସେଣ୍ଟିଗ୍ରେଡ୍‌ରୁ ଅଧିକ ଉତ୍ତାପରେ ମରିଯାଆନ୍ତି। ତେଣୁ ଖରାଦିନେ ମଶାର ସଂଖ୍ୟା କମିଯାଏ। ଏହି ଫାଇଲେରିଆ ମଶାମାନେ ଦିନରେ ଅନ୍ଧାରିଆ ସ୍ଥାନରେ ଲୁଚି ରହନ୍ତି। ସନ୍ଧ୍ୟାହେଲେ ବାହାରକୁ ଆସି କାମୁଡ଼ନ୍ତି। ଦିନସାରା ଅନ୍ଧାରିଆ ସ୍ଥାନରେ ଲୁଚି ରହନ୍ତି। ସନ୍ଧ୍ୟା ହେଲେ ବାହାରକୁ ଆସି କାମୁଡ଼ନ୍ତି। ଦିନସାରା ସେମାନେ ଭୋକିଲା ଥାଆନ୍ତି। ରାତିରେ ଖାଦ୍ୟ ଅନ୍ୱେଷଣରେ ଘୁରିବୁଲନ୍ତି। ସୁଯୋଗ ପାଇଲେ ମଣିଷ ରକ୍ତ ଖାଆନ୍ତି। ଫାଇଲେରିଆ ରୋଗର ଶିଶୁ ପରଜୀବୀମାନଙ୍କୁ ଶରୀର ଭିତରକୁ ଛାଡ଼ି ଦିଅନ୍ତି। ମଣିଷ ଶରୀରରେ ଛଅ ମାସ ରହିବା ପରେ ପରେ ସେମାନେ ବୟସ୍କ ପରଜୀବୀ ହୁଅନ୍ତି। ମଣିଷ ଶରୀରରେ ଛଅମାସ ରହିବା ପରେ ସେମାନେ ବୟସ୍କ ପରଜୀବୀ ହୁଅନ୍ତି। ଏହି ବୟସ୍କ ପରଜୀବୀ (ପୁରୁଷ ଓ ସ୍ତ୍ରୀ) ପରସ୍ପରକୁ ଆଲିଙ୍ଗନ କରି ଲସିକା ଗ୍ରନ୍ଥି ଓ ନଳୀ ମଧ୍ୟରେ ୧୦-୧୨ ବର୍ଷ ପର୍ଯ୍ୟନ୍ତ ବଞ୍ଚିରହନ୍ତି। ସେମାନେ ଲକ୍ଷ ଲକ୍ଷ ପରଜୀବୀକୁ ଜନ୍ମ ଦିଅନ୍ତି। ସେହି ଶିଶୁ ପରଜୀବୀମାନେ ୧୨୦ ଦିନ ପର୍ଯ୍ୟନ୍ତ ମଣିଷ ରକ୍ତରେ ରାତିରେ ଘୁରିବୁଲନ୍ତି। ଦିନରେ ଫୁସ୍‌ଫୁସ୍ ଏବଂ ଲସିକା ଗ୍ରନ୍ଥି ମଧ୍ୟରେ ଲୁଚି ରହନ୍ତି। ସନ୍ଧ୍ୟା ସମୟରେ ମଶାମାନେ କାମୁଡ଼ିବା ଦ୍ୱାରା ଏହି ଶିଶୁ ପରଜୀବୀମାନେ ମଶା ଦେହକୁ ପ୍ରବେଶ କରନ୍ତି। ଏହିପରି ତାଙ୍କର ଜୀବନ ଚକ ସମ୍ପୂର୍ଣ୍ଣ ହୁଏ। ତେଣୁ ଫାଇଲେରିଆ ରୋଗର ସୃଷ୍ଟି ପାଇଁ ମଶାର ଆବଶ୍ୟକତା ଅନିବାର୍ଯ୍ୟ। ଏହି ରୋଗ ବଂଶଗତ ନୁହେଁ ଜିନ୍ ମାଧ୍ୟମରେ ଏହା ପିତାମାତାଙ୍କ ଠାରୁ ପିଲାମାନଙ୍କ ଶରୀରକୁ ଯାଏ ନାହିଁ; କିନ୍ତୁ ଗୋଟିଏ ପରିବାର ଅନେକ ବ୍ୟକ୍ତି ଏହି ରୋଗର ଶିକାର ହୁଅନ୍ତି। ଏହି ମଶାମାନେ ଘର ଅନ୍ଧାରୁଆ ସ୍ଥାନରେ ଲୁଚି ରହନ୍ତି। ଏମାନେ ମାଈ ମଶା। ମଣିଷ ରକ୍ତ ଖାଇ ବଞ୍ଚନ୍ତି। ଜଣକଠାରୁ ଅନ୍ୟ ଜଣକୁ ରୋଗ ସଂକ୍ରମଣ କରନ୍ତି। କେବଳ ଘର ଭିତରେଏମାନେ ରହୁଥିବାରୁ ପରିବାର ମଧ୍ୟରେ ରୋଗ ବିସ୍ତାର କରିବାରେ ସାହାଯ୍ୟ କରେ। ପୁରୁଷ ମଶା ରକ୍ତ ନ ଖାଇଗଛର କଅଁଳିଆ ପତ୍ର ଖାଏ। ସେ ଏହି ରୋଗର ବାହକ ନୁହେଁ।

ଫାଇଲେରିଆର ନିଦାନ ବିଷୟରେ ଅନେକ ତଥ୍ୟ ରହିଛି। ଏହାକୁ ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରେ ମହାନ ଚିକିତ୍ସକ ଶୁଶ୍ରୁତ ଶ୍ଳୀପଦ ବୋଲି ଆଖ୍ୟା ଦେଇଥିଲେ। କାରଣ ଏହି ରୋଗରେ ପାଦ ଫୁଲି ପଥରପରି ଟାଣ ହୋଇଯାଏ। ବହୁ ପୂର୍ବରୁ ଏହି ବିକୃତ ପାଦ କୁଷ୍ଠ ରୋଗର କାରଣ ବୋଲି କୁହାଯାଉଥିଲା। ସେଥିପାଇଁ ସେହି ରୋଗୀମାନଙ୍କୁ ଗ୍ରୀସ୍ ଦେଶରେ ଗୀର୍ଜା ଭିତରକୁ ପ୍ରବେଶ ମନା ଥିଲା। ଏହି ରୋଗର ଲକ୍ଷଣଗୁଡ଼ିକ ହେଉଛି ହାତ ଓ ପାଦ ଫୁଲିବା, ହାଇଡ୍ରୋସିଲ୍ ବା ଅଣ୍ଡକୋଷ ବୃଦ୍ଧି, ଶୁକ୍ରବାହୀ ନଳୀର ପ୍ରଦାହ ହୋଇ ସଂକୋଚନ ହେବା, ସ୍ତ୍ରୀ ଲୋକମାନଙ୍କର ସ୍ତନବୃଦ୍ଧି, ଧଳା ଓ ରକ୍ତ ପରିସ୍ରା, ଛାତିରେ ଯନ୍ତ୍ରଣା, ନିଃଶ୍ୱାସ ନେବାରେ କଷ୍ଟ ଓ ସବୁବେଳେ ଥଣ୍ଡା ଲାଗିରହିବା ଇତ୍ୟାଦି। କେତେକ ରୋଗୀଙ୍କର ଛାତିରେ ଯନ୍ତ୍ରଣା ହୁଏ। ନିଃଶ୍ୱାସ ନେବାରେ କଷ୍ଟ ହୁଏ। ସେମାନେ ହାର୍ଟ ଆଟାକ ଭାବି ହୃଦ୍‌ରୋଗ ବିଶାରଦଙ୍କ ପାଖକୁ ଚିକିତ୍ସା ପାଇଁ ଯାଆନ୍ତି। ଡ଼ାକ୍ତର ଇ.ସି.ଜି. କରିବା ପରେ ହାର୍ଟର କୌଣସି ଦୋଷ ପାଆନ୍ତି ନାହିଁ। ରକ୍ତ ପରୀକ୍ଷା ପାଇଁ ନିର୍ଦ୍ଦେଶ ଦିଅନ୍ତି। ରକ୍ତ ପରୀକ୍ଷାରୁ ଦେଖାଯାଏ ଯେ, ଇସୋନୋଫିଲ୍ ସଂଖ୍ୟା ବହୁ ପରିମାଣରେ ବଢ଼ିଯାଇଥାଏ। ଏହା ଫାଇଲେରିଆର କାରଣ। ଡି.ଇ.ସି. ବଟିକା ବ୍ୟବହାର କଲେ ରୋଗୀ ଆରୋଗ୍ୟ ହୁଏ। କେତେକ ରୋଗୀଙ୍କର ସବୁବେଳେ ଥଣ୍ଡା ଓ କାଶ ଲାଗି ରହେ। ଜୀବାଣୁଜନିତ ରୋଗ ଭାବି ଆଣ୍ଟିବାୟୋଟିକ୍ ଖାଆନ୍ତି; କିନ୍ତୁ ଉପଶମ ପାଆନ୍ତି ନାହିଁ। ରକ୍ତ ଭିତରେ ଶିଶୁ ପରଜୀବୀମାନେ ରହିଥିବାରୁ ନିଃଶ୍ୱାସ ନେବାରେ କଷ୍ଟ ହୁଏ। ଡି.ଇ.ସି. ଔଷଧ ଖାଇଲେ ରୋଗ ଭଲ ହୁଏ। ରକ୍ତ ପରିସ୍ରା ଓ ଦୁଧ ପରି ଧଳା ପରିସ୍ରା ଫାଇଲେରିଆ ଲସିକା ଦେଖିବାକୁ ଦୁଧପରି। ଏହାକୁ କାଇଲ୍ କୁହନ୍ତି। ପରିସ୍ରା ପରୀକ୍ଷା କଲେ କାଇଲ୍ ଜଣାପଡ଼େ। ଏହା ମଧ୍ୟରେ ଶିଶୁ ପରଜୀବୀମାନେ ରହିଥାଆନ୍ତି। ଅଣୁବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ଦେଖିଲେ ମାଛ ଯାଆଁଳ ପରି ଘୁରି ବୁଲିଥାଆନ୍ତି। ପାଦ ଓ ହାତ ଫୁଲେ। ଏହି ଅଙ୍ଗକୁ ଆସିଥିବା ଲସିକା ନଳୀ ଭିତରେ ବୟସ୍କ ପରଜୀବୀ ଗୁଡ଼େଇ ହୋଇ ରହିଥାଆନ୍ତି। ଫଳରେ ଲସିକା ପ୍ରବାହରେ ବ୍ୟାଘାତ ଘଟେ। ଏହି ପରିଜୀବୀମାନଙ୍କ ଦେହରୁ ଏକ ରାସାୟନିକ ପାଣି ନିର୍ଗତ ହୁଏ। ଏହା ଲସିକା ନଳୀର ପ୍ରଦାହ କରେ। ଥରକୁ ଥର ପ୍ରବାହ ହୋଇ ଭିତର ବାଟ ସଙ୍କୁଚିତ ହୋଇଯାଏ। ହାତ ଓ ଗୋଡ଼ରେ ଲମ୍ବା ହୋଇ ଶିର ମୋଟା ହୋଇଯାଏ। ନାଲିପଡ଼େ ଓ କୁଣ୍ଡେଇ ହୁଏ। ସାମାନ୍ୟ ଫୁଲେ। ଏହି ଲକ୍ଷଣଗୁଡ଼ିକ ରୋଗର ପ୍ରଥମ ଅବସ୍ଥାରେ ଦେଖାଯାଏ। ଉପଯୁକ୍ତ ଚିକିତ୍ସା ନ କଲେ ଭଲ ହୁଏ ନାହିଁ। ପ୍ରଥମ ଅବସ୍ଥାରେ ଚିକିତ୍ସା କଲେ ରୋଗୀ ସଂପୂର୍ଣ୍ଣ ଆରୋଗ୍ୟ ହୁଏ। କିଛି ଔଷଧ ନ ଖାଇଲେ ମଧ ଏହା ଆପେ ଆପେ କମିଯାଏ। ପୁଣି କିଛି ବ୍ୟବଧାନ ପରେ ଏହାର ଲକ୍ଷଣ ପ୍ରକାଶ ପାଏ; କିନ୍ତୁ ସମ୍ପୂର୍ଣ୍ଣ ଆରୋଗ୍ୟ ହେବାର ଆଉ ସମ୍ଭାବନା ନଥାଏ। ଲସିକା ନଳୀରେ ବାରମ୍ବାର ପ୍ରବାହ ହେବା ଫଳରେ ଏହାର ଭିତର ବାଟ ସରୁ ହୋଇଯାଏ। ଲସିକା ପ୍ରବାହ ବାଧାପ୍ରାପ୍ତ ହୁଏ। ଗୋଡ଼ କିମ୍ବା ହାତ ଫୁଲିଯାଏ। ପାଣି ନିର୍ଗତ ହୁଏ। ଚର୍ମରେ ଫୋଟକା ବାହାରେ। ଅତିଶୟ ଯନ୍ତ୍ରଣା ହୁଏ ଫୋଟକା ଫାଟି ସବୁବେଳେ ପାଣି ଝରେ। ହାଇଡ୍ରୋସିଲ୍ ଚର୍ମରୁ ମଧ ସେହିପରି ପାଣି ବାହାରେ। ଲାଲ ପଡ଼ିଯାଏ। ଏହି ସବୁ ନିଦାନର କାରଣ ହେଉଛି ପୂଜ ତିଆରି କରୁଥିବା ଜୀବାଣୁ। ଉପଯୁକ୍ତ ଆଣ୍ଟିବାୟୋଟିକ୍ ପୂର୍ଣ୍ଣ ମାତ୍ରାରେ ଇଂଜେକ୍ସନ ନେଲେ ୮-୧୦ ଦିନ ପରେ ପାଣି ବାହାରିବା ବନ୍ଦ ହୋଇଯାଏ। ଫୁଲା ଓ ଲାଲ କମିଯାଏ। ଯନ୍ତ୍ରଣା ଚାଲିଥାଏ। ଶେଷରେ ପୁରୁଣା ଚମ କାତି ଛାଡ଼ିଲା ପରି ବାହାରିଥାଏ ଓ ନୂଆ ଚମ ଦେଖାଯାଏ। ଏହି ସମୟରେ ଉପଯୁକ୍ତ ଚିକିତ୍ସା ନ କଲେ ଗୋଡ଼ର ସବୁଦିନ ପାଇଁ ଫୁଲା ରହିଯାଏ।

ଯୁବକ ଅବସ୍ଥାରେ କେତେକ ବ୍ୟକ୍ତି ଏହି ରୋଗରେ ଆକ୍ରାନ୍ତ ହେଇ ସନ୍ତାନକ୍ଷମ ହୋଇପାରନ୍ତି ନାହିଁ। ଶୁକ୍ରବାହୀ ନଳୀ ଭିତର ବାଟ ସଂକୁଚିତ ହୋଇଯାଏ। ଫଳରେ ଅଣ୍ଡକୋଷରୁ ଶୁକ୍ରକୀଟ ନିର୍ଗତ ହୋଇପାରେ ନାହିଁ। ଏହା ଦାମ୍ପତ୍ୟ ଜୀବନରେ ଯବନିକା ଟାଣିଦିଏ। ଅବିବାହିତ ଝିଅର ଗୋଡ଼ କିମ୍ବା ହାତ ଫୁଲିଥିଲେ ବିବାହ କଷ୍ଟକର ହୋଇପଡ଼େ। ଏହା ଏକ ସାମାଜିକ କଳଙ୍କ ଝିଅ ପିତାମାତାଙ୍କର ବୋଝ ହୋଇପଡ଼େ।

ରୋଗ ଆରମ୍ଭ ଅବସ୍ଥାରେ ଉପଯୁକ୍ତ ଚିକିତ୍ସା କଲେ ଏହି ବ୍ୟାଧିରୁ ରକ୍ଷା ମିଳେ। ତେଣୁ ସାମାଜିକ ସଚେତନତା ଆବଶ୍ୟକ। ରୋଗୀମାନଙ୍କର ପୂର୍ଣ୍ଣମୀ, ଅମାବାସ୍ୟା ଓ ସଂକ୍ରାନ୍ତି ବିପଦ ଘଣ୍ଟି। ଏହି ସମୟରେ କମ୍ପ ଓ ଜ୍ୱର ହୁଏ। ଗୋଡ଼ ହାତ ବିନ୍ଧା ହୁଏ। ଅଧିକ ଫୁଲା ହୁଏ। ମେଲେରିଆ ପରି ଲକ୍ଷଣ ପ୍ରକାଶ ପାଏ। ଉପଯୁକ୍ତ, ନିୟମିତ ଏବଂ ବହୁଦିନ ଚିକିତ୍ସାରେ ରହିଲେ ଏହି ସମସ୍ୟା ରହେ ନାହିଁ। ଶରୀରର ଓଜନ ଷାଠିଏ ପ୍ରତିଶତ ପାଣି। ପୂର୍ଣ୍ଣମୀ ଓ ଅମାବାସ୍ୟାରେ ଜୁଆର ଆସେ। ଚନ୍ଦ୍ରର ମାଧାକର୍ଷଣ ଶକ୍ତି ଏହି ଜୁଆର ସୃଷ୍ଟି କରେ। ସେହି ଶକ୍ତି ମନୁଷ୍ୟ ଶରୀରରେ ଥିବା ପାଣିକୁ ହଲାଇ ପକାଏ। ଫାଇଲେରିଆର ପରଜୀବୀ ଲସିକା ପାଣି ଭିତରେ ଶୋଇ ରହିଥାଆନ୍ତି। ଏମାନଙ୍କର ଲମ୍ବ ତିନି ଚାରି ଇଞ୍ଚ। ଛୋଟ ସାପ ପରି ଏମାନେ ଗୁଡ଼େଇ ହୋଇ ରହିଥାଆନ୍ତି। ଲସିକାରେ ଢ଼େଉ ସୃଷ୍ଟି ହେବାରୁ ଏହି ସୁପ୍ତ ପରଜୀବୀମାନେ ଉତ୍ତେଜିତ ହୋଇ ଉଠନ୍ତି। ସାପ ଉତ୍ତେଜିତ ହେଲେ ଗରଳ ନିର୍ଗତ କଲାପରି ଏମାନଙ୍କର ଦେହରୁ ଏକ ବିଷାକ୍ତ ରାସାୟନିକ ପଦାର୍ଥ ନିର୍ଗତ ହୁଏ। ଏହା ଶରୀରରେ ପ୍ରବାହ ସୃଷ୍ଟି କରେ, ଜ୍ୱର ଆସେ, ବିନ୍ଧା ହୁଏ, କୁଣ୍ଡେଇ ହୁଏ ଏବଂ ଗୋଡ଼ ହାତ ଫୁଲେ। ତେଣୁ ଏହି ରୋଗର ପୂର୍ଣ୍ଣମୀ, ଅମାବାସ୍ୟା ସହିତ ସମ୍ପର୍କ ରହିଛି।

ଏହି ରୋଗରୁ ରକ୍ଷା ପାଇବାକୁ ହେଲେ ମଶାଠାରୁ ଦୂରେଇ ରହିବାକୁ ପଡ଼ିବ। ପରିବେଶ ପରିଷ୍କାର ରହିବା ଆବଶ୍ୟକ। ନାଳ ନର୍ଦ୍ଦମା ସଫା କରିବା ଉଚିତ୍। ରାତିରେ ମଶାରୀ ବ୍ୟବହାର ବିଧେୟ। ଘର ଚାରିପାଖରେ ପାଣି ଜମି ରହିଲେ ମଶାମାନେ ଅଣ୍ଡାଦେଇ ବଂଶବୃଦ୍ଧି କରିବେ। ଅନ୍ଧାରୁଆ ସ୍ଥାନରେ ମଶାମାନେ ଲୁଚି ରହନ୍ତି। କୀଟନାଶକ ଔଷଧ ସେହି ସ୍ଥାନରେ ସ୍ପ୍ରେ କରିବା ଉଚିତ୍। ସପ୍ତାହରେ ଥରେ ଗୋଟିଏ ଡି.ଇ.ସି. ବଟିକା ଖାଇଲେ ରକ୍ତରେ ଥିବା ଶିଶୁ ପରଜୀବୀମାନେ ମରିଯାଆନ୍ତି। ଏହି ରୋଗର ନିରାକରଣ ପାଇଁ ଗୋଟିଏ ଅଞ୍ଚଳର ପ୍ରତ୍ୟେକ ବ୍ୟକ୍ତି ୩ଟି ଡି.ଇ.ସି. ବଟିକା ଏକାଥରେ ଖାଇଲେ ରୋଗର ବାହକମାନଙ୍କ ରକ୍ତରୁ ଶିଶୁ ପରଜୀବୀମାନେ ମରିଯାଆନ୍ତି। ଫଳରେ ରୋଗର ସଂକ୍ରମଣ ପ୍ରାଦୁର୍ଭାବ ଦୂର ହୁଏ। ଏହି ପଦ୍ଧତି ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ଦ୍ୱାରା ସ୍ୱୀକୃତ। ଆୟୋଡ଼ାଇଜ୍‌ଡ଼ ଲୁଣ ପରି ଡି.ଇ.ସି. ମିଶ୍ରିତ ଲୁଣ ବ୍ୟବହାର କଲେ ସମାଜରୁ ଫାଇଲେରିଆ ନିରାକରଣ ହୋଇପାରି। ସେଥିପାଇଁ ସରକାରଙ୍କର ଓ ଜନସାଧାରଣଙ୍କର ସମୂହ ଆନ୍ତରିକ ଚେଷ୍ଟା ଆବଶ୍ୟକ।


+ମୋ-୯୪୩୮୦୪୦୮୭୧





## ଦୁଃଖର ସାଗରେ ସୁଃଖର କାମନା

ଦୁଷ୍ମନ୍ତ ବେହେରା



ଦୁଃଖ ଛୁଇଁ ଛୁଇଁ ଯାଏ
ସୁଃଖ ତ ଦୂରେଇ ଦୂରେଇ
ଯାଉଛି ଚିରା ଜୀବନ !!

ଝରେଇ ମାରି ପଚାରେ
ବଞ୍ଚିବା ଲୋଭରେ ସପନ
କିଣାରେ କି ମୂଲ୍ୟ !!

ସ୍ୱାଦ ଚାଖିଲା ବେଳକୁ
ଜୀବନ ପିତାରେ ଭାସି
ଭାସି ଯାଏରେ !!

ଟୁକୁରା ଦୁଃଖକୁ ଗୋଟାଇ
ଗୋଟାଇ ଦରଦ ଦାଗ
ଲଗେଇ ଦିଏ ଚିହ୍ନ !!

ଆଖି ତ ମିଠା ମିଠା ସ୍ୱପ୍ନ ଦେଖେ
ଶରୀର ପଚାରେ ଗରିବ
ଭାଗ୍ୟ ମଲାଟରେ !!

ବଞ୍ଚିବା ପାଇଁ ସୁଃଖ ପାଉଛି
ଜୀବନ ଯନ୍ତ୍ରଣାରେ ଠେଲି
ଭାସିବାରେ ଲାଗିଛି !!

କାମନା ରଖିଛି ସଂସାର
ଦୂଆରେ ଦାଣ୍ଡ ହେଲା
ମୋ ସାଥେ ବଇରି !!

ମାୟା ସଂସାରେ ମାୟା ଜାଲ
ଫସି ଯାଇଛି ମୁଁ ଲୋଭ
ବିଳାସର ପ୍ରେମ ବନେ !!

ଭାସି ଗଲିଣି ମୁଁ ତଥାପି ବୁଝି
ପାରୁନି ଦୁନିଆ ମୂଳେ ଏତେ
ଲୋଭ କଣ ପାଇଁ !!

ଚେହେରା ଲୋଭରେ ଯଉବନ
ହସୁଛି ଦେହ ତ ଦୁଇ
ଦିନର ଅତିଥି !!

ପାଉଁଶ ମୁରୁକି ହସି ଦେଇ
କହୁଛି ପବନ ଆସିଲେ
ମୁଁ ଉଡି ଯାଉଛି !!

ହସ ଦୁଇ ଦିନକୁ ଦୁଃଖ ଦୁଇ
ଦିନ ଏ ଦେହର ବଡିମା
ଅଢେଇ ଦିନ !!

ବଳ ଅଛି ବୋଲି ମନ ସକ ସକ
ବେଳ ବୁଡିଲେ ଶରୀର
କହେ ମୁଁ ଦୁର୍ବଳ !!

କୋହଳି ଜଳୁଛି ସିନା ମନ
ଗୁମୁରି କାନ୍ଦୁଛି ବେଦନା
ମୁଁ ଅଢେଇ ଭଳି ସାକ୍ଷୀ ।

ଦୁଃଖର ସାଗରେ
ସୁଃଖର କାମନା.......


+ ରାସୋଳ-ମୁଣ୍ଡିଆପଷି
ଢେଙ୍କାନାଳ
(ମୋ)-୯୯୩୭୬୫୨୫୦୪


## ମୌସୁମୀ

ଈଶ୍ୱର ମଙ୍ଗରାଜ

ଢ଼େରିରେ ହେଲେବି ଆସିଛି ମୌସୁମୀ
ସେ ଠପ୍ ଠପ୍ ସ୍ୱର ନେଇ
କଳା ବାଦଲ ଧାଇଁଛି ଧରାକୁ
ଇନ୍ଦ୍ରଧନକୁ ସାଙ୍ଗରେ ନେଇ
ଖରା ଦିନେ ପରେ ଆସଇ ବରଷା
ଋଷୀମନରେ ଆସେ ଆନନ୍ଦ
ଥଣ୍ଡା ହୋଇଯାଏ ଦେହ ଉତଣ୍ଡ
ସବୁଜ ରଙ୍ଗେ-ନାଚଇ କ୍ଷେତ୍
ବରଷା ଦିନ ଦେଖା ଯାଏ
ସାଧବ ବୋହୂ
ମଖମଲ ନାଲି ଗୁଲୁ ଗୁଲୁ ଦେହ
ଧୀର ଋଲି ତାର ଘାସ ଗାଲିଚ୍ଛ
ଉଲ୍ଲସି ହୁଏ -ପିଲାଙ୍କ ମୋହ
ବରଷା ଦିନରେ ହୁଏ ବିଲୁପ୍ତ
ପଙ୍କଜ
ବର୍ଷା କାଳ ଅଟେ ଉଦ୍ଭିଦ ମିତ୍ର
ଅର୍ଗ ପାଦବ ହୁଏ ପତ୍ର ବିହୀନ
(ମାତ୍ର) ପଙ୍କଜ ମଲା-ଏହା ବିଚିତ୍ର
ପର୍ଷା ଶିବ ପବିତ୍ର ମାସ ଶ୍ରାବଣ
ଶିବ ଉପାସଙ୍କ ମନ ଉଲ୍ଲାସ
କାଳେ ଭାର ପାଟିରେ ବୋଲବମ୍ବ
ଲିଙ୍ଗରେ ଢାଳେ-ପାଣି କଳସ
ଆଶାଢ଼ ଶ୍ରାବଣ ପ୍ରେମିକ ସତେ
ବର୍ଷାଋତୁ
ଘନାଇ ଆସେ ମନେ
ମୌସୁମୀର ପରଶ ଆଣେ
ମୌନ ଯୌବନେ ।


+ ଖୋରଧା


## ସ୍ମୃତିର ପୀୟୁଷ

ସୁଧାକର ରାଉତ

ଯଦି ଜୀବନରେ ଏକାନ୍ତ ଭାବରେ
ଲଭନ୍ତି ତମ ସାନ୍ନଧ
ଭିଜେଇବାକୁ ସେ ଅତୀତ ସ୍ମୃତିରେ
ତୁମକୁ କରନ୍ତି ବାଧ ।
ସରଳ ଓ ସାବଲୀନ ଗତିପଥ
କା ପାଇଁ ଗଲା ବଦଳି
ନିରବରେ ବ୍ୟବଚ୍ଛେଦେ ମଗ୍ନ ହୋନ୍ତେ
ନିଜ ଦୋଷକୁ ନ ଟାଳି ।
ମୃତ ସ୍ୱପ୍ନ ପ୍ରୀତି ଅଜାଡ଼ି ଦିଅନ୍ତି
ମୁଁ ତୁମର ପଣତରେ
ତୁମ ସ୍ପର୍ଶେ କାଳେ ଜୀବନ୍ତ ହୋଇବେ
ଏ ଭାବ ରଖି ମନରେ ।
କହନ୍ତି ତୁମକୁ ଫେରାଇ ଦେବାକୁ
ମୋ ଅଲୋଡ଼ା ଅତୀତକୁ
ନିରୋଳାରେ ବିତା ମୃତ ମୁହୂର୍ତ୍ତର
ସେ ଅଫେରା ସମୟକୁ ।
ବାଲିଘରଟିଏ ତିଆରି କରିବା
ର ପୁନର୍ବାର ଧୃଷ୍ଟତା
କରନ୍ତିନି ଚାପି ହୃଦୟେ ମୋହର
କାଳେ ତା ଲାଗିବ ପିତା ।
ଆଶା, ଆଶ୍ୱାସନା ସହାନୁଭୂତିର
ଅଳନ୍ଧୁ ଲଗା କାହାଣୀ
ନିରବ ରହନ୍ତି ପୁରୁଣା କ୍ଷତକୁ
କି ଲାଭ ଉଖାରି ପୁଣି ।
ହୃଦୟ ଗହ୍ୱରୁ ତୁମ ସ୍ମୃତି ସବୁ
କାନ୍ଦନ୍ତି ହୋଇ ବିକଳ
ଦାଉ ଦାଉ ତୁମ ମଥାର ସିନ୍ଦୂର
ଦେବ କି ଗୋ ଥଳକୂଳ ।


+ ପ୍ରତାପ ନଗରୀ, କଟକ
(ମୋ) ୮୫୪୯୯୩୨୭୯୨


## ବର୍ଷା ଓ ପ୍ରକୃତି

ଉମ୍ବରୁଧର ବେହେରା



ବରଷକୁ ଆସେ ବରଷା ଋତୁ
ଦିଶେ ମହୀ ହରାଭାରା
ପ୍ରକୃତି ବକ୍ଷରେ
ଫୁଟେ ଫୁଲ, ଫଳ
ଲାଗନ୍ତି ଗର୍ଭବତୀ ଧରା
ଚାଷୀ ଭାଇ ଆମ
ଅମଳ କରନ୍ତି
ବୁଣି ବୀଜ, ମଞ୍ଜି ଖେତେ
ଶସ୍ୟ, ଶ୍ୟାମଳା ଦିଶେ
ଧରାପୃଷ୍ଠ
ନାହିଁ ପଟାନ୍ତର ତାର
ପ୍ରାକୃତିକ ଦୃଶ୍ୟ
ଆନମନା କରେ
କବି, ଭାବୁକ, ପଣ୍ଡିତ
କଳ୍ପନାର ପୋତେ
ଭାସି ବୁଲି ଥାଆନ୍ତି
ବର୍ଣ୍ଣିବାକୁ ଶୋଭା ଧରା
ବରଷା ଅଟଇ ପ୍ରକୃତିର କନ୍ୟା
ଲାଜେଇ ପୃଥିବୀ ରାଣୀ
ତା' ବାଙ୍କ ଚାହାଣି
ହୃଦୟ ବିଦାରେ
ଉପମା ନ ଥାଏ ତାର
ସ ଲୋକଭିଁଙ୍କୁ କରଇ
ଭାବୁକ, ପ୍ରେମିକ
ପ୍ରକୃତି ବରଷା ରାଣୀ
ବର୍ତ୍ତମାନ ଏବଂ ଭବିଷ୍ୟତ ପାଇଁ
ସେଠାରେ ନାହିଁ କିଛି ମିଶ୍ରଣ
ଏହା ଅଟେ ଆମ ସୁନ୍ଦର ସୃଷ୍ଟି
ହୋଇଥାଏ ବର୍ଷା ଋତୁରେ ବୃଷ୍ଟି...।


+ ଶିକ୍ଷକ
ନବୋଦୟ,ବିଦ୍ୟାଳୟ
ସୁରାଳ(ଗଞ୍ଜାମ)
(ମୋ)୯୪୩୭୭୮୮୪୬୫

# ଆନ୍ତର୍ଜାତିକ ଗଣତନ୍ତ୍ର ଦିବସ ଉପଲକ୍ଷେ



ପ୍ରଦୀପ୍ତ ଆଚାର୍ଯ୍ୟ

ପୃଥିବୀରେ ଯେତେ ପ୍ରକାର ଶାସନ ପଦ୍ଧତି ପ୍ରଚଳିତ, ତନ୍ମଧ୍ୟରୁ ଗଣତନ୍ତ୍ର ଶାସନ ସର୍ବୋତ୍କୃଷ୍ଟ ବୋଲି ରାଜନୀତି ବିଜ୍ଞାନୀ ମାନଙ୍କର ମତ । ଗଣତନ୍ତ୍ର ଶାସନକୁ ଉଜ୍ଜୀବିତ ରଖିବା ଏବଂ ଉନ୍ନତ କରାଇବା ନିମନ୍ତେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ମିଳିତ ଜାତିସଂଘର ସାଧାରଣ ପରିଷଦ ୨୦୦୭ ମସିହାରେ, ସେପ୍ଟେମ୍ବର ମାସ ୧୫ ତାରିଖକୁ, ଗଣତନ୍ତ୍ର ଦିବସ ରୂପେ ପାଳନ କରିବାକୁ ଏକ ସଂକଳ୍ପ ପାରିତ କରି ଗୃହୀତ କରାଇଥିଲେ । ଶାସନ କାର୍ଯ୍ୟରେ ସମସ୍ତ ସାଧାରଣ ଲୋକଙ୍କର ସହଭାଗିତାକୁ ଗଣତନ୍ତ୍ର ଶାସନ କୁହାଯାଏ । ଗଣତନ୍ତ୍ର ଶାସନ ଲୋକଙ୍କର ଶାସନ, ଲୋକଙ୍କ ଦ୍ୱାରା ଶାସନ, ଲୋକଙ୍କ ପାଇଁ ଶାସନ । କିନ୍ତୁ ଅଧୁନା ଜନସଂଖ୍ୟା ବୃଦ୍ଧି ଯୋଗୁ,ସମସ୍ତ ଲୋକଙ୍କର ଶାସନ କାର୍ଯ୍ୟରେ ପ୍ରତ୍ୟକ୍ଷ ସଂପୃକ୍ତି ଅସମ୍ଭବ ହେଉଥିବାରୁ, ସେମାନଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧି ମାନଙ୍କ ଦ୍ୱାରା ଶାସନ କାର୍ଯ୍ୟ ପରିଚାଳିତ ହେଉଅଛି, ଯାହାକୁ ପରୋକ୍ଷ ଗଣତନ୍ତ୍ର କୁହାଯାଏ । ପୁରା କାଳରେ କମ ଜନସଂଖ୍ୟା ବିଶିଷ୍ଟ ଛୋଟ ଛୋଟ ରାଷ୍ଟ୍ରରେ ପ୍ରତ୍ୟକ୍ଷ ଗଣତନ୍ତ୍ର ବ୍ୟବସ୍ଥା ପ୍ରଚଳିତ ଥିଲା, ଯାହାକି ଏବେ ସମ୍ଭବ ନୁହେଁ । ପୃଥିବୀରେ ଗଣତନ୍ତ୍ରର ସାଂପ୍ରତିକ୍ ସ୍ଥିତି ଓ ଅବସ୍ଥାକୁ ଅନୁଧ୍ୟାନ କରି , ତାହାକୁ ପରିମାର୍ଜିତ ଏବଂ ସୁସଂଗଠିତ କରିବା, ଆନ୍ତର୍ଜାତିକ ଗଣତନ୍ତ୍ର ଦିବସ ପାଳନର ଏକମାତ୍ର ମୁଖ୍ୟ ଲକ୍ଷ୍ୟ । ସ୍ୱାଧୀନ ମତବ୍ୟକ୍ତ,ସମ୍ମାନ,ମାନବିକ ଅଧିକାରର ମୂଲ୍ୟ ବୋଧ ତଥା ନିର୍ଦ୍ଦିଷ୍ଟ ବ୍ୟବଧାନରେ ଅବାଧ ଓ ମୁକ୍ତ ନିର୍ବାଚନ ମାଧ୍ୟମରେ ପ୍ରତିନିଧି ଚୟନ ହେଉଛି,ଗଣତନ୍ତ୍ର ଶାସନର ଆଭିମୁଖ୍ୟ । "ସାର୍ବଜନୀନ ମାନବିକ ଅଧିକାର"ର ଘୋଷଣାପତ୍ରର, ଧାରା ୨୧ ଏବଂ ଉପଧାରା (୩)ରେ ମାନବିକ ଅଧିକାର ଓ ଗଣତନ୍ତ୍ରର ସମ୍ବନ୍ଧରେ ଉଲ୍ଲେଖ ଅଛିଯେ, ସରକାରଙ୍କ ମୌଳିକତା, ଲୋକ ମାନଙ୍କର ମତ ଓ ଇଛା ଉପରେ ନିର୍ଭର କରିବ ଏବଂ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଗୁପ୍ତ ଓ ନିରପେକ୍ଷ ମତଦାନ ମାଧ୍ୟମରେ ସରକାର ଗଠନ ନିମନ୍ତେ ପ୍ରତିନିଧି ଚୟନ କରାଯିବ । ଆନ୍ତର୍ଜାତିକ ସ୍ତରରେ ସମସ୍ତଙ୍କ ପାଇଁ ଅର୍ଥନୈତିକ, ସାମାଜିକ ଓ ସାଂସ୍କୃତିକ ସମାନତା ରକ୍ଷା କରିବା ଉପରେ ମାନବିକ ଅଧିକାର ପର୍ଯ୍ୟବସିତ ଏବଂ ସଂଖ୍ୟାଲଘୁ ଓ ଭିନ୍ନକ୍ଷମ ମାନଙ୍କ ପାଇଁ ମଧ୍ୟ ସମାନ ସଂପତିଗତ ଅଧିକାର,ସମାନତା ଅଧିକାର ଓ ରାଜନୈତିକ ଅଧିକାର ଉପରେ ଗୁରୁତ୍ୱ ଆରୋପ କରା ଯାଇଥାଏ । ସର୍ବପ୍ରଥମେ ଖ୍ରୀ.ପୂ ୫୦୮ରେ ଗ୍ରୀକ୍ର ଏଥେନସରେ ଗଣତନ୍ତ୍ର ଶାସନ ଆରମ୍ଭ ହୋଇଥିଲା । "ଡେମସ୍" ଅର୍ଥ ଲୋକ ଏବଂ "କ୍ରାଟସ" ଅର୍ଥ ଶାସନ ।ଏହି ଦୁଇଟି ଶବ୍ଦରୁ ଡେମୋକ୍ରାସୀ ଶାସନ ବା ଲୋକ ମାନଙ୍କର ଶାସନ ପ୍ରଚଳିତ । ଗୋଟିଏ ସ୍ୱଛ,ନିରପେକ୍ଷ,ଦୁର୍ନୀତିମୁକ୍ତ ତଥା ଲୋକାଭିମୁଖୀ ଜନମଙ୍ଗଳ ସରକାରଙ୍କ ଦ୍ୱାରା ଶାସନ ପରିଚାଳନା କରାଇବା, ଗଣତନ୍ତ୍ର ଶାସନର ମୌଳିକ ତତ୍ୱ । କିନ୍ତୁ ଏବେ ନିମ୍ନମୁଖୀ ବ୍ୟକ୍ତି ଚରିତ୍ର ଓ ରାଜନୈତିକ ବ୍ୟକ୍ତିଙ୍କ ଆତ୍ମୋନ୍ନତିର ଆକାଂକ୍ଷା ଯୋଗୁଁ, ଗଣତନ୍ତ୍ର ଆଜି କକ୍ଷଚ୍ୟୁତ । ଯେନତେନ ପ୍ରକାରେ ନିର୍ବାଚନରେ ବିଜୟ ହାସଲ କରି ,ଆସନକୁ ସୁରକ୍ଷିତ ରଖିବା ନିମନ୍ତେ, ଅନେକ ରାଜନୈତିକ ବ୍ୟକ୍ତି (ସମସ୍ତେ ନୁହନ୍ତି) ଅତ୍ୟନ୍ତ ନିମ୍ନ ସ୍ତରର କାର୍ଯ୍ୟ କରିବାକୁ ପଶ୍ଚାତ୍‌ପଦ ହେଉ ନାହାନ୍ତି । ଏପଟେ ସାଧାରଣ ଭୋଟରଟିଏ ଅଳ୍ପ କିଛି ଅର୍ଥ, ସୁସ୍ୱାଦୁ ଖାଦ୍ୟ ଏବଂ ଉଗ୍ର ପାନୀୟ ବିନିମୟରେ,ନିଜର ମୂଲ୍ୟବାନ ଭୋଟ ଖଣ୍ଡିକ, ଅଯୋଗ୍ୟ ନେତାଙ୍କ ସପକ୍ଷରେ ପ୍ରଦାନ କରିବା ନିମନ୍ତେ କୁଣ୍ଠା ପ୍ରକାଶ କରୁନାହିଁ । ଏକଦା ଅଶିକ୍ଷା ଓ ଅଜ୍ଞତା ଗଣତନ୍ତ୍ର ଶାସନ କ୍ଷେତ୍ରରେ ପ୍ରତିବନ୍ଧକ ଥିଲା । ନିରକ୍ଷର ଲୋକ ଅଜ୍ଞତା ବଶତଃ ,ଠିକ୍ ପ୍ରାର୍ଥୀ ଚୟନ କରି ପାରୁ ନଥିଲା ।ଏବେ କିନ୍ତୁ ଅର୍ଦ୍ଧ ଶିକ୍ଷିତ,ଉଚ୍ଚ ଶିକ୍ଷିତ ବ୍ୟକ୍ତି ମାନେ ଗଣତନ୍ତ୍ର ଶାସନର ସଠିକ ଲକ୍ଷ୍ୟ ନିମନ୍ତେ ଅଧିକ ବିପଦପୂର୍ଣ ସାବ୍ୟସ୍ତ ହେଉଛନ୍ତି । ସେମାନଙ୍କର ବ୍ୟକ୍ତିଗତ ସ୍ୱାର୍ଥ ପୂରଣ ନିମନ୍ତେ,ଅସାଧୁ ଓ ଦୁର୍ନୀତିଗ୍ରସ୍ତ ନେତା ମାନଙ୍କର ଗୋଡାଣିଆ ସାଜି,ତାଙ୍କୁ ନିର୍ବାଚନ ବୈତରଣୀ ପାର କରାଇ ଦେବା ପାଇଁ,ସମସ୍ତ ପ୍ରକାର ହୀନ ପ୍ରୟାସ ଜାରି ରଖୁଛନ୍ତି । ପ୍ରତ୍ୟେକ ରାଜନୈତିକ ଦଳ, ଠିକ୍ ନିର୍ବାଚନ ପୂର୍ବରୁ, ଅନେକ ଲୋଭନୀୟ ମାଗଣା ପ୍ୟାକେଜ୍ ଘୋଷଣା କରି, ଭୋଟର ମାନଙ୍କୁ ତାଙ୍କ ସପକ୍ଷରେ ମତଦାନ କରିବା ପାଇଁ, ଆକର୍ଷିତ କରୁ ଅଛନ୍ତି ।ଏହି ଅଳ୍ପ କିଛି ପ୍ରାପ୍ତିର ଆଶାରେ, ଅବଚେତନ ମାନସିକତାର ଭୋଟରଟି ବୁଝି ପାରୁନାହିଁ, ଯିଏ କିଛି ଦେଉଛି , ସେ କାହିଁକି ଦେଉଛି,ଏବଂ କୋଉଠୁ ଆଣି ଦେଉଛି ? ଏହି କାର୍ଯ୍ୟର ସୁଦୂରପ୍ରସାରୀ କୁପରିଣାମ ଗଣତନ୍ତ୍ର ଶାସନ ପ୍ରତି କେତେଯେ ଭୟଙ୍କର,ଏହାକୁ ଆମେ ବୁଝି ମଧ୍ୟ ଉଦାସୀନ । ଥରେ ଜଙ୍ଗଲରେ ସିଂହ ଓ ବାଘଙ୍କ ମଧ୍ୟରେ କିଏ ରାଜା ହେବ ବୋଲି ପ୍ରତିଦ୍ୱନ୍ଦିତା ହେଲା । ନିଷ୍ପତି ହେଲା ଯିଏ ଅଧିକ ସମର୍ଥନ ପାଇବ, ସେ ରାଜା ହେବ । ବାଘ ତାର ନିର୍ବାଚନୀ ଇସ୍ତାହାରରେ,ମେଷ ମାନଙ୍କ ବସ୍ତିକୁ ଯାଇ,ତାଙ୍କୁ ସମର୍ଥନ କଲେ, ସମସ୍ତଙ୍କୁ ଗୋଟିଏ ଲେଖାଁଏ କମ୍ବଳ ଦେବ ବୋଲି ପ୍ରତିଶ୍ରୁତି ଦେଲା । ଏକଥା ଶୁଣି,ସବୁ ମେଣ୍ଢା ମାନେ ବହୁତ ଖୁସି ହେଉଥିବା ବେଳେ,ବୃଦ୍ଧ ମେଣ୍ଢାଟି ସୁଚାଇ ଦେଇଥିଲା ଯେ, ଆମରି ଲୋମରେ କମ୍ବଳ ତିଆରି ହେବ । ତେଣୁ ସ୍ୱଛ ଗଣତନ୍ତ୍ର ଶାସନ ନିମନ୍ତେ ଖାଲି ଗଣତନ୍ତ୍ର ଦିବସ ପାଳନ କରିଦେଲେ ହେବନି,ଏଥିପାଇଁ ଜନ ସଚେତନତା ଏବଂ ପ୍ରଚଳିତ ନିର୍ବାଚନ ଆଇନରେ କିଛି ସଂଶୋଧନ ଆବଶ୍ୟକ ।

ଆମ ଦେଶରେ ପ୍ରଚଳିତ ବହୁଦଳୀୟ ଗଣତାନ୍ତ୍ରିକ ପଦ୍ଧତି ଯୋଗୁଁ, ବେଳେ ବେଳେ କୌଣସି ଦଳ ଏକକ ସଂଖ୍ୟା ଗରିଷ୍ଠତା ହାସଲ କରିବା ନିମନ୍ତେ ସଫଳ ହେଉ ନାହାଁନ୍ତି । ଏକ ସ୍ଥିର ସରକାର ଗଠନ ପ୍ରକ୍ରିୟାରେ ଏହା ପ୍ରତିବନ୍ଧକ ସୃଷ୍ଟି କରୁଛି ,ଯାହା ଫଳରେ ଦେଶକୁ,ପୁଣି ଏକ ମଧ୍ୟବର୍ତୀ କାଳୀନ ନିର୍ବାଚନର ସମ୍ମୁଖୀନ ହୋଇ,ଅଯଥାରେ କୋଟି କୋଟି ଟଙ୍କା ବ୍ୟୟ କରିବାକୁ ପଡୁଛି,ଯାହା ଦେଶର କୌଣସି ଉନ୍ନତି ମୂଳକ କାର୍ଯ୍ୟରେ ବ୍ୟୟ ହୋଇ ପାରନ୍ତା । ଦ୍ୱିତୀୟରେ ନିର୍ବାଚନ ସମୟରେ ଦଳ ବଦଳ ଏକ ଅତ୍ୟନ୍ତ ତୃଟିପୂର୍ଣ ପ୍ରଥା । ଗୋଟିଏ ଦଳରୁ,ନିର୍ବାଚନ ପ୍ରତିଦ୍ୱନ୍ଦିତା ନିମନ୍ତେ ଟିକେଟ ନପାଇ,ଆଉ ଗୋଟିଏ ଦଳକୁ ଯାଇ,ସେ ଦଳ ତରଫରୁ ପ୍ରତିଦ୍ୱନ୍ଦିତା କରିବା ବ୍ୟବସ୍ଥାଟିକୁ ରୋକିବା ପାଇଁ ଆଇନ ପ୍ରଣୟନ ହେବା ଦରକାର୍ । ତୃତୀୟରେ ନିର୍ବାଚନ ପ୍ରଚାର,ସରକାରଙ୍କ ତରଫରୁ କରାଗଲେ,ବିନାଖର୍ଚ୍ଚ ବା କମ୍‌ଖର୍ଚ୍ଚ ରେ କରା ଯାଇପାରନ୍ତା ତଥା ନିର୍ବାଚନ ପ୍ରକ୍ରିୟାରେ ଅନେକାଂଶରେ ସ୍ୱଛତା ଅଣା ଯାଇ ପାରନ୍ତା । ବର୍ତମାନ ଗଣ ମାଧ୍ୟମ ବ୍ୟବସ୍ଥା, ବହୁ ଉନ୍ନତ ହୋଇ ଯାଇଛି । ତେଣୁ କେବଳ କେଉଁ ପ୍ରାର୍ଥୀ କେଉଁ ନିର୍ବାଚନ ମଣ୍ଡଳୀରୁ ପ୍ରତିଦ୍ୱନ୍ଦିତା କରୁଛନ୍ତି ,ତାଙ୍କର ନିର୍ବାଚନ ଚିହ୍ନ କଣ, ତାଙ୍କର ସମ୍ପତି ତାଲିକା ଏବଂ ତାଙ୍କର ଯୋଗ୍ୟତା ଓ ଦକ୍ଷତା ବିଷୟରେ ବିବରଣୀ ସରକାରୀ ଗଣ ମାଧ୍ୟମରେ , ଲୋକ ମାନଙ୍କର ଅବଗତି ନିମନ୍ତେ ବାରମ୍ବାର ପ୍ରଚାର କରାଗଲେ, ପ୍ରାର୍ଥୀ ମାନେ ଘରଘର ବୁଲି ଭୋଟ ଭିକ୍ଷା କରିବା ବ୍ୟୟଭାରରୁ ରକ୍ଷା ପାଇ ପାରନ୍ତେ । ଗଣତନ୍ତ୍ର ଶାସନରେ, ବିରୋଧୀ ଦଳଙ୍କ କାର୍ଯ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ । ବିରୋଧୀ ଦଳ ଦୁର୍ବଳ ରହିଲେ, ସରକାର ଗଣତନ୍ତ୍ର ନାମରେ ଏକଛତ୍ରବାଦ ଆଡକୁ ମୁହାଁଇବା ସମ୍ଭାବନା ଯଥେଷ୍ଟ ଅଧିକ । ବେଳେବେଳେ ବିରୋଧୀ ଦଳ,ସରକାରଙ୍କର ଭଲ କାର୍ଯ୍ୟକୁ ମଧ୍ୟ ବିରୋଧ କରନ୍ତି,ଯାହାକି ଆଦୌ ସ୍ପୃହଣୀୟ ନୁହେଁ । ତେଣୁ ଆସନ୍ତୁ ଆମେ ସମସ୍ତେ ମିଳିମିଶି, ଆଜି ଗଣତନ୍ତ୍ର ଦିବସରେ, ଗଣତନ୍ତ୍ରକୁ ସୁଦୃଢ ଏବଂ ଉନ୍ନତ କରିବା ନିମନ୍ତେ ନିଜେ ସଚେତନ ହୋଇ, ସାଧାରଣ ଜନତାଙ୍କୁ ସଚେତନ କରାଇବା ପାଇଁ ପ୍ରଚେଷ୍ଟା କରିବାକୁ ଶପଥ ନେବା ।

+ଶିକ୍ଷାବିତ୍,ଇଶାଣୀ
ବ୍ରହ୍ମପୁର, କଟକ
ମୋ-୬୩୭୧୫୯୩୨୨୦

# ପ୍ରକୃତି ସେବାରେ କାରାଗାର

କାରାଗାର ବା ଜେଲ ନାଁ ନାଁ ଶୁଣିଲା ମାତ୍ରେ ଆଖି ଆଗରେ ଅନ୍ଧାରୁଆ ବନ୍ଦ କୋଠରିର ଚିତ୍ର ଦେଖାଯାଏ । ଏଠାରେ ରହିବା ନିଶ୍ଚିତ ଭାବେ କଷ୍ଟକର । ତେବେ ସ୍ୱିଡେନର ଏହି ଜେଲରେ ବନ୍ଦୀମାନେ ପ୍ରକୃତି ସହିତ ରହିଥିବା ପରି ଅନୁଭବ କରନ୍ତି । ଏହାର ଛାତ ଉପରେ ୧୧୦୦ ବର୍ଗମିଟର ଅଞ୍ଚଳରେ ଗଛ ଲଗାଯାଇଛି ଯାହା ଅଟ୍ଟାଳିକାକୁ ଥଣ୍ଡା




ରଖିବାରେ ସହାୟକ ହୋଇଥାଏ । ଆଠଟି ବର୍ଗର ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ସ୍ୱତନ୍ତ୍ର ଭାବେ ଏକ ଡିସପୋଜାଲ ରୁମ ନିର୍ମାଣ କରାଯାଇଛି । ତେବଲନ ୪ନାମକ ଏକ ଅଟ୍ଟାଳିକାକୁ ୨୦୧୦ ମସିହାରେ ସ୍ୱିସ୍ କମ୍ପାନୀ ବାସେ କିଣିଥିଲା । ପରେ ଏହାକୁ ଜେଲରେ ପରିଣତ କରିଦିଆଯାଇଛି । ଏହାର ନାମ ରଖାଯାଇଛି ସ୍ୱିସ୍ ଜେଲ ଏବଂ ପ୍ରୋବେସନ ସର୍ଭିସ୍ । ଜେଲର ବାରାକଗୁଡ଼ିକ ଏପରି ନିର୍ମାଣ କରାଯାଇଛି ଯେ ପାଣି ଖୁବ କମ ବ୍ୟବହାର ହୁଏ । ଜେଲରେ ବ୍ୟବହାର ହେଉଥିବା ଫ୍ରିଜ ମଧ କମ ବିଦ୍ୟୁତଶକ୍ତି ଆବଶ୍ୟକ କରେ । ସମଗ୍ର ଜେଲରେ ଥିବା ଏଲଡି ଲାଇଟଗୁଡ଼ିକ ଏକ ସେଣ୍ଟ୍ରାଲ ସର୍ଭିଲାନ୍ସ ସିଷ୍ଟମ ଦ୍ୱାରା ପରିଚାଳିତ । ସମ୍ପୂର୍ଣ୍ଣ ଅଟ୍ଟାଳିକା ଏକ ସ୍ୱୟଂକ୍ରିୟ ବାୟୁ ଚଳାଚଳ ବ୍ୟବସ୍ଥା ଦ୍ୱାରା ଥଣ୍ଡା ଏବଂ ଉଷୁମ କରାଯାଏ । ଜେଲର ରୋଷେଇଘରୁ ବାହାରୁଥିବା ଆବର୍ଜନାରୁ ବାୟୋଗ୍ୟାସ ପ୍ରସ୍ତୁତ କରିଥାନ୍ତି । ଏଠାକାର ୧୨% ଖାଦ୍ୟସାମଗ୍ରୀ ଜୈବିକ ପ୍ରକିୟାରେ ଉତ୍ପାଦନ କରାଯାଉଛି ସପ୍ତାହକୁ ଦୁଇଦିନ ଏଠାରେ କଏଦୀମାନଙ୍କୁ ନିରାମିଷ ଖାଦ୍ୟ ଦିଆଯାଏ । ପରିବେଶର ସୁରକ୍ଷା କରୁଥିବାରୁ ଏହି ଜେଲକୁ ୨୦୧୯ ବିୟମ ପବ୍ଲିକ ପ୍ରୋଜେକ୍ଟସ ଇନୟୁଜ୍ ପୁରସ୍କାର ପ୍ରଦାନ କରାଯାଇଥିଲା । ପୁରସ୍କାର ପ୍ରଦାନକାରୀ ସଂସ୍ଥାର ଅଧକ୍ଷ ଏଲନ ୟେଟ୍ସଦଙ୍କ କହିବା ଅନୁସାରେ, ଜେଲରେ ସୁରକ୍ଷା ଅପେକ୍ଷା ସ୍ୱଚ୍ଛତାକୁ ଅଧିକ ଗୁରୁତ୍ୱ ଦିଆଯାଇଛି । ନରୱେର ବୋସ୍ତୀୟ ଜେଲ ମଧ ସୌରଶକ୍ତି ପରିଚାଳିତ ଏବଂ ଏଠାରେ ପ୍ରତ୍ୟେକ ବ୍ୟବସ୍ଥା ନବୀକରଣ ଯୋଗ୍ୟ ।

# ସହଜ ଉପାୟରେ ନର୍ସରୀ ମୃତ୍ତିକା ପ୍ରସ୍ତୁତି

**ପାକଶାଳା ବଗିଚା ବା ପୁଷ୍ଟିଯୁକ୍ତ ବଗିଚାର ଆଦର ଦିନକୁ ଦିନ ବଢ଼ିବାରେ ଲାଗିଛି । ପ୍ରାକୃତିକ ବର୍ଜ୍ୟ ପଦାର୍ଥର ସୁବିନିଯୋଗ କରି ତଥା ରାସାୟନିକ ସାର ଓ କୀଟନାଶକର ବିନା ବ୍ୟବହାରରେ ମୂଲ୍ୟଯୁକ୍ତ ଉତ୍ପାଦ ପାଇବା ଏହାର ଉଦ୍ଦେଶ୍ୟ । ଜେଟଅବିକ ବା ପ୍ରାକୃତିକ କୃଷି ପଦ୍ଧତିରେ ଅନେକ ପ୍ରାକର ଜୈବିକ ଖତ ପ୍ରସ୍ତୁତି ଦେଖିବାକୁ ମିଳିଥାଏ । ଆସନ୍ତୁ ଜାଣିବା ସରଳ ମସଲା ମାଟି ବା ନର୍ସରୀ ମୃତିକାର ପ୍ରସ୍ତୁତି ପ୍ରଣାଳୀ, ଯାହା ସମସ୍ତପ୍ରକାର ଫସଲ ତଥା ଉଦ୍ୟାନ କୃଷି ପାଇଁ ବିଶେଷ ଭାବେ ଉପଯୋଗୀ ।**



**ପ୍ରସ୍ତୁତି ପ୍ରଣାଳୀ:** ୪/୪ ବର୍ଗଫୁଟରେ ମାଟିକୁ ହାଣି ଏକ ବେଡ ତିଆରି କରନ୍ତୁ ।
୧ଲିଟର ଦେଶୀ ଗାଇର ଗୋମୂତ୍ର ସେଠାରେ ସିଞ୍ଚନ କରନ୍ତୁ ।
ଏକ ଡ୍ରମରେ ୩୦ ଲିଟର ପାଣିରେ ୧କିଗ୍ରା ଦେଶୀ ଗାଇର ଗୋବରକୁ ଗୋଳାଇ ସେଥିରେ ଅନାବନା ଘାସ ପ୍ରାୟ ଏକ ଘଣ୍ଟା ବୁଝାଡଇ ରଖନ୍ତୁ
ଏବେ ବେଡରେ ୩ଇଞ୍ଚ ଉଚ୍ଚତାରେ ଶୁଖିଲା ଗୋବର ପକାନ୍ତୁ ।
ଗୋବର ଉପରେ ଡ୍ରମରୁ ଘାସକୁ କାଢ଼ି ସମତୁଲ କରି ବିଛାଇ ଦିଅନ୍ତୁ ।
ଏହା ଉପରେ ସାମାନ୍ୟ ଗୋବର ପାଣି ସିଞ୍ଚନ କରନ୍ତୁ ତଥା ୩ଇଞ୍ଚର ରାସାୟନିକ ସାର ନପପଡ଼ିଥିବା ଗୁଣ୍ଡମାଟି ପକାନ୍ତୁ ।
ଏହି ପ୍ରକ୍ରିୟାକୁ ୩/୪ ଥର ଦୋହରାନ୍ତୁ ତା ପରେ ଅଳ୍ପ ଗୋବର ମିଶାମାଟି ଓ ସାମାନ୍ୟ ପରିମାଣର ଜିଆଖତ ମିଶାଇ ପକାନ୍ତୁ ।
ଏହାପରେ ଏଥିରେ ଅଳ୍ପ ପରିମାଣର ନବଧାନ୍ୟର ମଞ୍ଜି ବୁଣିବାକୁ ହୋଇଥାଏ ।
ଚାରା ୨୧ ଦିନର ହେବା ମାତ୍ରେ ଚାରା ସହିତ ସଂପୂର୍ଣ୍ଣ ବେଡକୁ ସିଲଟ ପାଲଟ କରି ଦିଅନ୍ତୁ ଓ ପୁନଶ୍ଚ ନବଧାନ୍ୟ ଲଗାନ୍ତୁ ।
ସଂପୂର୍ଣ୍ଣ ଖତ ପ୍ରସ୍ତୁତି ପାଇଁ ୬୦ରୁ ୬୫ ଦିନ ଲାଗିଥାଏ । ଏହା ହାଲକା ନରମ କଳା ଓ ଦାନାଦାର ତଥା ପୋଷେ ଓ ଉପକାରୀ ଅଣୁଜୀବମାନଙ୍କର ସମାହାରରେ ଭରପୂର ହୋଇଥାଏ । ପ୍ରସ୍ତୁତ ହେବାର ତିନିମାସ ମଧ୍ୟରେ ଏହାକୁ ବଗିଚା ତଥା ଫସଲରେ ପ୍ରୟୋଗ କରନ୍ତୁ ।



# କେବଳ ଫଳ ଖାଇବା କେତେଦୂର ଉପଯୋଗୀ ?



୭୭% ରୁ ଅଧିକ ଲୋକଙ୍କ ଧାରଣା ଯେ ଦୈନିକ ଫଳ ଖାଇଲେ ଏକ ସୁସ୍ଥ ଜୀବନ ଅତିବାହିତ କରିହୁଏ । ଏଭଳି ଜୀବନଶୈଳୀକୁ ଅଧିକାଂଶ ଆପେଣେଇ ନେଇଛନ୍ତି ମଧ । ବିଭିନ୍ନ ପ୍ରାନ୍ତର ଲୋକଙ୍କୁ ସାମିଲ କରାଯାଇ ନିକଟରେ ହୋଇଥିବା ଗବେଷଣାରୁ ଜଣାପଡ଼ିଛି ଯେ ଇଉରୋପର ଏକ ଅଞ୍ଚଳର ଲୋକେ ସକାଳ, ଦ୍ୱିପହର, ସନ୍ଧ୍ୟା ଓ ରାତିରେ କେବଳ ଫଳାହାର କରନ୍ତି । ଏଠା ଲୋକଙ୍କ ପ୍ରମୁଖ ସମସ୍ୟା ଥିଲା ସେମାନେ ନିଜ କୋଲେଷ୍ଟରଲକୁ କମ କରିବାକୁ ଚାହୁଁଥିଲେ । ବିନା ଔଷଧ ସେବନରେ କେବଳ ଫଳାହାର ହିଁ ଏକମାତ୍ର ଉପାୟ ଥିଲା ନିୟମିତ ଭାବେ ୬ମାସ ସମସ୍ତ ଲୋକେ ଫଳ ସେବନ କରିବା ପରେ ସେମାନଙ୍କୁ ପ୍ରଚୁର ପରିମାଣରେ ଫାଇବର ମିଳିବା ସହ ୨୪୦୦ ୨୮୦୦ କ୍ୟାଲୋରୀ ମଧ



କମ ହେଉଥିଲା । ଇଉରୋପର ଏଇ ଛୋଟ ଗ୍ରାମରେ ଲୋକସଂଖ୍ୟା ମାତ୍ର ୧୫୦ । ଫଳ ସେବନ କରିବା ପରେ ୨ଜଣ କର୍କଟରୋଗୀ ମଧ ଆରୋଗ୍ୟ ହୋଇଥିବାର ପ୍ରକାଶ । ଫଳ ସେବନ ଦ୍ୱାରା ଓଜନ କମ ହେବା ସହ ତ୍ୱଚାରେ ମଧ ଏକ ଚମକ ଆସିଥାଏ । ବିଶେଷଜ୍ଞଙ୍କ ମତରେ ଆବଶ୍ୟକତା ଠାରୁ ଅଧିକ ପରିମାଣରେ ଫଳ ଖାଇବା ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇଥାଏ । ବିଶେଷ କରି ବୟସ ବଢ଼ିବା ପରେ ଅର୍ଥାତ୍ ୭୦ବର୍ଷ ଅତିକ୍ରମ କରିବା ପରେ ଡାକ୍ତରଙ୍କ ପରାମର୍ଶରେ କେଉଁ ଫଳ କେତେ ପରିମାଣରେ ଖାଇବେ ତାହା ବୁଝିନେବା ଉଚିତ ।

# ତୈଳ ସ୍ନାନ

ଇରାନର ପଡୋଶୀ ଦେଶ ଅଜରବେଜାନର ନାଫତଲାନ ସହରରେ ରହିଛି ଏକ ହେଲଥ ସେଣ୍ଟର । ଯେଉଁଠାରେ ଲୋକେ ଅଶୋଧିତ ତୈଳରେ ସ୍ନାନ କରି ରୋଗରୁ ମୁକ୍ତି ପାଇଥାନ୍ତି । ଏହି ସ୍ନାନ ଦ୍ୱାରା ପାଖାପାଖି ୭୦ ପ୍ରକାର ରୋଗ ଭଲ ହୋଇଥାଏ । ଏଠାରେ ଥିବା ବିଶେଷଜ୍ଞଙ୍କ କହିବା ମୁତାବକ ଏହି ତେଲରେ ସ୍ନାନ କରିବା ଦ୍ୱାରା ସ୍ନାୟବୀକ ଓ ଚର୍ମଗତ ରୋଗରୁ ଉପସମ ମିଳେ । ହେଲଥ ସେଣ୍ଟରକୁ ଚିକିତ୍ସା ପାଇଁ ବିଭିନ୍ନ ଦେଶରୁ ବିଭିନ୍ନ ପ୍ରକାର ରୋଗୀ ଆସନ୍ତି । ଏଠାରେ ସ୍ନାୟୁ ଓ ଚର୍ମ ଜନୀତ ରୋଗ ବ୍ୟତିତ ଗଣ୍ଠି ଓ ଶୀରା- ପ୍ରଶୀରା ଜନୀତ ରୋଗର ଉପଚାର ମଧ କରାଯାଏ । ଏହି ହେଲଥ ସେଣ୍ଟରର ଚିକିତ୍ସା ସ୍ନପାନ ଦ୍ୱାରା ହିଁ ହୋଇଥାଏ । ବାଥ ଟବରେ ପ୍ରାୟ ୧୩୦ ଲିଟର ଅଶୋଧିତ ତୈଳକୁ ୪୦ଡିଗ୍ରୀ ଉତ୍ତାପରେ ଗରମ କରି ରଖାଯାଏ । ସେହି ଗରମ ତେଲରେ ରୋଗୀ ସ୍ନାନ କରିଥାନ୍ତି । ତେବେ ଏହି ବାଥ-ଟବରେ ରୋଗୀ ପାଖାପାଖି ୧୦ମିନିଟ ସମୟ ବୁଡ଼ି ରୁହନ୍ତି । ଚିକିତ୍ସା ପାଇଁ ଏଠାରେ ରୋଗୀଙ୍କୁ ୧୦ଦିନ ରହିବାକୁ ପଡ଼େ ।



ରୋଗୀ ପ୍ରତିଦିନ ୧୦ମିନିଟ୍ ଲେଖାଏଁ ଏହି ଗରମ ଅଶୋଧିତ ତୈଳରେ ସ୍ନାନ କରନ୍ତି । ଏଠାକୁ ପ୍ରତି ବର୍ଷ ୧ହଜାରରୁ ଅଧିକ ରୋଗୀ ଚିକିତ୍ସା ପାଇଁ ଆସନ୍ତି ବୋଲି ହେଲଥ ସେଣ୍ଟରର ଡାକ୍ତରମାନଙ୍କ ଠାରୁ ଜାଣିବାକୁ ମିଳିବ ।

# ଚପଲ ପିନ୍ଧିବା ମନା

ଖରା ହେଉ କି ବର୍ଷା ବିନା ଚପଲରେ ବାହାରକୁ ଯିବା ଲାଗି ମନ ହୁଏ ନାହିଁ । ଏଠାରେ କିନ୍ତୁ ଗ୍ରାମବାସୀ ଗାଁ ଭିତରେ ଆଦୌ ଚପଲ ପିନ୍ଧନ୍ତି ନାହିଁ । ଏଥିପାଇଁ ଧନୀ- ଦରିଦ୍ରର ବାଛବିଚାର ନଥାଏ । ଏପରିକି ବାହାରର କେହି ଲୋକ ତାଙ୍କ ଗାଁ ଭିତରକୁ ଚପଲ ପିନ୍ଧି ଚାଲିଆସିଲେ ବି ସେମାନେ ବିରକ୍ତ ହୋଇଥାନ୍ତି । ତାମିଲନାଡୁର ମଦୁରାଇଠାରୁ ୨୦କିଲୋମିଟର ଦୂରରେ ଏହି ଗାଁ ରହିଛି । ଗାଁର ନାମ କଲିମାୟନ । ବର୍ଷ ବର୍ଷ ଧରି ଗାଁର ଛୋଟଠାରୁ ବୁଢ଼ା ପର୍ଯ୍ୟନ୍ତ କେହି ବି ଚପଲ ପିନ୍ଧି ଗାଁ ଭିତରେ ଚାଲନ୍ତି ନାହିଁ । କେହି ଏହି ନିୟମର ଅବମାନନା କଲେ ତାଙ୍କୁ କଠୋର ଦଣ୍ଡ ମିଳିଥାଏ । ଗ୍ରାମବାସୀମାନେ କାହିଁ କେଉଁକାଳରୁ ଅପାଛି ନାମକ ଦେବତାଙ୍କୁ ପୂଜା କରିଆସୁଛନ୍ତି । ଏହି ଦେବତା ସମଗ୍ର ଗ୍ରାମର ସୁରକ୍ଷା କରୁଛନ୍ତି ବୋଲି ସେମାନଙ୍କର ଦୃଢ଼ ବିଶ୍ୱାସ । ଦେବ୍‌ତାଙ୍କ ପ୍ରତି ଭକ୍ତି ପ୍ରଦର୍ଶନ କରିବା ଲାଗି ଗ୍ରାମ ସୀମା ମଧ୍ୟରେ ଜୋତା, ଚପଲ ପିନ୍ଧିବା ବାରଣ କରାଯାଇଛି । ପିଢ଼ି ପରେ ପିଢ଼ି ସେମାନେ ଏହି ପରମ୍ପରା ପାଳନ କରିଆସୁଥିବା ବେଳେ ଯଦି ବାହାରକୁ ଯିବାକୁ ହୁଏ, ତେବେ ଗ୍ରାମର ସୀମା ବାହାରକୁ ଯିବା ପରେ ହିଁ ସେମାନେ ସାଙ୍ଗରେ ନେଇ ଥିବା ଜୋତା କି ଚପଲ ପିନ୍ଧିଥାନ୍ତି ।



# ୧୦୦ ନିୟୁତ ଟନ୍ ପଣ୍ୟ ବୋଝେଇ କରିବାରେ ପୂର୍ବତଟ ରେଳପଥର ରେକର୍ଡ

ଭୁବନେଶ୍ୱର,୧୪/୯ (ନି.ପ୍ର): ଚଳିତ ଆର୍ଥିକ ବର୍ଷର ଏପ୍ରିଲ ମାସ ପହିଲା ଠାରୁ ସେପ୍ଟେମ୍ବର ମାସ ୧୦ ତାରିଖ ମଧ୍ୟରେ ପୂର୍ବତଟ ରେଳପଥ ଗତ ଆର୍ଥିକ ବର୍ଷ ହୋଇଥିବା ପଣ୍ୟ ବୋଝେଇ ୭୭.୫୮ ନିୟୁତ ଟନ ତୁଳନାରେ ୧୦୦.୩୦ ନିୟୁତ ଟନ ପଣ୍ୟ ପରିବହନ କରି ୨୨.୭୨ ନିୟୁତ ଟନ ଅଧିକ ପରିବହନ କରିପାରିଛି ଯାହାକି ଗତ ବର୍ଷ ତୁଳନାରେ ୨୯.୩% ଅଧିକ ଏବଂ ଲକ୍ଷ୍ୟ ଠାରୁ ୫.୫% ଅଧିକ ଅଟେ। ଏହି ସମୟ ମଧ୍ୟରେ ରେଳ ବୋର୍ଡ ଦ୍ୱାରା ସ୍ଥିର ହୋଇଥିବା ଲୋଡିଂ ଟାର୍ଗେଟ୍ ୯୫.୦୯ ନିୟୁତ ଟନ କୁ ମଧ୍ୟ ପୂର୍ବତଟ ରେଳପଥ ଅତିକ୍ରମ କରିପାରିଛି। ପୂର୍ବ ତଟ ରେଳପଥର ତିନୋଟି ରେଳମଣ୍ଡଳ ଅର୍ଥାତ୍ ଖୋର୍ଦ୍ଧା ରୋଡ୍, ୱାଲଟିୟର ଏବଂ ସମ୍ବଲପୁରର ଉଲ୍ଲେଖନୀୟ ପ୍ରଦର୍ଶନ ଯୋଗୁଁ ଏହା ସମ୍ଭବପର ହୋଇପାରିଛି । ଏହି ଅବଧି ମଧ୍ୟରେ, ପୂର୍ବତଟ ରେଳପଥ ୫୫.୨୮ ନିୟୁତ ଟନ କୋଇଲା, ଷ୍ଟିଲ ପ୍ଲାଂଟ ପାଇଁ ୩.୬୬ ନିୟୁତ ଟନ କଂଚାମାଲ, ୯.୬୨ ନିୟୁତ ଟନ ଆଇରନ୍ ଆଣ୍ଡ ଷ୍ଟିଲ୍, ୧୪.୨୬ ନିୟୁତ ଟନ ଲୁହାପଥର, ୦.୫୭ ନିୟୁତ ଟନ ସିମେଂଟ, ୧.୪୧ ନିୟୁତ ଟନ ଖାଦ୍ୟ ଶସ୍ୟ, ୨.୪୩ ନିୟୁତ ଟନ ସାର, ୧.୦୭ ନିୟୁତ ଟନ ତୈଳ ଜାତୀୟ ଦ୍ରବ୍ୟ, କଂଟେନେରରେ ୧.୮୭ ନିୟୁତ ଟନ ମାଲ ପରିବହନ ଏବଂ ଅନ୍ୟାନ କାର୍ଗୋ। ୧୦.୧୪ ନିୟୁତ ଟନ ପରିବହନ କରିପାରିଛି । ମାଲ ପରିବହନରେ ପ୍ରମୁଖ ଯୋଗଦାନକାରୀମାନେ ହେଉଛନ୍ତି ତାଳଚେର, ପାରାଦୀପ, ଧାମରା, ବିଶାଖାପାଟନମ୍, ଗଙ୍ଗାଭରମ, କେନ୍ଦୁଝର, କେ.କେ ଲାଇନ, ଷ୍ଟିଲ ପ୍ଲାଂଟ, ଆଲୁମିନିୟମ ପ୍ଲାଂଟ ଏବଂପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ଥିବା ଅନ୍ୟାନ ଶିଳ୍ପ ସଂସ୍ଥା । ଏହି ସମୟ ମଧ୍ୟରେ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳରୁ ୬୭.୧୯ ନିୟୁତ ଟନ ପଣ୍ୟ ପରିବହନ, ୱାଲଟିୟର ରେଳମଣ୍ଡଳରୁ ୨୮.୨୪ ନିୟୁତ ଟନ ଏବଂ ସମ୍ବଲପୁର ରେଳମଣ୍ଡଳରୁ ୪.୮୩ ନିୟୁତ ଟନ ପଣ୍ୟ ପରିବହନ କରାଯାଇଛି । ଚଳିତ ଆର୍ଥିକ ବର୍ଷର ସେପ୍ଟେମ୍ବରର ପ୍ରଥମ ୧୦ ଦିନ ଅର୍ଥାତ୍ ୧ ରୁ ୧୦ ସେପ୍ଟେମ୍ବର, ୨୦୨୧ ମଧ୍ୟରେ ପୂର୍ବ ତଟ ରେଳପଥ ୬.୦୧ ନିୟୁତ ଟନ ପଣ୍ୟ ପରିବହନ କରିଛି ଯାହାକି ପୂର୍ବ ଆର୍ଥିକ ବର୍ଷର ସମାନ ସମୟ ତୁଳନାର ୫.୩୦ ନିୟୁତ ଟନ ପଣ୍ୟ ଠାରୁ ୧୩.୩% ଅଧିକ ପଣ୍ୟ ପରିବହନ ପଞ୍ଜିକରଣ କରିଛି ।

# ସେପ୍ଟେମ୍ବର ୧୫ ପରେ 'ଆଶୀର୍ବାଦ' ଦ୍ୱାର ବନ୍ଦ

ଭୁବନେଶ୍ୱର ,୧୪/୯ (ନି.ପ୍ର): ସେପ୍ଟେମ୍ବର ୧୫ ତାରିଖରୁ ଅନାଥ ପିଲାଙ୍କୁ ଆଉ 'ଆଶୀର୍ବାଦ' ଯୋଜନାରେ ସାମିଲ କରାଯିବ ନାହିଁ। ୧୫ ପରେ ଅଭିଭାବକଙ୍କୁ ହରାଉଥିବା ଶିଶୁ ପୂର୍ବ ପରି ଶିଶୁ ସୁରକ୍ଷା ଯୋଜନାର ପୁରୁଣା ଆଇନରେ ସାମିଲ ହେବେ। ଆଜି ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖାଯାଇ ଏହି ନିର୍ଦ୍ଦେଶ ଦିଆଯାଇଛି। ତେବେ ଯେଉଁମାନେ ଆଶୀର୍ବାଦରେ ସାମିଲ ହୋଇଛନ୍ତି, ସେମାନେ ୧୮ ବର୍ଷ ପର୍ଯ୍ୟନ୍ତ ଏହି ଯୋଜନାର ସବୁ ସୁବିଧା ପାଇବେ ବୋଲି ସ୍ପଷ୍ଟ କରାଯାଇଛି। କିନ୍ତୁ କୋଭିଡ୍‌ର ଭୟାବହତା ସମ୍ପୂର୍ଣ୍ଣ କମି ନ ଥିଲା ବେଳେ ତରବରିଆ ଭାବେ ଏହି ଯୋଜନାକୁ ସ୍ଥଗିତ ରଖାଯିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନ୍‌ସିପିସିଆରରେ ଦାଖଲ ସତ୍ୟପାଠ ଅନୁସାରେ, ଅଗଷ୍ଟ ୨୩ ତାରିଖ ସୁଦ୍ଧା ଦେଶର ଊର୍ଦ୍ଧ୍ୱ ଶିଶୁ ନିଜର ଉଭୟ କିମ୍ବା ଜଣେ ଅଭିଭାବକଙ୍କୁ ହରାଇଛନ୍ତି। ଏଥିରେ ମହାରାଷ୍ଟ୍ର ପ୍ରଥମ, ଗୁଜରାଟ ଦ୍ୱିତୀୟ ସ୍ଥାନରେ ରହିଛି। ୨୦୨୦ ମସିହା ଏପ୍ରିଲ ୧ ତାରିଖରୁ ଆଜି ପର୍ଯ୍ୟନ୍ତ ଓଡ଼ିଶାରେ ପ୍ରାୟ ୩୧ ହଜାର ଶିଶୁ ଉଭୟ ମା, ବାପା କିମ୍ବା ପରିବାରରେ ଅର୍ଥ ଉପାର୍ଜନ କରୁଥିବା ଜଣେ ଅଭିଭାବକଙ୍କୁ ହରାଇଥିବା ଜଣାପଡ଼ିଛି। ବର୍ତ୍ତମାନ ଏହି ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସେପ୍ଟେମ୍ବର ୧ ତାରିଖ ସୁଦ୍ଧା ୨୫ ହଜାର ଶିଶୁ ଅଭିଭାବକଙ୍କୁ ହରାଇଥିଲେ। ମାତ୍ର ୧୩ ଦିନରେ ଆହୁରି ୬ ହଜାର ଶିଶୁ ଏହି ତାଲିକାରେ ଯୋଡ଼ି ହୋଇଛନ୍ତି। ତେଣୁ ଅଭିଭାବକ ହରାଉଥିବା ପିଲାଙ୍କ ସଂଖ୍ୟା କେଉଁ ହାରରେ ବୃଦ୍ଧି ପାଉଛି ଏହା ସ୍ପଷ୍ଟ ଜଣାପଡୁଛି। ଏଥିରୁ ଆଜି ପର୍ଯ୍ୟନ୍ତ କେବଳ ୧୦ ହଜାର ଶିଶୁଙ୍କୁ ହିଁ ଆଶୀର୍ବାଦ ଅନ୍ତର୍ଗତରେ ସହାୟତା ମିଳିଛି। ୨୦ ହଜାରରୁ ଅଧିକ ପିଲାଙ୍କୁ ସହାୟତା ମିଳିବାକୁ ବାକି ରହିଛି। ବିଭାଗର ସୂଚନା ଅନୁସାରେ ମୃତ୍ୟୁ ପ୍ରମାଣପତ୍ର ଅଭାବରୁ ଏହି ୨୦ ହଜାର ପିଲାଙ୍କୁ ଏହି ଯୋଜନାରେ ସାମିଲ କରିବାରେ ବିଳମ୍ବିତ ହେଉଛି। ଯେଉଁ ଦିନ ସେମାନେ ମୃତ୍ୟୁ ପ୍ରମାଣପତ୍ର ଦାଖଲ କରି ଦେବେ ସେମାନଙ୍କୁ ଆଶୀର୍ବାଦରେ ସହାୟତା ଦିଆଯିବ। କିନ୍ତୁ ସେପ୍ଟେମ୍ବର ମାସ ୧୫ ତାରିଖ ପରେ ଉଭୟ କୋଭିଡ କିମ୍ବା ଅଣକୋଭିଡରେ ଅଭିଭାବକଙ୍କ ମୃତ୍ୟୁ ହେଲେ 'ଆଶୀର୍ବାଦ' ଯୋଜନାରେ କୌଣସି ପ୍ରକାର ସହାୟତା ରାଶି ମିଳି ପାରିବ ନାହିଁ ବୋଲି ସ୍ପଷ୍ଟ କରାଯାଇଛି। ଗତ ଜୁନ୍ ମାସରେ ସରକାର 'ଆଶୀର୍ବାଦ' ଯୋଜନା ଘୋଷଣା କରିଥିଲେ। ବାପା-ମା ଉଭୟଙ୍କୁ ହରାଇଥିବା କିମ୍ବା ଉପାର୍ଜନକ୍ଷମ ଜଣେ ଅଭିଭାବକଙ୍କୁ ହରାଇଥିବା ପିଲାଙ୍କୁ ସାମିଲ କରାଯାଇଥିଲା। ଉଭୟ କୋଭିଡ୍ କିମ୍ବା ଅଣକୋଭିଡ୍ ମୃତକଙ୍କ ପାଇଁ ଏହା ଲାଗୁ ହେଉଥିଲା। ଉଭୟ ଅଭିଭାବକଙ୍କୁ ହରାଇଥିବା ପିଲାଙ୍କୁ ମାସିକ ୨୫ ଶହ, ଜଣଙ୍କୁ ହରାଇଥିବା ପିଲାଙ୍କୁ ୧୫ ଶହ ଦେବାର ବ୍ୟବସ୍ଥା ରହିଛି। ଏଥି ସହିତ ଶିକ୍ଷା, ସ୍ୱାସ୍ଥ୍ୟର ଯତ୍ନ ମଧ୍ୟ ସରକାର ନେବେ। ଏପରି ଏକ ଅଭିନବ ଯୋଜନା ପ୍ରଣୟନ କରି ରାଜ୍ୟ ସରକାର ବେଶ୍ ପ୍ରଶଂସା ସାଉଁଟିଥିଲେ।

# ରାଜ୍ୟରେ ତଳମୁହାଁ କରୋନା: ୪୨୮ ପଜିଟିଭ ଚିହ୍ନଟ

ଭୁବନେଶ୍ୱର,୧୪/୯ (ନି.ପ୍ର): ରାଜ୍ୟରେ କରୋନା ଗ୍ରାଫ୍ ତଳମୁହାଁ ହୋଇଥିଲେ ବି ବେଶ୍ କିଛି ଦିନ ଧରି ୫ ଶହ ଉପରେ ରହୁଥିଲା ଆକ୍ରାନ୍ତଙ୍କ ସଂଖ୍ୟା। ହେଲେ ଗତ ୨ ଦିନ ହେଲା ଏଥିରେ ଲାଗିଛି ସାମାନ୍ୟ ବ୍ରେକ । ଗତ ୨୪ ଘଣ୍ଟାରେ ରାଜ୍ୟରେ ୪୨୮ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି।

ଚିହ୍ନଟ ୪୨୮ ଆକ୍ରାନ୍ତଙ୍କ ମଧ୍ୟରୁ ୧୮ ବର୍ଷରୁ କମ୍ ବର୍ଗର କେବଳ ୫୫ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ୪୨୮ ସଂକ୍ରମିତଙ୍କ ମଧ୍ୟରୁ କ୍ୱାରେଣ୍ଟାଇନ୍‌ରୁ ୨୫୨ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଲୋକାଲ କେସ୍ ହେଉଛି ୧୭୬ । ଖୋର୍ଦ୍ଧାରୁ ସର୍ବାଧିକ ୧୭୯ ପଜିଟିଭ ଚିହ୍ନଟ ହୋଇଛନ୍ତି।

ଏହାବାଦ ଅନୁଗୋଳରୁ ୫ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ୧୮, ବରଗଡ଼ରୁ ୩ ଭଦ୍ରକରୁ୧୦, କଟକରୁ ୪୬, ଦେବଗଡ଼ରୁ ୪, ଢେଙ୍କାନାଳରୁ ୩, ଗଜପତିରୁ ଜଣେ ଲେଖାଏଁ, ଗଂଜାମରୁ ୪, ଝାରସୁଗୁଡ଼ା ୨୦, ଯାଜପୁରରୁ ୨୧, କନ୍ଧମାଳ-୩, କେନ୍ଦ୍ରାପଡ଼ାରୁ୬, କେନ୍ଦୁଝରରୁ ଜଣେ ଲେଖାଏଁ ଚିହ୍ନଟ ହୋଇଛନ୍ତି।

ସେହିପରି ମାଲକାନଗିରିରୁ ଜଣେ, ମୟୂରଭଂଜରୁ୧୮, ନୟାଗଡ଼ରୁ ୮, ନୂଆପଡ଼ାରୁ ୪, ପୁରୀରୁ ୧୫, ରାୟଗଡ଼ାରୁ ୪, ସମ୍ବଲପୁରରୁ ୯, ସୁନ୍ଦରଗଡ଼ରୁ ୬ ଓ ଷ୍ଟେଟ୍‌ପୁଲ୍‌ରୁ ୪୨ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୦,୧୭,୨୬୧ବୃଦ୍ଧି ପାଇଛି । ସେଥିମଧ୍ୟରୁ ୧୦,୦୨,୮୧୦ ଜଣ ସୁସ୍ଥ ହୋଇ ସାରିଥିବା ବେଳେ ଆକ୍ଟିଭ କେସ୍ ହେଉଛି ୬୨୯୦ ।

ସ୍ୱାସ୍ଥ୍ୟ ବିଭାଗ ତରଫରୁ ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟରେ ଆଉ ୪ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଛି। ୪ ମୃତକଙ୍କ ମଧ୍ୟରୁ ୨ ଜଣ ଖୋର୍ଦ୍ଧା ଜିଲ୍ଲାର ହୋଇଥିବା ବେଳେ କଟକ ଓ ପୁରୀରୁ ଜଣେ ଲେଖାଏଁ ଆକ୍ରାନ୍ତ ଆଖି ବୁଜିଛନ୍ତି। ଏହାକୁ ମିଶାଇ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୮,୧୦୮ କୁ ବୃଦ୍ଧି ପାଇଛି।

# ରାଜଧାନୀର ଜଳବନ୍ଦୀ ଅଂଚଳ ବୁଲିଲେ ଅପରାଜିତା ଷଡଙ୍ଗୀ

## ସରକାରଙ୍କୁ ସମାଲୋଚନା ନକରି ଏନଏଚଆଇ ସହ ଆଲୋଚନା କରନ୍ତୁ ସାଂସଦ : ବିଜେଡି

ଭୁବନେଶ୍ୱର,୧୪/୯ (ନି.ପ୍ର): ଲଗାଣ ବର୍ଷା ଯୋଗୁଁ ଭୁବନେଶ୍ୱରର ଜଳବନ୍ଦୀ ଅଂଚଳ ପରିଦର୍ଶନ କରିଛନ୍ତି ସାଂସଦ ଅପରାଜିତା ଷଡଙ୍ଗୀ। ଏଥିସହ ରାଜ୍ୟ ସରକାରଙ୍କ ଅପାରଗତାକୁ ନେଇ ବର୍ଷିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ୨୧ ବର୍ଷର ଶାସନ ପରେ ରାଜଧାନୀର ସମସ୍ୟା ସମାଧାନ ହେଉନି। ଏନେଇ କଂପ୍ରେହେନସିଭ୍ ମାଷ୍ଟର ପ୍ଲାନ ପାଇଁ ସଂସଦୀୟ ଷ୍ଟାଣ୍ଡିଂ କମିଟି ହୋଇଥିଲା। ଏମିତିକି ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ଗତବର୍ଷ ସେ ଚିଠି ମଧ୍ୟ ଲେଖିଥିଲେ। ସମସ୍ୟାର ସମାଧାନ ନେହେବାରୁ ଏବେ ରାଜଧାନୀବାସୀ ଦୁର୍ଦ୍ଦଶା ଭୋଗୁଛନ୍ତି ବୋଲି ଅପରାଜିତା ଅଭିଯୋଗ କରିଛନ୍ତି । ଭୁବନେଶ୍ୱରର ସ୍ଥିତି ସଙ୍ଗୀନ ରହିଛି। ଲୋକମାନଙ୍କ ପାଖରେ ଶାସନ ଓ ପ୍ରଶାସନ ପହଂଚିବାର ଆବଶ୍ୟକତା ରହିଛି। ଏହାସହ ଡ୍ରେନେଜ୍ ର ସ୍ଥାୟୀ ସମାଧାନ ଦରକାର। ପାଣି ନିଷ୍କାସନ ପାଇଁ ୧୧୦ କୋଟି ଟଙ୍କା ଦିଆଯାଇଥିଲା। କିନ୍ତୁ ସେହି ଟଙ୍କା କୁଆଡ଼େ ଗଲା ଓ କେଉଁଠାରେ ବିନିଯୋଗ ହେଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଅପରପକ୍ଷରେ ବିଜେଡି ବିଧାୟକ ଅନନ୍ତ ନାରାୟଣ ଜେନା ପାଲଟା ଅଭିଯୋଗ କରିଛନ୍ତି ଯେ ଜଳବନ୍ଦୀ ସ୍ଥିତି ପାଇଁ ଜାତୀୟ ରାଜପଥ ପ୍ରାଧିକରଣର ଅବହେଳା ଦାୟୀ । ସାଂସଦ ଅପରାଜିତା ଷଡଙ୍ଗୀ ସରକାରଙ୍କୁ ସମାଲୋଚନା କରିବା ବଦଳରେ ଜାତୀୟ ରାଜପଥ ପ୍ରାଧିକରଣ ସହିତ ଆଲୋଚନା କରନ୍ତୁ ବୋଲି ସେ କହିଛନ୍ତି । ଭୁବନେଶ୍ୱର ସାଂସଦ ଅପରାଜିତ ଷଡଙ୍ଗୀ କମିଶନର ଥିବା ସମୟରେ ଜଳବନ୍ଦୀ ସମସ୍ୟାକୁ ଭଲଭାବରେ ଜାଣିଛନ୍ତି। କେବଳ ଟ୍ୱିଟ କରିନଦେଇ ଜନପ୍ରତିନିଧି ଭାବେ ଏନଏଚଏଆଇ ସହ ଆଲୋଚନା କରି ସମସ୍ୟାର ସମାଧାନ କରନ୍ତୁ। ଖାଲି ଟ୍ୱିଟ କଲେ କୌଣସି ସମସ୍ୟାର ସମାଧାନ ହୋଇପାରିବ ନାହିଁ। ସାଂସଦ ଅପରାଜିତା ଷଡ଼ଙ୍ଗୀ ଆଗ ଏନଏଚଆଇ ପାଖରେ ପହଂଚି ଭୁବନେଶ୍ୱରରେ ଜାତୀୟ ରାଜପଥ କଡ଼ରେ ଡ୍ରେନ୍ କରିବାର ବ୍ୟବସ୍ଥା କରନ୍ତୁ ବୋଲି ସେ କହିଛନ୍ତି।

# କ୍ରୀଡ଼ା ମନ୍ତ୍ରୀଙ୍କୁ ଭେଟିଲେ ଫକୀର ମୋହନ ବିଶ୍ୱବିଦ୍ୟାଳୟ କୁଳପତି

ଭୁବନେଶ୍ୱର,୧୪/୯ (ନି.ପ୍ର): ବିଶିଷ୍ଟ ଶିକ୍ଷାବିତ୍ ତଥା ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ସୋମବାର ଇଲେକ୍ଟ୍ରୋନିକ୍ସ, ସୂଚନା ପ୍ରଯୁକ୍ତି, କ୍ରୀଡ଼ା ଓ ଯୁବ ସେବା ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ସହ ଏକ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ଆଜି ପୂର୍ବାହ୍ନରେ କୁଳପତି ପ୍ରଫେସର ତ୍ରିପାଠୀ ମନ୍ତ୍ରୀଙ୍କ ବାସଭବନରେ ପହଂଚି ମନ୍ତ୍ରୀଙ୍କୁ ସାକ୍ଷାତ କରିବା ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ଏହି ଅବସରରେ କୁଳପତି ଶ୍ରୀ ତ୍ରିପାଠୀ ବିଶ୍ୱବିଦ୍ୟାଳୟଠାରେ ଏକ ଫୁଟବଲ ପଡ଼ିଆ ବିକଶିତ କରିବା ନିମନ୍ତେ ମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଇଥିଲେ । ଏହି ପ୍ରସ୍ତାବକୁ ମନ୍ତ୍ରୀ ଶ୍ରୀ ବେହେରା ଗ୍ରହଣ କରିବା ସହିତ ଏହାକୁ କାର୍ଯ୍ୟକାରୀ କରିବା ଦିଗରେ ପ୍ରଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏଥି ସହିତ ଖୁବ୍ ଶୀଘ୍ର ସେ ବାଲେଶ୍ୱର ଗସ୍ତରେ ଯାଇ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିବେ ବୋଲି କହିଥିଲେ । ମୁଖ୍ୟମନ୍ତ୍ରୀ କ୍ରୀଡ଼ା ଏବଂ ଯୁବସମାଜର ଉନ୍ନତି ପାଇଁ ଯେଉଁ ବିରାଟ ଲକ୍ଷ୍ୟ ରଖିଛନ୍ତି ତାହାକୁ ପୂରଣ କରିବା ଆମର ପ୍ରଥମ ପ୍ରାଥମିକତା ବୋଲି ମନ୍ତ୍ରୀ ଶ୍ରୀ ବେହେରା କହିଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ବେହେରା ବିଶ୍ୱବିଦ୍ୟାଳୟର ଶିକ୍ଷା ଅନ୍ୟାନ୍ୟ କାର୍ଯ୍ୟକ୍ରମ ବିଷୟରେ କୁଳପତିଙ୍କ ସହ ଆଲୋଚନା କରିଥିଲେ ।

# ହାତୀଙ୍କୁ ଜଗିବେ ମହୁମାଛି



ଭୁବନେଶ୍ୱର,୧୪/୯ (ନି.ପ୍ର): ଜଙ୍ଗଲ କ୍ଷୟ ହେଉଥିବାରୁ ଖାଦ୍ୟ ପାଇଁ ହାତୀ ପଲ ଜନବସତି ଆଡକୁ ଚାଲି ଆସୁଛନ୍ତି। ଯେଉଁଥିପାଇଁ ମଣିଷ ଓ ହାତୀ ମଧ୍ୟରେ ଲଢ଼େଇ ହେଉଛି। କେତେବେଳେ ହାତୀ ଆକ୍ରମଣରେ ମଣିଷର ଜୀବନ ଯେଉଛି ତ ଆଉ କେତେବେଳେ ମଣିଷଙ୍କ ଶିକାର ହେଉଛି ହାତୀ। ଏପରି ସ୍ଥିତିରେ ହାତୀକୁ ଅଟକାଇବା ପାଇଁ ବନ ବିଭାଗ କରିଛି ସ୍ୱତନ୍ତ୍ର ବ୍ୟବସ୍ଥା। ଜନବସତି ମୁହାଁ ହେଉଥିବା ହାତୀଙ୍କୁ ରୋକିବା ପାଇଁ ମହୁମାଛିଙ୍କୁ ଉପଯୋଗ କରାଯିବ। ସେପଟେ ବାରମ୍ବାର ଜନବସତି ଅଞ୍ଚଳକୁ ଚାଲି ଆସୁଥିବା ବଣୁଆ ହାତୀଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ ହାତୀ ବେକରେ ଲଗାଯିବ ରେଡ଼ିଓ କଲାର।

ହାତୀ ଉପଦ୍ରବରେ ଅଙ୍କୁଶ ଲଗାଇବାକୁ ମହୁମାଛିଙ୍କୁ ଉପଯୋଗ କରିବ ବନ ବିଭାଗ। ଯେଉଁ ଅଞ୍ଚଳରେ ହାତୀ ଉପଦ୍ରବ ଅଧିକ ରହୁଛି, ସେସବୁ ଜାଗାରେ ରହିବ ମହୁମାଛି ବକ୍ସ। ବକ୍ସଗୁଡ଼ିକ ତାରରେ ସଂଯୋଗ କରାଯିବ। ଯେତେବେଳେ ହାତୀ ସେହି ଅଞ୍ଚଳକୁ ପ୍ରବେଶ କରିବାକୁ ଉଦ୍ୟମ କରିବ, ସେତେବେଳେ ତାର ସଂସ୍ପର୍ଶରେ ଆସିବେ। ଆଉ ତାର ଦ୍ୱାରା ବକ୍ସ ଟାଣିହେଲେ ତା' ଭିତରୁ ମହୁମାଛି ବାହାରିବେ।

ମହୁମାଛିଙ୍କୁ ଆକଟ କରିବାରେ ଅକ୍ଷମ ହାତୀ। ଏହାଦ୍ୱାରା ସଂପୃକ୍ତ ଅଞ୍ଚଳ ଛାଡ଼ି ଚାଲିଯିବ ବୋଲି ଆଶା ବାନ୍ଧିଛି ବନ ବିଭାଗ। ପୂର୍ବରୁ ଆଫ୍ରିକା ଓ ଆସାମରେ ଏହି ପ୍ରକଳ୍ପ ସଫଳ ହୋଇଥିବାରୁ ଓଡ଼ିଶାରେ ମଧ୍ୟ ହାତୀ ଉପଦ୍ରବ କମାଇବାରେ ଏହା ବେଶ୍ ଉପଯୋଗୀ ହେବ ବୋଲି ରାଜ୍ୟ ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଶଶୀ ପଲ୍ ମତ ରଖିଛନ୍ତି। ସେପଟେ ଦୁର୍ଦ୍ଦାନ୍ତ ବଣୁଆ ଦନ୍ତାଙ୍କ ଉପଦ୍ରବ କମ୍ କରିବା ପାଇଁ ହାତୀ ବେକରେ ଲଗାଯିବ ରେଡିଓ କଲାର। ଜିପିଏସ୍ ସଂଯୁକ୍ତ ଏହି ରେଡ଼ିଓ କଲାର ଦ୍ୱାରା ସାଟେଲାଇଟ୍ ମାଧ୍ୟମରେ ହାତୀର ଗତିବିଧି ଉପରେ ନଜର ରଖା ଯାଇପାରିବ। ଯାହାଫଳରେ ହାତୀ ଜନବସତି ମୁହାଁ ହେଉଛି କି ଚାଷ ଜମି ଆଡ଼କୁ ଯାଉଛି, ସେ ସମ୍ପର୍କରେ ସୂଚନା ମିଳିପାରିବ। ଯହାଦ୍ୱାରା କୌଣସି ଅଘଟଣ ପୂର୍ବରୁ ହାତୀକୁ ଘଉଡ଼ାଇ ଦିଆଯାଇପାରିବ। ଏଥିପାଇଁ ବେଙ୍ଗାଲୁରୁ ସ୍ଥିତ ଇଣ୍ଡିଆନ୍ ଇଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସର ବିଶେଷଜ୍ଞମାନେ ଓଡ଼ିଶାରେ ପହଞ୍ଚିଛନ୍ତି। ରବିବାର ଏହି ସଂକ୍ରାନ୍ତରେ ଏକ ବୈଠକ ବସିଥିଲା। ପ୍ରଥମେ ଚନ୍ଦକା ଜଙ୍ଗଲରେ ଥିବା ୨ଟି ବଣୁଆ ହାତୀଙ୍କ ଦେହରେ ରେଡ଼ିଓ କଲାର ଲଗାଯିବା ପରେ ଶିମିଳିପାଳରେ ଥିବା ୪ଟି ହାତୀ ବେକରେ ଏହାକୁ ସଂଯୋଗ କରାଯିବ ବୋଲି ପିସିସିଏଫ୍ ସୂଚନା ଦେଇଛନ୍ତି। ପୂର୍ବରୁ ଅନ୍ୟ ରାଜ୍ୟରେ ଏହି ଯୋଜନା ସଫଳ ହୋଇଥିବାରୁ ଓଡ଼ିଶାରେ ମଧ୍ୟ ଏହାର ସୁଫଳ ମିଳିବ ବୋଲି ଆଶା ରଖିଛନ୍ତି ବିଶେଷଜ୍ଞ।

# ପରିବର୍ତ୍ତିତ ସମୟରେ ଚାଲିବ ଭୁବନେଶ୍ୱର-ସିକନ୍ଦରାବାଦ, ରାୟଗଡା-ଗୁଂଟୁର ଟ୍ରେନ୍

ଭୁବନେଶ୍ୱର,୧୪/୯ (ନି.ପ୍ର): ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ କେତେକ ଷ୍ଟେସନ ଠାରେ ଭୁବନେଶ୍ୱର-ସିକନ୍ଦରାବାଦ ବିଶାଖା ସ୍ପେଶାଲ ଏବଂ ରାୟଗଡା-ଗୁଂଟୁର ସ୍ପେଶାଲ ଟ୍ରେନ ୧୭ ସେପ୍ଟେମ୍ବର ଠାରୁ ସଂଶୋଧିତ ସମୟ ସାରଣୀରେ ଚଳାଚଳ କରିବାକୁ ନିଷ୍ପତି ନିଆଯାଇଛି।

୦୭୦୧୫ ଭୁବନେଶ୍ୱର-ସିକନ୍ଦରାବାଦ ବିଶାଖା ସ୍ପେଶାଲ ଭୁବନେଶ୍ୱରରୁ ୧୭ ସେପ୍ଟେମ୍ବର ଠାରୁ ତିଲାରୁ ଠାରେ ଅପରାହ୍ନ ୧ଘ.୧୭ମି.ରେ ପହଂଚି ୧ଘ.୧୯ମି.ରେ ଛାଡିବାକୁ ଥିବାବେଳେ ଏହା ଶ୍ରୀକାକୁଲମ୍ ରୋଡ୍ ଠାରେ ଅପରାହ୍ନ ୧ଘ.୩୫/୩୭ମିରେ, ପୋନ୍ଦୁରୁ ଠାରେ ୧ଘ.୫୦/୫୨ମିରେ, ଚିପୁରୁପାଲୀ ଠାରେ ଅପରାହ୍ନ ୨ଘ.୧୦ମି/୧୨ମି.ରେ, ବିଜୟନଗରମ ଠାରେ ଅପରାହ୍ନ ୨ଘ.୪୦ମି/୪୫ମି.ରେ, କୋଟଭଲସା ଠାରେ ଅପରାହ୍ନ ୩ଘ.୧୩ମି/୧୫ମି.ରେ ପହଂଚି ଛାଡ଼ିବାକୁଥିବାବେଳେ ସିମାଂଚଳମ ଠାରେ ଅପରାହ୍ନ ୩ଘ.୨୮ମି.ରେ ପହଂଚି ଅପରାହ୍ନ ୩ଘ.୩୦ମି.ରେ ସିକନ୍ଦରାବାଦ ଅଭିମୁଖେ ଯାତ୍ରା କରିବ। ୦୭୨୪୪ ରାୟଗଡା-ଗୁଂଟୁର ବିଶେଷ ଟ୍ରେନ ରାୟଗଡାରୁ ୧୭ ସେପ୍ଟେମ୍ବର ଠାରୁ ରାୟାଗଡା ଏବଂ ବିଜୟନଗରମ ଷ୍ଟେସନ ମଧ୍ୟରେ ସଂଶୋଧିତ ସମୟ ସହିତ ଚଳାଚଳ କରିବ। ଏହି ଟ୍ରେନ୍ ରାୟଗଡା ଠାରୁ ଅପରାହ୍ନ ୨ଘ.୫୦ମି. ପରିବର୍ତେ ଅପରାହ୍ନ ୩ଘ.୩୦ମି.ରେ ଛାଡିବ। ଏହା ବିଜୟନଗରମ ଷ୍ଟେସନ ଠାରେ ଏହାର ପୂର୍ବ ନିର୍ଧାରିତ ସମୟ ପରିବର୍ତେ ସନ୍ଧ୍ୟା ୫ଘ.୫୫ମି. ରେ ପହଂଚି ସନ୍ଧ୍ୟା ୬ ଘଟିକାରେ ସିକନ୍ଦରାବାଦ ଅଭିମୁଖେ ଯାତ୍ରା କରିବ। ଏହି ଟ୍ରେନ୍ ରାୟଗଡା ଓ ବିଜୟନଗରମ ଷ୍ଟେସନ ମଧ୍ୟରେ ପାର୍ବତୀପୁରମ୍ ଟାଉନ୍, ପାର୍ବତୀପୁରମ୍, ସୀତାନଗରମ୍, ବବିଲି, ଡୋଙ୍କିନାଭାଲାସା, କୋମାଟିପାଲ୍ଲି ଏବଂ ଗଜପତିନଗରମ୍ ଷ୍ଟେସନ୍ ମାନଙ୍କ ଠାରେ ସଂଶୋଧିତ ସମୟ ସହିତ ଚଳାଚଳ କରିବ। ଅନ୍ୟ ଷ୍ଟେସନଗୁଡିକରେ ଏହି ଟ୍ରେନ ଦ୍ୱୟ ପାଇଁ ନିର୍ଦ୍ଧାରିତ ଷ୍ଟପେଜ୍ ଓ ସମୟ ସାରଣୀ ଅପରିବର୍ତ୍ତିତ ରହିବ ।

# 'ଓଡ଼ିଶାରେ ଦୃଷ୍ଟିହୀନ ଶିକ୍ଷାର ଇତିହାସ' ପୁସ୍ତକ ରାଜ୍ୟପାଳଙ୍କ ଦ୍ୱାରା ଉନ୍ମୋଚିତ

ଭୁବନେଶ୍ୱର,୧୪/୯ (ନି.ପ୍ର): ଜେକେବିକେ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଧୀରେନ୍ଦ୍ର କୁମାର ଷଡଙ୍ଗୀଙ୍କ ଦ୍ୱାରା ଲିଖିତ 'ଓଡ଼ିଶାରେ ଦୃଷ୍ଟିହୀନ ଶିକ୍ଷାର ଇତିହାସ' ପୁସ୍ତକକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ରାଜଭବନରେ ଉନ୍ମୋଚନ କରି ଏଭଳି ପ୍ରୟାସର ଭୂୟସୀ ପ୍ରଶଂସା କରିଛନ୍ତି । ଲେଖକ ଡ. ଷଡଙ୍ଗୀ ଏହାର ବ୍ରେଲି ସଂସ୍କରଣ ପ୍ରକାଶନ ନିମନ୍ତେ ଅନୁରୋଧ କରିଥିଲେ । ରାଜ୍ୟପାଳ ଏଥି ନିମନ୍ତେ ବ୍ରହ୍ମପୁରରେ ଥିବା ରେଡ୍‌କ୍ରସ୍ ବ୍ରେଲି ପ୍ରେସ୍‌କୁ ପରାମର୍ଶ ଦେବେ ବୋଲି କହିଥିଲେ । ଭାରତରେ ଦୃଷ୍ଟିହୀନ ଶିକ୍ଷା ଇତିହାସ ସଂମ୍ବନ୍ଧିତ ଏହା ପ୍ରଥମ ପୁସ୍ତକ ହୋଇଥିବାରୁ ଏହାର ହିନ୍ଦୀ ଓ ଇଂରାଜୀ ଅନୁବାଦ କାର୍ଯ୍ୟ ଆଗେଇ ଚାଲିଛି ଏବଂ ଖୁବ୍‌ଶୀଘ୍ର ପ୍ରକାଶିତ ହେବ ବୋଲି ଡ. ଷଡଙ୍ଗୀ ସୂଚନା ଦେଇଥିଲେ । ଉନ୍ମୋଚନ ଉତ୍ସବରେ ଲେଖକଙ୍କ ପତ୍ନୀ ଶାନ୍ତିଲତା ଷଡ଼ଙ୍ଗୀ ଉପସ୍ଥିତ ଥିଲେ ।

# ୫ ମାସ ପରେ ସଂକ୍ରମଣ ୫୦୦ ତଳକୁ ଖସିଲା : ୯ ଜିଲ୍ଲାରେ ଦୈନିକ ସଂକ୍ରମଣ ଶୂନ



ଭୁବନେଶ୍ୱର ,୧୪/୯ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମଣ ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ଦୀର୍ଘ ୫ ମାସ ପରେ ଦୈନିକ ସଂକ୍ରମଣ ୫୦୦ ତଳକୁ ଖସିଥିବା ବେଳେ ରାଜ୍ୟର ୯ଟି ଜିଲ୍ଲାରେ ଜଣେ ହେଲେ ବି ରୋଗୀ ଚିହ୍ନଟ ହୋଇ ନାହାନ୍ତି। ବୌଦ୍ଧ, ଗଜପତି, ଗଞ୍ଜାମ, କଳାହାଣ୍ଡି, କୋରାପୁଟ, ନବରଙ୍ଗପୁର, ନୂଆପଡ଼ା, ରାୟଗଡ଼ା, ସୋନପୁର ଜିଲ୍ଲାରେ ଦୈନିକ ସଂକ୍ରମଣ ଶୂନ ରହିଛି। କେବଳ ଖୋର୍ଧା ଜିଲ୍ଲାକୁ ବାଦ୍ ଦେଲେ ରାଜ୍ୟରେ ଅନ୍ୟ କୌଣସି ଜିଲ୍ଲାରେ ସଂକ୍ରମଣ ଶହେ ଉପରେ ଦେଖିବାକୁ ମିଳିନାହିଁ। ଗତ ଏପ୍ରିଲ ୩ ତାରିଖରେ ଶେଷଥର ପାଇଁ ଦୈନିକ ସଂକ୍ରମଣ ୪୭୧ ଥିଲା। ଏହାପରଠାରୁ ଏହା ହୁହୁ ବଢ଼ିଥିଲା। ତେବେ ୫ ମାସର ବ୍ୟବଧାନ ପରେ ଆଜି ପୁଣି ରାଜ୍ୟରେ ୪୭୧ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏଥିରେ ୧୮ବର୍ଷରୁ କମ୍ ବୟସର ୫୭ଜଣ ପିଲା ରହିଛି। ଖୋର୍ଧାରୁ ୧୯୬, କଟକରୁ ୮୧, ବାଲେଶ୍ୱରରୁ ୨୬, ଯାଜପୁର-ମୟୂରଭଞ୍ଜରୁ ୨୨ ଲେଖାଏଁ, ପୁରୀରୁ ୧୯, ଜଗତସିଂହପୁରରୁ ୧୬ ଓ ଷ୍ଟେଟ୍ ପୁଲ୍‌ରୁ ୪୪ଜଣଙ୍କୁ ଚିହ୍ନଟ କରାଯାଇଛି। ଯାହାଫଳରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୦ଲକ୍ଷ ୧୬ହଜାର ୮୩୩କୁ ବୃଦ୍ଧି ପାଇଛି। ଆଉ ୬ଜଣ କରୋନାରେ ପ୍ରାଣ ହରାଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଘୋଷଣା କରାଯାଇଛି। ମୃତକଙ୍କ ମଧ୍ୟରେ ଖୋର୍ଧା ୩, ପୁରୀ, ଅନୁଗୁଳ ଓ ଯାଜପୁରରୁ ଜଣେ ଲେଖାଏ ପ୍ରାଣ ହରାଇଛନ୍ତି। ମୋଟ କରୋନା ମୃତ୍ୟୁ ସଂଖ୍ୟା ୮୧୦୬ରେ ପହଞ୍ଚିଛି। ରାଜ୍ୟରେ ସୋମବାର ଦିନ ୬୮୨ କରୋନା ରୋଗୀ ସୁସ୍ଥ ହୋଇଛନ୍ତି। ଯାହାଫଳରେ ଗତ କିଛିଦିନ ଧରି ଚିକିତ୍ସାଧୀନ ରୋଗୀଙ୍କ ସଂଖ୍ୟା ୬ହଜାର ଉପରେ ସ୍ଥିର ରହିଥିବା ବେଳେ ଆଜି ଏଥିରେ ହ୍ରାସ ଦେଖିବାକୁ ମିଳିଛି। ରାଜ୍ୟରେ ଏବେ ୫୮୬୬ ଚିକିତ୍ସାଧୀନ ରୋଗୀ ରହିଛନ୍ତି। ଅପରପକ୍ଷରେ ଏ ପର୍ଯ୍ୟନ୍ତ ୧୦ଲକ୍ଷ ୨ହଜାର ୮୧୦ ରୋଗୀ ସୁସ୍ଥ ହୋଇ ସାରିଥିବା ସୂଚନା ମିଳିଛି।

# ରାଜ୍ୟରେ କୋଭିଡ୍ ମୃତ୍ୟୁକୁ ନେଇ ବାଚାଲାମି କରୁଛନ୍ତି ରାଜ୍ୟ ସରକାର : ବିଜେପି

ଭୁବନେଶ୍ୱର,୧୩ ସେପ୍ଟେମ୍ବର – ଜୁଲାଇ ମାସର ପ୍ରଥମ ସପ୍ତାହରେ ରାଜ୍ୟ ସରକାର ବଳକା କୋଭିଡ୍ ମୃତ୍ୟୁର ଘୋଷଣା ଆରମ୍ଭ କଲେ। ଦୈନିକ ୩୦ ରୁ ୪୦ ଭିତରେ ସୀମିତ ରହୁଥିବା କୋଭିଡ୍ ମୃତ୍ୟୁ ସଂଖ୍ୟା ହଠାତ୍ ବୃଦ୍ଧି ପାଇ ୬୦ ପାର୍ କରିଥିଲା । ସରକାରଙ୍କ ଯୁକ୍ତି ଥିଲା ଯେ ବିଭିନ୍ନ କାରଣ ପାଇଁ ଅଡିଟ୍ ହୋଇପାରି ନ ଥିବା କୋଭିଡ୍ ମୃତ୍ୟୁଏବେ ଘୋଷଣା କରାଯିବ। ରାଜ୍ୟର ବିଭିନ୍ନ କୋଭିଡ୍ ହସ୍ପିଟାଲରେ ଯେତିକି କରୋନା ମୃତ୍ୟୁ ଘୋଷଣା ବାକି ରହିଯାଇଛି, ତାହା ଜୁଲାଇ ଶେଷ ଆଡ଼କୁ ସରିଯିବ ।କିନ୍ତୁ ଅଗଷ୍ଟ ମାସ ଶେଷ ହୋଇଯାଇଛି, ହେଲେ ବଳକା କୋଭିଡ୍ ମୃତ୍ୟୁ ପୂର୍ବଭଳି ଜାରି ରହିଛି। ଅନ୍ୟପକ୍ଷରେ ରାଜ୍ୟରେ କୋଭିଡ୍ ମୃତ୍ୟୁ ଇତି ମଧ୍ୟରେ ୮ ହଜାର ୯୨ରେ ପହଂଚିଛି। କୋଭିଡରେ ୮ହଜାର ମୃତ୍ୟୁ ହୋଇଥିବା ରାଜ୍ୟମାନଙ୍କ ଭିତରେ ଓଡ଼ିଶା ୧୬ ନମ୍ବର ସ୍ଥାନରେ ରହିଛି। କେବଳ କରୋନାର ଦ୍ୱିତୀୟ ଲହରରେ ଏବେ ସୁଦ୍ଧା ରାଜ୍ୟରେ ୬୨୬୯ରୁ ଉର୍ଦ୍ଧ୍ୱ ଲୋକଙ୍କ କରୋନାରେ ମୃତ୍ୟୁ ହେଲାଣି। ଗତବର୍ଷ ଡିସେମ୍ବର ସୁଦ୍ଧା ରାଜ୍ୟରେ ସରକାରୀ ଭାବେ ୧୮୭୬ ଜଣଙ୍କ କରୋନାରେ ମୃତ୍ୟୁ ହୋଇଥିଲା। ରାଜ୍ୟ ସରକାର ଡ଼ାଟା ମେନିପୁଲେସନ କରୁଛନ୍ତି ବୋଲି ବିଜେପି ରାଜ୍ୟ ସାଧାରଣ ସଂପାଦକ ଗୋଲକ ମହାପାତ୍ର ଅଭିଯୋଗ କରିଛନ୍ତି । ତଥ୍ୟ ଅନୁଯାୟୀ, ୨୦୧୯ରେ ଓଡିଶା ସରକାର ୩,୪୨,୯୪୭ ମୃତ୍ୟୁ ପଞ୍ଜିକରଣ କରିଥିବାବେଳେ ୨୦୨୦ ରେ ଏହା ୩, ୬୨, ୯୮୨ ଥିଲା । ୨୦୨୦ ରେ ୨୦,୦୦୦ ରୁ ଅଧିକ ମୃତ୍ୟୁ ହୁଏତ କୋଭିଡ଼ - ୧୯ ଦ୍ୱାରା ହୋଇଛି , କିନ୍ତୁ ସରକାରୀ କୋଭିଡ୍ ମୃତ୍ୟୁ ସଂଖ୍ୟା ଏହା ସହ ମେଳ ଖାଉନି। ୨୦୨୦ ମସିହାରେ ରାଜ୍ୟ ସରକାର କେବଳ ୧୮୭୬ କୋଭିଡ଼ ମୃତ୍ୟୁ ଘୋଷଣା କରିଥିବାବେଳେ ୨୦୨୧ ମସିହାରେ ଏପର୍ଯ୍ୟନ୍ତ ୬୨୬୯ ଜଣଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଗତବର୍ଷ ସେପ୍ଟେମ୍ବରରୁ ଡିସେମ୍ବର ମଧ୍ୟରେ ରିପୋର୍ଟ ହୋଇଥିବା ମୃତ୍ୟୁ ସଂଖ୍ୟା ସମାନ ସମୟ ପାଇଁ ସରକାରୀ କୋଭିଡ୍ ମୃତ୍ୟୁ ସଂଖ୍ୟା ପ୍ରାୟ ୧୦ ଗୁଣ ଥିଲା। ସେହି ଚାରି ମାସରେ ସାରା ରାଜ୍ୟରେ ୧,୫୦,୦୦୦ ମୃତ୍ୟୁ ପଞ୍ଜିକୃତ ହୋଇଥିବାବେଳେ କେବଳ ୧,୩୫୬ କୋଭିଡ଼ ମୃତ୍ୟୁକୁ ସରକାର ସ୍ୱୀକାର କରିଛନ୍ତି । ଗତକାଲି (୧୧ ସେପ୍ଟେମ୍ବର ୨୦୨୧) ସୁଦ୍ଧା ଓଡିଶାରେ ୧୦,୧୫, ୭୧୩ କୋଭିଡ ସଂକ୍ରମଣ ମାମଲା ନିଶ୍ଚିତ ହୋଇଛି ଯାହା ଭାରତର ମୋଟ ମାମଲାର ୩.୦୫% ଥିଲା । ତେବେ, ୪.୨ କୋଟି ଜନସଂଖ୍ୟା ପାଇଁ ମହାମାରୀ ଆରମ୍ଭରୁ ସରକାରୀ ମୃତ୍ୟୁ ସଂଖ୍ୟା ହେଉଛି ୮,୧୪୫ ଯାହା ଭାରତର ମୋଟ ମୃତ୍ୟୁ ସଂଖ୍ୟାର ୧.୮୩%, ଓଡ଼ିଶା ସରକାର କ'ଣ ଏମିତି ପଦକ୍ଷେପ ନେଲେ ଯେ ସବୁ ପରେ ବି ପାଖାପାଖି ବର୍ଷେ ହେଲା ପ୍ରତିଦିନ ମୃତ୍ୟୁ ସଂଖ୍ୟା ୧୨-୧୭ ରହୁ ଥିଲା ବୋଲି ଶ୍ରୀ ମହାପାତ୍ର ପ୍ରଶ୍ନ କରିଛନ୍ତି । ରାଜ୍ୟରେ କୋଭିଡ ମୃତ୍ୟୁକୁ ନେଇ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ) ଶୁଣାଣି ବେଳେ ମାନ୍ୟବର ଓଡିଶା ହାଇକୋର୍ଟ ଏକ ସରକାରୀ ସତ୍ୟପାଠରେ ଅନେକ ଅସଙ୍ଗତି ଦର୍ଶାଇଥିଲେ । ରାଜ୍ୟର ମୋଟ ୨,୮୪୯ ଆଇସିୟୁ ଶଯ୍ୟା ମଧ୍ୟରୁ କଟକ ଏବଂ ଖୋର୍ଦ୍ଧା ଦୁଇଟି ଜିଲ୍ଲାରେ ୧,୩୭୮ଟି ଆଇସିୟୁ ରହିଛି । ରାୟଗଡା, ମାଲକାନଗିରି ଏବଂ ମୟୂରଭଞ୍ଜ ଭଳି ଜିଲ୍ଲାରେ କେବଳ ୧୦ ଟି ଆଇସିୟୁ ଶଯ୍ୟା ଅଛି ବୋଲି ଶ୍ରୀ ମହାପାତ୍ର କହିଛନ୍ତି । ଓଡ଼ିଶାରେ ଦୁର୍ବଳ ସ୍ୱାସ୍ଥ୍ୟ ଭିର୍ତିଭୂମି ଥିବାରୁ ଓଡିଶାବାସୀ ଉନ୍ନତ ମାନର ଚିକିତ୍ସାରୁ ବଂଚିତ ରହୁଛନ୍ତି । ୨୧ ବର୍ଷର ଲମ୍ବା ଶାସନ ପରେ ମଧ୍ୟ ରାଜ୍ୟ ସରକାରଙ୍କ ଦ୍ୱାରା ନିଜ ଉଦ୍ୟମରେ ଗୋଟିଏ ମେଡିକାଲ କଲେଜ ନିର୍ମାଣ ହୋଇନାହିଁ । ବର୍ତମାନ କେନ୍ଦ୍ର ସରକାରଙ୍କ ୯୨୦କୋଟି ଟଙ୍କା ସହାୟତାରେ ବାଲେଶ୍ୱର, ମୟୂରଭଞ୍ଜ, ବଲାଙ୍ଗୀର, କୋରାପୁଟ, ପୁରୀ, ଯାଜପୁର ଏବଂ କଳାହାଣ୍ଡି ଜିଲ୍ଲାରେ ୭ଟି ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ଯୋଜନା କରୁଛନ୍ତି । ରାଜ୍ୟ ସରକାର ସ୍ୱାସ୍ଥ୍ୟ ଭିତିଭୂମିକୁ ସଦୃଢ଼ କରିବାର ସଫେଇ ଦେଇ ଏହି କ୍ଷେତ୍ରରେ ୮ ହଜାର କୋଟି ନିବେଶ ହେଉଛି ବୋଲି କହିଛନ୍ତି । ତେବେ ରାଜ୍ୟ ସରକାର ଏହି ୮୫୦୦ କୋଟି ଟଙ୍କା କିପରି ବିନିଯୋଗ କରିବେ ତାହା ଏବେ ସନ୍ଦେହରେ । ୮୫୦୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ରାଜ୍ୟ ସରକାରଙ୍କର କୌଣସି ଯୋଜନା ଅଛି ନାହିଁ ?ସିଏଜି ୨୦୧୯-୨୦ ରିପୋର୍ଟ ଅନୁସାରେ, କୋଣାର୍କରେ ଥିବା ସ୍ୱାସ୍ଥ୍ୟ କେନ୍ଦ୍ର ପାଇଁ ମଞ୍ଜୁର ହୋଇଥିବା ୫.୯୬ କୋଟି ଟଙ୍କା ମୂଲ୍ୟର ଅପବ୍ୟବହାର କରାଯାଇଛି ।

# ଲଗାଣ ବର୍ଷାରେ ଉବୁଟୁବୁ ବାଲିଆପାଳ : ଜନ ଜୀବନ ଅସ୍ତବ୍ୟସ୍ତ




ବାଲିଆପାଳ,୧୪/୦୯ (ନି.ପ୍ର): ଗତ ଦୁଇ ଦିନ ଧରି ବାଲିଆପାଳ ଅଂଚଳରେ ପ୍ରବଳ ବର୍ଷା ଜନ ଜୀବନକୁ ଅସ୍ତବ୍ୟସ୍ତ କରି ପକାଇଛି । ଲୋକେ ଘରୁ ବାହାରି ପାରୁ ନାହାନ୍ତି । ରାସ୍ତା ଘାଟ ବଜାର ସବୁ ସୁନସାନ ହୋଇଯାଇଛି । ବିଶେଷ କରି ମଙ୍ଗଳବାର ସକାଳ ଠାରୁ ତୁହାକୁ ତୁହା ପ୍ରବଳ ବର୍ଷା ପରିସ୍ଥିତିକୁ ଅଧିକ ସଙ୍ଗୀନ କରି ପକାଇଛି । ଚାଷ ଜମି ସବୁ ପାଣିରେ ବୁଡି ରହି ବନ୍ୟାର ଭ୬ମ ସୃଷ୍ଟି କରୁଛି । ବାଲିଆପାଳର ଭାତ ହାଣ୍ଡି କୁହାଯାଉଥିବା ଷୋଳଷା ପାଣ୍ଟରେ ପାଣି ଲହଡି ଭାଙ୍ଗୁଛି । ଷୋଳଷା ପାଣ୍ଡରୁ ପାଣି ନିଷ୍କାସନ ପାଇଁ କୋଷ୍ଟ କେନାଲରେ ଥିବା ସୁଇସ ଗ୍ୟାଟ ଗୁଡିକ ଅକାମି ହୋଇ ପଡିଥିବାରୁ ପାଣି ନିଷ୍କାସନ ହୋଇ ନପାରି ଚଳିତ ବର୍ଷ ଏହି ପାଣ୍ଡରେ ଆଉ ଚାଷ ହେବାର ସମ୍ଭାବନା ନାହିଁ । ବାଲିଆପାଳ ବଜାର ପାରୁଳିଆ ଛକରେ ରାସ୍ତା କଡରେ ଥିବା ଡ୍ରେନ ବର୍ଷା ଦିନ ପୂର୍ବରୁ ସଫା ହୋଇ ନଥିବାରୁ ଡ୍ରେନ ପାଣି ଉଛୁଳି ପାର୍ଶ୍ୱବର୍ତ୍ତୀ ଦୋକାନ ଘର ଭିତରେ ପ୍ରବେଶ କରି ଅନେକ କ୍ଷତି କରିଛି । ବ୍ୟବସାୟୀ ମାନଙ୍କର ଅନେକ ସାମଗ୍ରୀ ନଷ୍ଟ ହୋଇଯାଇଛି । ସିମୁଳିଆ ଦୈନିକ ମାର୍କେଟର ପ୍ରବେଶ ପଥ ରାଜାରଣୀ ଛକରେ ୨-୩ ଫୁଟ ଉଚ୍ଚରେ ପାଣି ଜମା ହୋଇଛି । ମାର୍କେଟ ଏତେ କାଦୁଅ ପଚ ପଚ ହୋଇଛି ଯେ ତାହା ଭିତରକୁ ଚାଲି ଚାଲି ଯିବା ସମ୍ଭବ ନୁହେଁ । ତଳିଆ ଅଂଚଳରେ ଅନେକ ଲୋକଙ୍କ ଘରେ ବର୍ଷା ପାଣି ପ୍ରବେଶ କରିଥିବା ସୂଚନା ମିଳିଛି । ଅନେକ ଲୋକଙ୍କର ମାଟି ଘର ମଧ୍ୟ ଭାଙ୍ଗିଛି । ଘଂଟୁଆ ପଂଚାୟତ ମାଳିକୁଦ ଗ୍ରାମର ଯାଜବେନ୍ଦ୍ର ଜେନା, ବରେନ୍ଦ୍ର ଜେନା, ରବିନ୍ଦ୍ର ଜେନା, ଯୋଗେନ୍ଦ୍ର ଜେନା, ପର୍ଶୁରାମ ଜେନା, ରାମଚନ୍ଦ୍ର ଗିରି, ରାଜେନ୍ଦ୍ର ରଣାଙ୍କ ସମେତ ଅନେକ ଲୋକଙ୍କ ଘର ଭିତରୁ ବର୍ଷା ପାଣି ପ୍ରବେଶ କରି ଅଭାବନୀୟ ପରିସ୍ଥିତି ସୃଷ୍ଟି କରିଛି । ଲୋକମାନେ ରନ୍ଧାବଢା କରି ନପାରି ଘରେ ଥିବା ଶୁଖିଲା ଖାଦ୍ୟ ଖାଇ ଘର ଭିତରେ ରହିଛନ୍ତି । ଅନେକ ଲୋକ ମଧ୍ୟ ଭୋକ ଉପବାସରେ ରହିଛନ୍ତି । ଖବର ପାଇ ବାଲିଆପାଳ ଅଗ୍ନିଶମ ବିଭାଗର ଗାଡି ଗାଁରେ ପହଁଚି ପାଣି ପମ୍ପ ଲଗାଇ ଲୋକଙ୍କ ଘରୁ ପାଣି ନିଷ୍କାସନ କରୁଛି । ବିଷ୍ଣୁପୁର ପଂଚାୟତ ନୟାବାଲି ଗ୍ରାମର ପ୍ରସନ୍ନ ଦଳାଇଙ୍କ ଘରେ ପାଣି ପଶି ଭାଙ୍ଗିଯାଇଛି । ଜାମକୁଣ୍ଡା, କରଞ୍ଚ ଓ ଶ୍ରୀରାମପୁର ଆର.ଆଇ, ସର୍କଲରେ ୮ଟି ଘର ଭାଙ୍ଗିଥିବା ତହସିଲ ଅଫିସରେ ରିପୋର୍ଟ ହୋଇଥିବା ତହସିଲଦାର ଦିପକ କୁମାର ଦାସ କହିଛନ୍ତି । ବାଲିଆପାଳ ସଦର ପଂଚାୟତ କଚୁଆପଡା ଗ୍ରାମରେ ୭ରୁ ଉର୍ଦ୍ଧ ପରିବାର ସମ୍ପୂର୍ଣ୍ଣ ପାଣି ଘେରରେ ରହିଛନ୍ତି । ମଧୁପୁରା ପଂଚାୟତର ଚଉଧୁରିକୁଦ, ଚଡ ବସ୍ତ କାଳରୁହି, ଜାମକୁଣ୍ଡା ପଂଚାୟତର ତାଳପଦା, ଜୁଣପାଇ, ନଖ ପାଳ,ଅସ୍ତି ପଂଚାୟତର ପାଳ ଚମ୍ପେଇ, ଚଡ ବଢାପାଳ, ଛୋଟଖାନପୁର, ସୂର୍ଯ୍ୟାପୁର ପ୍ରଭୃତି ଗ୍ରାମ ସମ୍ପୂର୍ଣ୍ଣ ପାଣି ଘେରରେ ରହିଛି । ଡଗରା ପଂଚାୟତର ଜୁଗୁଡିହା ଓ ପେଟା ଡଗରା ଗ୍ରାମ ସମ୍ପୂର୍ଣ୍ଣ ପାଣିରେ ବୁଡି ରହିଥିବା ବେଳେ ପଂଚାୟତ ପକ୍ଷରୁ ପାଣି ପମ୍ପ ଲଗାଇଯାଇ ସେଠାରୁ ପାଣି କଢାଯାଇଛି । ଦକ୍ଷିଣ ବାଲିଆପାଳର ଅନେକ ପାନ ବରଜ ମଧ୍ୟ ବର୍ଷା ପାଣିରେ କ୍ଷତିଗ୍ରସ୍ତ ହୋଇଥିବା ସୂଚନା ମିଳିଛି । ବର୍ତ୍ତମାନ ପର୍ଯ୍ୟନ୍ତ ବର୍ଷା କମିନଥିବାରୁ ଆଗକୁ ପରିସ୍ଥିତି ଅଧିକ ଭୟଙ୍କର ହେବାର ସମ୍ଭାବନା ରହିଛି ।

## ଶ୍ରୀମନ୍ଦିରରେ ଶ୍ରୀରାଧାଷ୍ଟମୀ ନୀତି

ପୁରୀ,୧୪/୦୯ (ନି.ପ୍ର): ପରମ୍ପରା ଅନୁଯାୟୀ ଭାଦ୍ରବ ଶୁକ୍ଳ ଅଷ୍ଟମୀ ତିଥିରେ ଆଜି ଶ୍ରୀରାଧାଷ୍ଟମୀ ଅବସରରେ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତି ସଂପନ୍ନ ହୋଇଛି । ସକାଳଧୂପ ସରିବା ପରେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ପ୍ରାପ୍ତ ହୋଇ ମହାଲକ୍ଷ୍ମୀ ସାତପାହାଚ ଦ୍ୱାର ନିକଟରେ ପାଲିଙ୍କିରେ ବିଜେ ହୋଇଥିଲେ । ଲକ୍ଷ୍ମୀଙ୍କ ଜଗମୋହନରେ ପଡିଥିବା ଖଟ ଉପରେ ମହାଲକ୍ଷ୍ମୀଙ୍କୁ ବସାଯାଇଥିଲା । ମାଜଣାହୋଇ ଶୀତଳ ଭୋଗ ପରେ ମହାଲକ୍ଷ୍ମୀ ବନ୍ଦାପନା ହୋଇଥିଲେ । ଗର୍ଭଗୃହ ଭିତରେ ମଧ୍ୟାହ୍ନ ଧୂପ ଉଠିବା ପରେ ମହାଲକ୍ଷ୍ମୀଙ୍କୁ ସିଂହାସନକୁ ବିଜେ କରାଯାଇଥିଲା । ମଧ୍ୟାହ୍ନଧୂପ ପୂଜାସରି ପାଣିପଡ଼ିବା ପରେ ପୁଷ୍ପାଳକ ସେବାୟତମାନେ ଲକ୍ଷ୍ମୀ ଓ ସରସ୍ୱତୀଙ୍କୁ ହାତରେ ବିଜେ କରାଇଆଣି ଖଟଶେଯ ଘରେ ବିରାଜମାନ କରାଇଥିଲେ । ପରେ ଦଇତାପତିମାନେ ସୁଦର୍ଶନଙ୍କୁ ବିଜେ କରାଇ ଆଣି ଜଗମୋହନରେ ରଖାଯାଇଥିବା ଚଉଦୋଳରେ ବିଜେ କରାଇଥିଲେ । ସୁଦର୍ଶନଙ୍କୁ ପାଟପଟନୀ ଲାଗି କରାଯାଇଥିଲା । ବିମାନବଡୁ ସେବକମାନେ ଚଉଦୋଳ କାନ୍ଧେଇ ଝୁଲଣ ମଣ୍ଡପ ନିକଟକୁ ନେଇଥିଲେ । ସେଠାରେ ଚୂଳ ଲାଗି ହୋଇ ସୁଦର୍ଶନ ଚଉଦୋଳରେ ଭିତର ବେଢା ପରିକ୍ରମା କରିଥିଲେ । ପରେ ଶ୍ରୀମନ୍ଦିରରୁ ବାହାରି ଗୌଡବାଡ ସାହିସ୍ଥିତ ଶ୍ରୀଜୟେଶ୍ୱରଙ୍କ ଜହ୍ନିମୁଣ୍ଡିଆକୁ ଯାଇଥିଲେ । ସେଠାରେ ପ୍ରସାଦ ଲାଗି ହୋଇ ଶୀତଳ ଭୋଗ ଖାଇ ବନ୍ଦାପନା ହୋଇ ରତ୍ନସିଂହାସନକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ସିଂହାସନ ଉପରେ ଚାରିବାଡରେ ମହାସ୍ନାନ କରାଯାଇଥିଲା । ପାଳିଆ ପୁଷ୍ପାଳକମାନେ ସନ୍ଧ୍ୟା ଆଳତୀ କରିଥିଲେ । ପରେ ପୂଜାପଣ୍ଡାଙ୍କ ଦ୍ୱାରା ସୁଦର୍ଶନଙ୍କ ବାଡ଼ରେ ପ୍ରସାଦ ଲାଗି କରାଯାଇ ଭୋଗ ବନ୍ଦାପନା କରାଯାଇଥିଲା ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ସୁନ୍ଦରଗଡରେ ସ୍ମାର୍ଟ ହେଲ୍ଥ କାର୍ଡ ....

ଏଥିପାଇଁ ଟଙ୍କାଟିଏ ବି ଖର୍ଚ୍ଚ କରିବାକୁ ପଡିବ ନାହିଁ ବୋଲି ସେ କହିଥିଲେ। ତାଙ୍କ ପାଇଁ ପ୍ରତିଟି ଜୀବନ ମୂଲ୍ୟବାନ। ଚାଷୀ ହେଉ ବା ମୂଲିଆ ବା ରିକ୍ସା ବାଲା - ସମସ୍ତେ ସମ୍ମାନର ସହ ବଂଚନ୍ତୁ । ଏହା ତାଙ୍କର ବିଭିନ୍ନ କଲ୍ୟାଣ କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସୁନ୍ଦରଗଡରେ ଦ୍ୱିତୀୟ ଏମ୍ସ ପାଇଁ ରାଜ୍ୟ ସରକାର ତାଙ୍କର ପ୍ରୟାସ ଜାରି ରଖିବେ। ଦେଶ ପାଇଁ ଅଲମ୍ପିକ୍ସ ଗୌରବ ଆଣିଥିବା ସୁନ୍ଦରଗଡବାସୀଙ୍କ ଏହି ନ୍ୟାୟପୂର୍ଣ୍ଣ ଦାବୀ ପୂରଣ ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଓଡିଶା ସରକାର ତାଙ୍କର ଉଦ୍ୟମକୁ ଆହୁରି ଜୋରଦାର କରିବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୭ ଜଣ ହିତାଧିକାରୀଙ୍କୁ ବିଜୁ ସ୍ମାର୍ଟ ହେଲ୍ଥ କାର୍ଡ ବଂଟନ କରିଥିଲେ । ସ୍ୱାସ୍ଥ୍ୟ କାର୍ଡ଼ ବଂଟନ ସହିତ ମୁଖ୍ୟମନ୍ତ୍ରୀ ସୁନ୍ଦରଗଡରେ ୫୮୦.୮୨ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ ମଧ କରିଥିଲେ । ଏଥିରେ ସଂଯୋଗୀକରଣ ଠାରୁ ଆରମ୍ଭ କରି ଭିତିଭୂମି ନିର୍ମାଣ, ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା, ପରିମଳ, ଜଳସେଚନ, ଶକ୍ତି, ମହିଳା ଓ ଶିଶୁବିକାଶ ଆଦି ବିଭିନ୍ନ କ୍ଷେତ୍ରରେ ନିର୍ମାଣ କାର୍ଯ୍ୟ କରାଯିବ। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ ଦାସ ଯୋଗ ଦେଇ ସ୍ୱାସ୍ଥ୍ୟ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ପଦକ୍ଷେପ ସଂପର୍କରେ ଆଲୋକପାତ କରିଥିଲେ। ଓଡିଶାରେ ବିଶ୍ୱସ୍ତରୀୟ ଚିକିତ୍ସା ସୁବିଧା, ମେଡିକାଲ କଲେଜ ପ୍ରତିଷ୍ଠା ଓ ବିଜୁ ସ୍ୱାସ୍ଥ୍ୟ କାର୍ଡ ଭଳି ଅନନ୍ୟ କାର୍ଯ୍ୟକ୍ରମ ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କ ଦୂରଦର୍ଶୀ ନେତୃତ୍ୱର ଉଚ୍ଚପ୍ରଶଂସା କରିଥିଲେ। ରାଉରକେଲା ବିଧାୟକ ସାରଦା ନାୟକ ମଧ କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀଙ୍କ ବଳିଷ୍ଠ ନେତୃତ୍ୱର ପ୍ରଶଂସା କରିଥିଲେ। ବିଧାୟକ ସୁବ୍ରତ ତରାଇ ଧନ୍ୟବାଦ ଜଣାଇଥିଲେ । ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀ ଚଳିତ ବର୍ଷ ସ୍ୱାଧୀନତା ଦିବସ ଅବସରରେ ସ୍ମାର୍ଟ ହେଲ୍ଥ କାର୍ଡ ସଂପର୍କରେ ଘୋଷଣା କରିଥିଲେ । ଏହାପରେ ଅଗଷ୍ଟ ୨୦ ତାରିଖରେ ସେ ମାଲକାନଗିରିରେ ପ୍ରଥମ କରି ସ୍ମାର୍ଟ ହେଲ୍ଥ କାର୍ଡ ବଂଟନର ଶୁଭାରମ୍ଭ କରିଥିଲେ।ସ୍ମାର୍ଟ ହେଲ୍ଥ କାର୍ଡ ବଂଟନରେ ସୁନ୍ଦରଗଡ ହେଉଛି ଦ୍ୱିତୀୟ ଜିଲ୍ଲା।

## ସ୍ୱିଗି ବୟ ନିଜ ରଚିଥିଲା ନିଜ....

ଅଡିଓ ମେସେଜ୍ ପୋଲିସର ସନ୍ଦେହକୁ ବଢ଼ାଇଥିଲା । ପୋଲିସ ସନ୍ଦେହ କରିଥିଲା, ଛୁରୀ ମାଡର ଶିକାର ହୋଇଥିବା ବ୍ୟକ୍ତି ଉଚ୍ଚାରଣ କରିଥିବା ଧନ ଶବ୍ଦକୁ ନେଇ ସନ୍ଦେହ ବଢ଼ିଥିଲା, ମେସେଜ ପଠାଇଥିବା ଲୋକେସନ ଓ ସୁଇଚଅଫ୍ ଲୋକେସନ ଅଲଗା ଅଲଗା ଥିଲା, କୌଣସି ଅପହରଣକାରୀ ଅପହୃତଙ୍କୁ କେବେ ହେଲେ ଡାଲା ଅଟୋରେ ନିଅନ୍ତି ନାହିଁ, ଉଦ୍ଧାର ହୋଇଥିବା ପୋଷାକରେ ରକ୍ତ ଦାଗ ନଥିଲା । ଆଉ ଏସବୁ କାରଣକୁ ନେଇ ସନ୍ଦେହ ବଢ଼ିଥିଲା । ଫଳରେ ପୋଲିସର ତଦନ୍ତ ପତିତପାବନ ଉପରେ କେନ୍ଦ୍ରୀଭୂତ ହୋଇଥିଲା । ସିସିଟିଭି ଫୁଟେଜରୁ ସେ ଷ୍ଟେସନ ଭିତରକୁ ଯାଉଥିବା ଦେଖିବାକୁ ମିଳିବା ପରେ ସନ୍ଦେହ ଆହୁରି ବଢ଼ିଥିଲା । ମଧ୍ୟପ୍ରଦେଶ ଟ୍ରେନରେ ସେ ଚଢ଼ିଥିବାର ପ୍ରମାଣ ପାଇବା ପରେ ଆରପିଏଫଙ୍କୁ ଯୋଗାଯୋଗ କରିଥିଲା ଓଡିଶା ପୋଲିସ । ପତିତପାବନଙ୍କ ସହ ଫେରାର ହୋଇଥିବା ଯୁବତୀଙ୍କୁ ନେଇ ଏକ ନିଖୋଜ୍ ମାମଲା ପୁରୀର ଗୋପ ଥାନାରେ ରୁଜୁ ହୋଇଥିଲା । ପ୍ରକୃତରେ ପୋଲିସ ଏହି ନିଖୋଜ ମାମଲାରୁ ପତିତପାବନର ସନ୍ଧାନ ପାଇଥିଲା । ଜଣେ ବିବାହିତ ବ୍ୟକ୍ତି , ଆଉ ଜଣେ ଯୁବତୀଙ୍କ ସହ ପ୍ରେମର ଅନେକ ଘଟଣା ଦେଖିବାକୁ ମିଳେ । କିନ୍ତୁ ଏକ ଅପହରଣ ନାଟକ କରି ନିଜ ସ୍ତ୍ରୀଠାରୁ ଅଲଗା ହୋଇ ଆଉ ଏକ ଯୁବତୀ ସହ ଫେରାର ହେବା ଘଟଣା ଚର୍ଚ୍ଚା ସୃଷ୍ଟି କରିଛି ।

## ମୂର୍ତ୍ତି ଉଚ୍ଚତା ବିବାଦକୁ ନେଇ....

ସରକାର ଆଲୋଚନା କରି ନୂଆ ନିଷ୍ପତି ନେଇଥିବାରୁ ଏହି ଟ୍ୱିଟର କଣ ରହିବ ପ୍ରଭାବ ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ଏହାରି ଭିତରେ ସ୍ୱାସ୍ଥ୍ୟ ବିଭାଗର ୩ ବରିଷ୍ଠ ଅଧିକାରୀ ସାମ୍ନାକୁ ଆସି ସରକାରଙ୍କ ନିଷ୍ପତିକୁ ଯଥାର୍ଥ ଦର୍ଶାଇବାକୁ ଚେଷ୍ଟା କରିଛନ୍ତି । ପାର୍ବଣ ଋତୁରେ ସଂକ୍ରମଣ ବଢିବା ଆଶଙ୍କାରେ ସରକାର ଲଗାଇଥିବା କଟକଣାକୁ ହେଉଥିବା ବିରୋଧ ଏକ ନିର୍ଣ୍ଣାୟକ ଲଢେଇର ରୂପ ନେଇଛି । କାରଣ, ଉଭୟ ପକ୍ଷ ନିଜ ନିଜ ଜିଦରେ ଅଟଳ ଥିବାରୁ ମଝି ରାସ୍ତା କଣ ବାହାରିବ, ତାଉପରେ ନଜର ରହିଛି ।

## ଅନୁଗୁଳ ଏବଂ ତାଳଚେର ମଧ୍ୟରେ....

କରାଯାଇଛି। ସେହିପରି ଗତକାଲି ଆନନ୍ଦ ବିହାରରୁ ଯାତ୍ରା ଆରମ୍ଭ କରିଥିବା ୦୨୮୧୪ ଆନନ୍ଦ ବିହାର-ଭୁବନେଶ୍ୱର ସ୍ପେଶାଲ ଟ୍ରେନ୍ ବର୍ତମାନ ଏହାର ଗତିପଥ ପରିବର୍ତନ କରି ଚକ୍ରଧରପୁର-ଜାରୋଲି ଓ ଜାଖାପୁରା ଦେଇ ଚଳାଚଳ କରିବ। ବିଶାଖାପାଟନମ୍‌ରୁ (ବର୍ତମାନ ଖାଲିକୋଟରେ ଥିବା) ୦୮୫୦୩ ବିଶାଖାପାଟନମ୍-ଅମୃତସର ସ୍ପେଶାଲ୍ ଭିଜିଆନଗରମ୍-ରାୟାଗଡା-ଟିଟିଲାଗଡ-ସମ୍ବଲପୁର ଦେଇ ଚଳାଚଳ କରିବ । ଗତକାଲି ଦୁର୍ଗରୁ ଯାତ୍ରା ଆରମ୍ଭ କରିଥିବା ୦୮୪୨୬ ଦୁର୍ଗ-ପୁରୀ ସ୍ପେଶାଲ୍ ଏବେ ଭାୟା ସମ୍ବଲପୁର-ଟିଟିଲାଗଡ-ଭିଜିଆନଗରମ୍-ଖୋର୍ଦ୍ଧା ରୋଡ୍ ଦେଇ ଚଳାଚଳ କରିବ । ଗତକାଲି ହାଟିଆରୁ ଯାତ୍ରା ଆରମ୍ଭ କରିଥିବା ୦୮୪୫୧ ହାଟିଆ-ପୁରୀ ତପସ୍ୱିନୀ ସ୍ପେଶାଲ୍ ଏବେ ଭାୟା ସମ୍ବଲପୁର-ଟିଟିଲାଗଡ-ଭିଜିଆନଗରମ୍-ଖୋର୍ଦ୍ଧା ରୋଡ୍ ଦେଇ ଚଳାଚଳ କରିବ । ଏଲ୍‌ଟିଟିରୁ ୧୨ ତାରିଖରୁ ଯାତ୍ରା ଆରମ୍ଭ କରିଥିବା ୦୨୧୪୫ ଏଲ୍‌ଟିଟି-ପୁରୀ ସ୍ପେଶାଲ୍ ଏବେ ଭାୟା ସମ୍ବଲପୁର-ଟିଟିଲାଗଡ-ଭିଜିଆନଗରମ୍-ଖୋର୍ଦ୍ଧା ରୋଡ୍ ଦେଇ ଚଳାଚଳ କରିବ । ବିକାନେରରୁ ୧୨ ତାରିଖରୁ ଯାତ୍ରା ଆରମ୍ଭ କରିଥିବା ୦୪୭୦୯ ବିକାର୍ନେ-ପୁରୀ ସ୍ପେଶାଲ୍ ଏବେ ଭାୟା ସମ୍ବଲପୁର-ଟିଟିଲାଗଡ-ଭିଜିଆନଗରମ୍-ଖୋର୍ଦ୍ଧା ରୋଡ୍ ଦେଇ ଚଳାଚଳ କରିବ । ଗତକାଲି ଗୁଣୁପୁରରୁ ଯାତ୍ରା ଆରମ୍ଭ କରିଥିବା ୦୫୧୨୮ ଗୁଣୁପୁର-ରାଉରକେଲା ସ୍ପେଶାଲ୍ ଏବେ ଭାୟା କପିଳାସ ରୋଡ୍-ଜାଖାରପୁରା-ଜାରୋଲି ଦେଇ ଚଳାଚଳ କରିବ । ପୁରୀରୁ ଗତକାଲି ଯାତ୍ରା ଆରମ୍ଭ କରିଥିବା ୦୨୦୩୭ ପୁରୀ ଅଜମେର ସ୍ପେଶାଲ୍ ଏବେ ଭାୟା ଖୋର୍ଦ୍ଧା ରୋଡ୍-ଭିଜିଆନଗରମ୍-ରାୟଗଡ଼ା-ଟିଟିଲାଗଡ଼ ଦେଇ ଚାଚଳ କରିବ। ଅନ୍ୟପକ୍ଷେ, ଆଜି ୦୨୮୬୧ ରାଉରକେଲା-ଭୁବନେଶ୍ୱର ଇଂଟର ସିଟି ସ୍ପେଶାଲ ଟ୍ରେନ୍‌କୁ ଆଂଶିକ ଭାବେ ବାତିଲ୍ କରାଯାଇଛି।

## ଗୁରୁ ଚନ୍ଦ୍ରମଣୀ ଲେଙ୍କାଙ୍କୁ ସମ୍ବର୍ଦ୍ଧନା

ପୁରୀ,୧୪/୦୯ (ନି.ପ୍ର): ଶ୍ୟାମସୁନ୍ଦର ସଙ୍ଗୀତ ମହାବିଦ୍ୟାଳୟ ପରିସରରେ ଗୁରୁ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି। ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ସଭାପତି ତଥା ବର୍ଷିଆନ୍ ନୃତ୍ୟଗୁରୁ ଗୋବିନ୍ଦ ଚନ୍ଦ୍ର ପାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଅବସରରେ ବିଧାୟକ ଶ୍ରୀଷଡଙ୍ଗୀ ଓଡ଼ିଶା ସଙ୍ଗୀତ ଏକାଡେ଼ମୀ ପକ୍ଷରୁ ଗତ ୨୦୧୯ ଲାଗି ସମ୍ବର୍ଦ୍ଧିତ ଅନୁଷ୍ଠାନର ଅଧକ୍ଷ ଗୁରୁ ଚନ୍ଦ୍ରମଣୀ ଲେଙ୍କାଙ୍କୁ ଉତ୍ତରୀୟ ଓ ପୁଷ୍ପମାଲ୍ୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପ୍ରାରମ୍ଭରେ ତାନପୁରାରର ମୁଖ୍ୟସମ୍ପାଦକ ନାରାୟଣ ଚନ୍ଦ୍ର ସିହ୍ନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ତଥା ଉତ୍ସବର ଆୟୋଜକ ମହାବୀର ପ୍ରତିହାରୀ ମଞ୍ଚାସୀନ ଥିଲେ। ଭରତ ଚନ୍ଦ୍ର ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ବନ୍ୟାଜଳରେ ଭାସିଗଲା ମହିଳା : ଉଦ୍ଧାର କରିବାକୁ ଯାଇ ସ୍ୱାମୀ ପାଣିଘେରରେ

ନୀଳଗିରି,୧୪/୦୯ (ନି.ପ୍ର): ନୀଳଗିରିରେ ଲଘୁଚାପ ବର୍ଷା ଯୋଗୁଁ ଅନେକ ଗାଁ ପାଣି ଘେରରେ ରହିଥିବା ବେଳେ ଜେନିକ ମହିଳା ବର୍ଷା ପାଣି ସ୍ରୋତରେ ଭାସିଯାଇ ଏକ ଗଛରେ ଆଶ୍ରୟ ନେଇଥିଲେ। ସ୍ତ୍ରୀର ଜୀବନ ବଞ୍ଚାଇବାକୁ ସ୍ୱାମୀ ଯାଇଥିବା ବେଳେ ସେ ମଧ ପାଣିଘେରରେ ରହିଯାଇଥିବା ଘଟଣା ଅତ୍ୟନ୍ତ ଦୁଃଖଦାୟକ । ନୀଳଗିରିବ୍ଲକର ବେଗୁନିଆ ପଞ୍ଚାୟତର ସଂସାପାଳ ଗ୍ରାମର ସୋମବାରି ସିଂ ବନ୍ୟା ପାଣିରେ ଭାସିଯାଇଥିବା ବେଳେ ଭାସିଯାଇ ଏକ ଗଛରେ ସାହାରା ନେଇଥିବା ବେଳେ ସ୍ତ୍ରୀର ଜୀବନକୁ ବଂଚାଇବାକୁ ଯାଇ ସେ ମଧ ଜଳ ଘେରା ମଧ୍ୟରେ ରହିଯାଇଥିଲେ । ଖବରପାଇ ଦମକଳ ବିଭାଗ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ବାସିନ୍ଦାକୁ ଧରି ସ୍ୱାମୀ-ସ୍ତ୍ରୀକୁ ଉଦ୍ଧାର କରିଛନ୍ତି । ବନ୍ୟାଜଳରେ ଭାସିଯାଇଥିବା ସୋମବାରୀ ଭଗବାନଙ୍କ କୃପାରୁ ପୁନଃଜୀବନ ପାଇଲି ବୋଲି ପ୍ରକାଶ କରିଛନ୍ତି । ଉକ୍ତ ଘଟଣାକୁ ନୀଳଗିରି ତହସିଲଦାର ଅଶେଷ କୁମାର ନାୟକ ଗୁରୁତ୍ୱ ଦେଇ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଛନ୍ତି ।

## ବର୍ଷା ପାଣି ଘରେ ପଶିଲା : ପରିବାର ଲୋକଙ୍କୁ ଖାଦ୍ୟ ଓ ପାନୀୟ ଯୋଗାଣ

ବସ୍ତା,୧୪/୦୯ (ନି.ପ୍ର): ଲଘୁଚାପ ଯନିତ ୪ଦିନଧରି ପ୍ରବଳବର୍ଷା ହେବାଫଳରେ ରୂପସା ଥାନା ଅଧିନସ୍ଥ କସିପଦା ପଞ୍ଚାୟତ କସିପଦା ଗ୍ରମର ବିଦ୍ୟାଧର ବେହେରା, ଶଶିଧର ପରିଡା, ବାବୁଲି ରଣା, ଅଚ୍ୟୁତ ରାଉତ, ପୋଡାଡିହାଗ୍ରାମର ଡମ୍ବରୁଧର ବର, ପୂର୍ଣ୍ଣବର, ଶିବ ପଟନାୟକ ସମେତ ଅନେକଙ୍କ ଘରେ ବର୍ଷାପାଣି ପଶି ଯାଇଛି । ତଳିଆ ଅଞ୍ଚଳ ହୋଇଥିବା ବେଳେ ଡ୍ରେନର ବ୍ୟବସ୍ଥା ନାହିଁ ଯାହାଫଳରେ ଘରଭିତରକୁ ପାଣିପଶି ଆସବା ପତ୍ର ସମେତ ଧାନ ଚାଉଳ ସବୁ ପାଣିରେ ଉବୁଟୁବୁ ହୋଇଛି । ଚୁଲିରେ ପାଣି ପଶିଯିବାରୁ ରନ୍ଧାବଢା ବନ୍ଦ ହୋଇଛି । ପାଣି ନିଷ୍କାସନ ବ୍ୟବସ୍ଥା ନଥିବାଯୋଗୁ ପାଣି ନିଷ୍କାସନରେ ବାଧାସୃଷ୍ଟି ହୋଇଛି । ଗତକାଲି ବିଳମ୍ବିତ ରାତ୍ରିରେ ହଠାତ ଘରଲୋକେ ଶୋଇଥିବା ଅବସ୍ଥାରେ ଘରଭିତରକୁ ପାଣି ପଶି ଯାଇଥିଲା । ଖବରପାଇ ଆଛା ସେଚ୍ଛାସେବି ସଂଗଠନ ସଭାପତି ପଣୟମହାପାତ୍ରଙ୍କ ନେତୃତ୍ୱରେ ସଂଗଠନର କର୍ମୀମାନେ ଉକ୍ତ ଗ୍ରାମରେପହଞ୍ଚି ଘରଘର ବୁଲି ପାଣି ନିଷ୍କାସନ କରିଥିଲେ ଓ ଶ୍ରୀମହାପାତ୍ର ସଦର ବିଡିଓଙ୍କୁ ଯୋଗାଯୋଗ କରି ତୁରନ୍ତ ଖାଦ୍ୟ ଯୋଗାଇବାସହିତ କ୍ଷତିପୂରଣ ପାଇବା ପାଇଁ ଆଲୋଚନା କରିଥିଲେ । ତେବେୟଥାଶିଘ୍ର ପାଣିନିସ୍କାଶନ ବ୍ୟବସ୍ଥା କରିବା ସହିତ କ୍ଷତିପୁରଣ ପାଇଁ ଗ୍ରାମବାସୀ ଦାବିକରିଛନ୍ତି ।

## କୋଭିଡ ଗାଇଡଲାଇନ ଉଲ୍ଲଂଘନ : ୧୦ ଗିରଫ

ଭୁବନେଶ୍ୱର,୧୪/୦୯ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୦ ଜଣଙ୍କୁ ଗିରଫ ଜବତ କରା ଯାଇଛି। ୯୮ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୫,୧୯,୭୫୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

## ଚଳିତ ସେପ୍ଟେମ୍ବର ୧୯ ତାରିଖ ଦିନ ଏକ ଲୋକ ଅଦାଲତ ଅନୁଷ୍ଠିତ ହେବ

ବାରିପଦା,୧୪/୦୯ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତତ୍ତ୍ୱାବଧାନରେ ଚଳିତ ସେପ୍ଟେମ୍ବର ୧୯ ତାରିଖ ରବିବାର ଦିନ ଜିଲ୍ଲା ସ୍ତରୀୟ ଏବଂ ତାଲୁକ ସ୍ତରୀୟ ବିଚାର ବିଭାଗୀୟ କୋର୍ଟ ପରିସରରେ ଏକ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଅଛି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରଧିନ ମକର୍ଦ୍ଦମା ଯଥା ଫୌଜଦାରୀ(ସାଲିସ ଯୋଗ୍ୟ), ଚେକ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତ ବିବାଦ, ବୁଦ୍ୟୁତ, ଜଳ ଓ ଅନ୍ୟାନ୍ୟ ବିଲ୍ ଦେୟ ଜନିତ ବିବାଦ(ସାଲିସ ବିହୀନ ବିବାଦକୁ ବାଦ ଦେଇ), ବୈବାହିକ ବିବାଦ(ଛାଡପତ୍ର ବ୍ୟତୀତ), ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ (ଦରମା, ଭତା ଓ ଅବସରକାଳୀନ ପ୍ରାପ୍ୟ) ଓ ଅନ୍ୟାନ୍ୟ ଦେୱାନୀ ମକର୍ଦ୍ଦମା ଇତ୍ୟାଦିର ଅପୋଷ ସହମତିରେ ସମାଧାନ କରାଯାଇ ପାରିବ । କେବଳ ବିଚାରଧିନ ମକର୍ଦ୍ଦମା ନୁହେଁ, ପ୍ରାକ୍-ମକର୍ଦ୍ଦମା ସ୍ତରୀୟ(କଚେରୀରେ ଦାୟର ହୋଇନଥିବା) ଚେକ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ବିଲ୍ ଦେୟ ଜନିତ ବିବାଦ (ସାଲିସ ବିହୀନ ବିବାଦକୁ ବାଦ ଦେଇ), ଭରପୋଷଣ ବିବାଦ, ଅନ୍ୟାନ୍ୟ ସାଲିସ ଯୋଗ୍ୟ ଫୌଜଦାରୀ ଓ ଦେୱାନୀ ମକର୍ଦ୍ଦମା ଇତ୍ୟାଦିର ମଧ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ। ଲୋକ ଅଦାଲତରେ ମକର୍ଦ୍ଦମା / ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡେ ନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୁଡାନ୍ତ ଏବଂ ଅମଳ ଯୋଗ୍ୟ। ଯଦି କୌଣସି ବିଚାରାଧିନ ମକର୍ଦ୍ଦମା / ବିବାଦର ସମାଧାନ ଲୋକ ଅଦାଲତ ମାଧମରେ ହୁଏ, ଆଗରୁ ପଇଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ । ଦୀର୍ଘ ଦିନ ଧରି ଚାଲୁରହିଥିବା ମକର୍ଦ୍ଦମା ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହି ସୁଯୋଗର ସଦୁପ ଯୋଗ କରନ୍ତୁ । ସବିଶେଷ ବିବରଣୀ ନିମନ୍ତେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ମୟୂରଭଞ୍ଜ, ବାରିପଦା କିମ୍ବା ତାଲୁକ ଅଦାଲତ ସେବା ସମିତିଙ୍କ ସହ ତୁରନ୍ତ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଉଅଛି।

# ଚଳିତ ବର୍ଷ ଭଦ୍ରକରେ ନିରାଡମ୍ବରରେ ଶ୍ରୀଶ୍ରୀ ଅନନ୍ତ ନାରାୟଣଙ୍କ ପୂଜା ହେବ



ଭଦ୍ରକ,୧୪/୦୯ (ନି.ପ୍ର): ଭଦ୍ରକ ସହର ଅନ୍ତର୍ଗତ ନରିପୁର (ଅସ୍ତଳ) ଗ୍ରାମରେ ପ୍ରତିବର୍ଷ ଅନନ୍ତ ବ୍ରତରେ ମହାପ୍ରଭୁ ଶ୍ରୀଶ୍ରୀ ଅନନ୍ତ ନାରାୟଣଙ୍କ ପୂଜୋତ୍ସବ ଅନୁଷ୍ଠିତ ହୋଇଥାଏ। ଚଳିତ ମାସ ୧୯ ତାରିଖ ରବିବାର ଅନନ୍ତ ବ୍ରତ ପୂଜାରେ ମହାପ୍ରଭୁ ଶ୍ରୀଶ୍ରୀ ଅନନ୍ତ ନାରାୟଣଙ୍କ ପୂଜା ଉତ୍ସବ କୋଭିଡ୍ ନିୟମରେ ଏବଂ ନିରାଡମ୍ବର ଭାବେ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ଜଣାଯାଇଛି। ତେବେ ଲୋକ ସଂସ୍କୃତି, ପରମ୍ପରା ଓ ବିଶ୍ୱାସକୁ ନେଇ ବର୍ଷବର୍ଷ ଧରି ଆୟୋଜନ ହେଉଛି ଏହି ପୂଜା। କିମ୍ବଦନ୍ତୀ ଅନୁସାରେ ଭଦ୍ରକ ସହର ନରିପୁର (ଅସ୍ତଳ) ଗ୍ରାମନିବାସୀ ସ୍ୱର୍ଗତ କ୍ଷେତ୍ରମୋହନ ନାୟକ ଓ ତାଙ୍କ ସାଙ୍ଗ ସ୍ୱର୍ଗତ ପୁରୁଷୋତ୍ତମ ପଡିଆରୀ ଦୁହେଁ ବନ୍ତ ବ୍ଲକ ଅନ୍ତର୍ଗତ ମଙ୍ଗୁଳି ଗ୍ରାମର ଏକ ତିନିଛକ ରାସ୍ତାରେ ତମ୍ବା ନାଗ, ବ୍ରତ ଆଦି ପାଇ ସ୍ୱର୍ଗତ ନାୟକ ତାଙ୍କ ଘରକୁ ଆଣିଥିଲେ। କ୍ଷେତ୍ରମୋହନ ଓ ତାଙ୍କ ପତ୍ନୀ ଜଞ୍ଜାଳି ଦେବୀ ଠାକୁରଙ୍କୁ ପୂଜାର୍ଚ୍ଚନା କରି ଆସୁଥିବା ବେଳେ ତାଙ୍କ ପୁତ୍ର ସୁରେନ୍ଦ୍ର ଓ ପୁତ୍ରବଧୂ ହରିପ୍ରିୟା ଦୈନନ୍ଦିନ ନୀତିପୂଜା କରୁଥିଲେ। ଘର ପାଖ ଚଉଁରାମୂଳରେ ସ୍ୱତନ୍ତ୍ର ଠାକୁର ଘର ନିର୍ମାଣ ଚାଲୁଥିବା ବେଳେ ୧୯୭୯ ମସିହାରେ ଅକ୍ଷୟ ତୃତୀୟା ଦିନ ଅନନ୍ତଶଯ୍ୟା ବିଶିଷ୍ଟ ମୂର୍ତ୍ତି ପ୍ରତିଷ୍ଠା କରିବାକୁ ସ୍ୱପ୍ନାଦେଶ ପାଇ ଏହି କାର୍ଯ୍ୟ ସମ୍ପନ୍ନ କରିଥିଲେ। ତିହିଡ଼ି ଥାନା ଅଧୀନ ପାଳିଆ ଗ୍ରାମର ମୂର୍ତ୍ତି କାରିଗର ବାବାଜୀ ପୃଷ୍ଟିଙ୍କୁ ସ୍ୱପ୍ନାଦେଶ ହେବାରୁ ସେ ବିଗ୍ରହମାନ ଗଢିଥିଲେ ବୋଲି କୁହାଯାଏ। ସ୍ୱର୍ଗତ ସୁରେନ୍ଦ୍ରଙ୍କ ପରେ ଏହି ପୂଜା ରୀତି ଅନୁଯାୟୀ ତାଙ୍କ ବଡ଼ପୁଅ ଅମର ନାୟକ ଏହାର କର୍ତ୍ତା ହେଉଛନ୍ତି।

# ଦୀର୍ଘଦିନରୁ ଭୂତଙ୍କ ରାସନ ଲୁଟ : ଥାନାରେ ଏତଲା



ପାରାଦୀପ,୧୪/୦୯ (ନି.ପ୍ର): ମୃତ ବ୍ୟକ୍ତିଙ୍କ ନାମରେ ନିଆଯାଇଛି ଖାଉଟି ସାମଗ୍ରୀ । ଏହା ଆଜିର କଥା ନୁହେଁ ଦୀର୍ଘଦିନ ଧରି ଡିଲର ଦେଉଛନ୍ତି, ଭୂତ ନେଉଛନ୍ତି । ଯାହା ସ୍ଥାନୀୟ ଅଂଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟି ଥିବା ବେଳେ ମୃତ ବ୍ୟକ୍ତିଙ୍କ ନାମରେ ରାସନ କାର୍ଡ ଥିବା ପରିବାରଙ୍କ ନିକଟରୁ ତାହା ନେଇଯିବାକୁ ନେଇ ମାମଲା ପହଁଚିଛି କୁଜଙ୍ଗ ଥାନାରେ । ମଙ୍ଗରାଜପୁର ପଞ୍ଚାୟତର ମଙ୍ଗରାଜପୁର ଏବଂ ହସିଣା ଗ୍ରାମର ପ୍ରାୟ ୭୦ ରୁ ଉର୍ଦ୍ଧ୍ୱ ମୃତ ବ୍ୟକ୍ତିଙ୍କ ନାମରେ ଉଠାଯାଉଛି ଖାଉଟି ସାମଗ୍ରୀ। ଏହି ଖାଉଟି ତାଲିକାରେ ଥିବା ଲୋକ ମାନଙ୍କ ମଧ୍ୟରୁ କିଏ ଏକ ବର୍ଷ ପୂର୍ବରୁ, କିଏ ଦୁଇବର୍ଷ କିମ୍ବା ଚାରିବର୍ଷ ହେବ ମୃତ୍ୟୁବରଣ କରିଥିବା ବେଳେ ଏମାନଙ୍କ ଖାଉଟି ସାମଗ୍ରୀ କିଏ ନେଉଛି ଓ ଦେଉଥିବା ଡିଲର କିପରି ଭାବରେ ମୃତ ବ୍ୟକ୍ତିଙ୍କ ନାମରେ ଖାଉଟି ଦ୍ରବ୍ୟ ପ୍ରଦାନ କରୁଛନ୍ତି ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଆଲୋଡନ ସୃଷ୍ଟି ହୋଇଛି । ଏହି ବିଷୟରେ କିଛିଦିନ ପୂର୍ବରୁ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ମଙ୍ଗରାଜପୁର ଗ୍ରାମରେ ଖାଉଟି ସାମଗ୍ରୀ ପ୍ରଦାନ କରୁଥିବା ଏସଏଚଜି ଗ୍ରୁପ ମଧ୍ୟରେ ଆଲୋଡନ ସୃଷ୍ଟି ହୋଇଛି। ଏପରିକି ମୃତ ବ୍ୟକ୍ତିଙ୍କ ନାମରେ ରାସନ ସାମଗ୍ରୀ ଥିବା ପରିବାର ଲୋକଙ୍କ ପାଖରୁ ରାସନ କାର୍ଡ ନେଇ ଯାଇଥିବା ଅଭିଯୋଗରେ ମଙ୍ଗରାଜପୁର ଗ୍ରାମର ୪ଜଣ ପୁରୁଷ, ମହିଳା ଏ ସମ୍ପର୍କରେ କୁଜଙ୍ଗ ଥାନାରେ ଏତଲା ଦେଇଛନ୍ତି । ଘଟଣାରୁ ପ୍ରକାଶ ଯେ, କୁଜଙ୍ଗ ମଙ୍ଗରାଜପୁର ପଞ୍ଚାୟତରେ ୭୧ଜଣ ମୃତ ବ୍ୟକ୍ତିଙ୍କ ନାମରେ ବର୍ଷ ବର୍ଷ ଧରି ରାସନ ସାମଗ୍ରୀ ହଡପ କରାଯାଉଥିବା ଅଭିଯୋଗକୁ ନେଇ ତତ୍ପରତା ପ୍ରକାଶ ପାଇଛି ଗ୍ରାମରେ ରାସନ ସାମଗ୍ରୀ ପ୍ରଦାନ କରୁଥିବା ସଂସ୍ଥାଙ୍କ ମଧ୍ୟରେ ଯାହାର ପ୍ରତିଫଳନ ସ୍ୱରୂପ ଯେଉଁ ପରିବାରର ମୃତ ବ୍ୟକ୍ତିଙ୍କ ନାମରେ ରାସନ ସାମଗ୍ରୀ ଲୁଟ କରାଯାଇଛି ସେ ପରିବାର ନିକଟରୁ ରାସନ କାର୍ଡ ଛଡାଇ ନିଆଯିବାକୁ ନେ କୁଜଙ୍ଗ ଥାନାରେ ଏତଲା ଦିଆଯାଇଛି । ଏଠାରେ ପ୍ରକାଶ ଥାଉକି, ଗ୍ରାମର ବାବାଜୀ ତରାଇଙ୍କ ପୁଅ ଏକବର୍ଷ ତଳୁ ମୃତ୍ୟୁବରଣ କରିଥିଲେ । ତାଙ୍କ ରାସନକାର୍ଡରେ ରାସନ ସାମଗ୍ରୀ ଉଠାଉଥିବା ଅଭିଯୋଗ ପରେ ବାବାଜୀ ଘରେ ଶୋଇଥିବା ସମୟରେ ତାଙ୍କ ପତ୍ନୀ ଙ୍କ ନିକଟରୁ ଟିପ ଚିହ୍ନ ନେବା ଘଟଣାକୁ ନେଇ ଥାନାରେ ଅଭିଯୋଗ କରିଥିବା ବେଳେ ସମାନ ଘଟଣାକୁ ନେଇ ଗ୍ରାମର ସଂଜୁଳତା ପରିଡା, ପ୍ରୀତିଲତା ବେହେରା, ମଧୁ ରାଉତ ପ୍ରମୁଖ କୁଜଙ୍ଗ ଥାନାରେ ଦେଇଥିବା ଏତଲା ଆଧାରରେ ମଙ୍ଗରାଜପୁର ଗ୍ରାମର ଛବି ବେହେରା, ଯୋଗିନ୍ଦ୍ର ସ୍ୱାଇଁ ରାସନ କାର୍ଡରେ ତ୍ରୁଟି ରହିଛ ଏବଂ ଏଥିରେ ସଂଶୋଧନ କରାଯିବ କହି ଦସ୍ତଖତ ନେବା ସହିତ ମୃତ ବ୍ୟକ୍ତିଙ୍କ ନାମ ଥିବା ପୃଷ୍ଠାକୁ ଚିରିଦେବା ନେଇ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ କୁଜଙ୍ଗ ସମେତ ପାରାଦୀପ ଅଂଚଳର ବୁଦ୍ଧିଜୀବୀ ମହଲରେ ନିନ୍ଦା କରାଯିବା ସହିତ ଏହି ଭୁତ ହିତାଧିକାରୀଙ୍କ ରାସନ ଲୁଟ ଘଟଣାର ପ୍ରକୃତ ତଦନ୍ତ କରାଗଲେ ଅସଲ ଚେହେରା ମାନେ ସାମ୍ନାକୁ ଆସିବେ ବୋଲି ମଧ ଦାବୀ ହେଉଛି।

# ଲଗାଣ ବର୍ଷାରେ ଭାଙ୍ଗିଲା ଘର, ବନ୍ଧ ଓ ବୁଡ଼ିଲା ଗାଁ

ନୀଳଗିରି,୧୪/୦୯ (ନି.ପ୍ର): ଲଗାତର ଲଘୁଚାପ ବର୍ଷା ଯୋଗୁଁ ବାଲେଶ୍ୱର ଜିଲ୍ଲାର ନୀଳଗିରି ବ୍ଲକରେ ବ୍ୟାପକ କ୍ଷୟକ୍ଷତି ଘଟିଥିବା ବେଳେ ଅନେକ ଗାଁ ଜଳବନ୍ଦୀ ଘେରରେ ରହିଛନ୍ତି । ଉକ୍ତ ବ୍ଲକର ମହିଷାପଟା ଗ୍ରା.ପ. ରେ ଡମ୍ବରୁଘାଟି ଗ୍ରାମରେ ଥିବା ଜାମ୍ବୁଝର ବନ୍ଧଟି ଭାଙ୍ଗିଯିବାରୁ ଡମ୍ବରୁଘାଟି ଗାଁଟି ପାଣି ଘେରରେ ରହିଥିବା ବେଳେ ଉକ୍ତ ଗ୍ରାମର ରାଜୁ ସିଂ, ପିତାମ୍ବର ସିଂ, ସୁନୀ ସିଂ ଘର ଭାଙ୍ଗି ଯାଇଅଛି । ପିଲାଛୁଆଙ୍କୁ ଧରି ଉଚ୍ଚ ଜାଗାରେ ଆଶ୍ରୟ ନେଇଥିବା ବେଳେ ନୀଳଗିରି ମହାବୀର ଫାଉଣ୍ଡେସନର କାର୍ଯ୍ୟକର୍ତ୍ତା ଯଥା : ବିଦ୍ୟାଧର ବାରିକ, ବିଶ୍ୱସୁନ୍ଦର ବାରିକ, ସରୋଜ କୁମାର ବାରିକ, ଶୁଭକାନ୍ତ ଘଡ଼େଇ, ରମେଶ ଦାସ, ପ୍ରଦୀପ କୁମାର ମଲ୍ଲିକ, ସୁମନ୍ତ ମଲ୍ଲିକ, ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି କ୍ଷତିଗ୍ରସ୍ତ ପରିବାର ଲୋକଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଛନ୍ତି । ରାତିରେ ବିପନ୍ନ ପରିବାରକୁ ରନ୍ଧା ଖାଦ୍ୟ ବଣ୍ଟନ କରିଛନ୍ତି । ସେହିପରି ମୟୂରଭଞ୍ଜ ସୁନେଇ ଡ୍ୟାମରୁ ବନ୍ୟା ଜଳ ନିଷ୍କାସନ ଯୋଗୁଁ ସୋନ ନଦୀର ପାଣିସ୍ତର ବଢ଼ିବାରେ ଲାଗିଛି । ଫଳରେ ନୀଳିରି ବ୍ଲକର ବାଡ଼ିଆ, ଅଯୋଧ୍ୟା, କୁହ୍ଲାପାଳ, କରଞ୍ଜିଆ, ସଂସାପାଳ, ସିଂଗିରି, ତୋଟାପଡ଼ା, ବେଗୁନିଆ, ଜୁଣକୋଇଲି , ଖସାପଡ଼ିଆ ଆଦି ଗ୍ରାମ ବନ୍ୟା ଯୋଗୁଁ ପ୍ରଭାବିତ ହେବାର ଆଶଙ୍କା ଥିବା ବେଳେ ବାଡ଼ିଆ ଗାଁଟି ସଂପୂର୍ଣ୍ଣ ଜଳଘେର ମଧ୍ୟରେ ରହିଛି। ଉକ୍ତ ଗ୍ରାମରେ ୭୦ରୁ ଅଧିକ ପରିବାର ପାଣିଘେରରେ ରହିଛନ୍ତି। ନୀଳଗିରି ତହସିଲଦାର ଅଶେଷ କୁମାର ନାୟକ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି । ଖୁବ୍‌ଶୀଘ୍ର କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହୟତା ଯୋଗାଇ ଦିଆଯିବ ବୋଲି ସୂଚନା ଦେଇଛନ୍ତି ।

